RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in



‘ଏକ ଚତୁର ନାର୍’ରେ ଦିବ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-55 ◆TUESDAY ◆19 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୫୫ ◆ମଙ୍ଗଳବାର ◆୧୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଗୁଜରାଟ୍‌ରେ ଦୁଇ କାର ମୁହାଁମୁହିଁ; ୮ ଜୀବନ୍ତ ଦଗ୍ଧ



■ ସୁରେନ୍ଦ୍ରନଗର, ୧୮।୮ (ଏଜେନ୍ସି): ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୮ଜଣ ଲୋକ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି। ୱାଧୱାନ ତାଲୁକାର ଦେଦାଦାରା ଗାଁର ନିକଟସ୍ଥ ରାଜପଥରେ ରବିବାର ଅପରାହ୍ଣ ୩.୪୦ରେ ଏକ କାର ଓ ଏସ୍‌ୟୁଭି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୨ ପିଲା ସାମିଲ ରହିଛନ୍ତି। କାରରେ ଥିବା ୮ ଜଣ ଲୋକ ବାହାରକୁ ବାହାରି ପାରି ନଥିଲେ ଓ ଜଳି ଯାଇଥିଲେ। ୭ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଆହତଙ୍କୁ ହସ୍ପିଟାଲ ନିଆଯାଉଥିବା ବେଳେ ଜୀବନ ହରାଇଥିଲେ। ଧକ୍କା ହେବା ପରେ କାର ରାସ୍ତା କଡେ ଗଳି ପଡ଼ିଥିଲା ଓ ସେଥିରେ ନିଆଁ ଲାଗିଯାଇଥିଲା। ସବୁ ମୃତକ ସମ୍ପର୍କୀୟ ଥିଲେ ଓ କଚ୍ଛରୁ ସୁରେନ୍ଦ୍ର ନଗର ଯାଉଥିଲେ। ସୂଚନା ମିଳିବା ପରେ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

## ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଅଘଟଣ; ବିଦ୍ୟୁତ୍ ଆଘାତରେ ୫ ମୃତ



■ ହାଇଦରାବାଦ୍, ୧୮।୮ (ଏଜେନ୍ସି): ହାଇଦରାବାଦ୍‌ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ଏକ ବଡ଼ ଅଘଟଣ ଘଟିଛି। ଉତ୍ସବ ପାଳନ କରିବାକୁ ଏକ ରଥ ଯାଉଥିବା ବେଳେ ହାଇଭୋଲ୍ଟେଜ ବିଜୁଳି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ ଆଘାତରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ରାମନାଥପୁରର ଗୋକୁଳନଗରରେ ରବିବାର ବିଳମ୍ବିତ ରାତିରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ଶୋଭାଯାତ୍ରାରେ ରଥକୁ ଏକ ବାହନ ଉପରେ ନିଆଯାଉଥିଲା। ତେବେ ବାହନ ଖରାପ ହେବା କାରଣରୁ ଶ୍ରଦ୍ଧାଳୁ ରଥକୁ ଉଠାଇ ନେଉଥିଲେ। କିନ୍ତୁ କରେଣ୍ଟ ଲାଗିବା କାରଣରୁ ଶ୍ରଦ୍ଧାଳୁ ଦୂରକୁ ଛିଟ୍‌କି ପଡ଼ିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକ ଏପଟେ ସେପଟେ ଦୌଡିବାକୁ ଲାଗିଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ପୀଡିତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ପରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ୫ ଜଣ ଲୋକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ କେନ୍ଦ୍ର କୋଇଲା ଓ ଖଣିଜ ମନ୍ତ୍ରୀ ଜି କିଶନ ରେଡ୍ଡୀ ଶ୍ରୀନିବାସନଙ୍କ ସମେତ ୪ଜଣ ଆହତ ହୋଇଛନ୍ତି।

### ବିରୋଧୀ ଦଳଙ୍କ ଯୋଜନା

# ସିଇସିଙ୍କ ବିରୋଧରେ ଆଣିବେ ମହାଭିଯୋଗ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ଏବଂ ‘ଭୋଟ ଚୋରି’ ଅଭିଯୋଗକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନ କମିସନ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ଉଠାଇଥିବା ଅଭିଯୋଗର ଯାଞ୍ଚ କରିବା ବଦଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସତ୍ୟପାଠ ଦାଖଲ କରିବା ଲାଗି କମିସନଙ୍କ ଆହ୍ୱାନ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଏଭଳି ଆଭିମୁଖ୍ୟରେ କ୍ଷୁବ୍ଧ ବିରୋଧୀ ଦଳ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରିଛନ୍ତି। ଆଜି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ଦଳ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ସତ୍ୟପାଠ ଦାଖଲ ପାଇଁ ଆହ୍ୱାନ ଦେଇ ଜ୍ଞାନେଶ କୁମାର ବିରୋଧୀ ଦଳ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ବ୍ୟକ୍ତି ହାତରେ ନିର୍ବାଚନ କମିସନ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରି ସେମାନେ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ପ୍ରସ୍ତାବ ଆଣିବେ ବୋଲି ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। କିନ୍ତୁ ବିରୋଧୀ ଦଳ ପାଖରେ ଏହି ସଂଖ୍ୟା ନଥିବାରୁ ଏହା କେବଳ ଏକ ଚାପ ରଣନୀତି ବୋଲି କୁହାଯାଉଛି।

ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ଆଜି ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଆଜି ବିରୋଧୀ ଦଳ ପକ୍ଷରୁ ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନରଙ୍କର ଆଭିମୁଖ୍ୟର ତୀବ୍ର ସମାଲୋଚନା ▶ପୃଷ୍ଠା-୭



### ବଢୁଛି ଭୋଟର ଜାଲିଆତି ବିବାଦ

### ସଂସଦରେ ଅଚଳାବସ୍ଥା ଜାରି

## ୬୫ ଲକ୍ଷ ଭୋଟରଙ୍କ ନାମ ଜାରିକଲେ କମିସନ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ବା ଏସ୍‌ଆଇଆର ପ୍ରକ୍ରିୟା ଉପରେ ବିରୋଧୀ ପ୍ରଶ୍ନ ଉଠାଇ ସଡ଼କରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏହି ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ଦାବି କରୁଛନ୍ତି। ଏପରି ସ୍ଥିଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ କମିସନ ବିହାରର ଚିଠା ଭୋଟର ତାଲିକାରୁ ହଟା ଯାଇଥିବା ୬୫ ଲକ୍ଷ ନାମ ତାଲିକା ଜାରି କରିଛନ୍ତି। ଗତ ୧ ତାରିଖରେ ଇସି ଏହି ଚିଠା ତାଲିକା ଜାରି କରିଥିଲେ। ଏଥିରୁ ୬୫ ଲକ୍ଷଙ୍କ ନାମ ହଟାଇ ଦେଇଥିଲେ। ଏହାକୁ ନେଇ ବିରୋଧୀ ଦଳ ହଙ୍ଗାମା କରିବା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ହଟା ଯାଇଥିବା ନାମ ତାଲିକା ଜାରି କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ନିର୍ବାଚନ କମିସନ ୬୫ ଲକ୍ଷ ▶ପୃଷ୍ଠା-୭

## ଓଡ଼ିଶାରେ ଏସ୍‌ଆଇଆର୍ ଶୀଘ୍ର

### ୨୪ ବର୍ଷ ପରେ ହେବ ଭୋଟର ତାଲିକା ସଂଶୋଧନ

■ ଭୁବନେଶ୍ୱର, ୧୮।୮ (ସମିସ): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରସଙ୍ଗରେ ସାରା ଦେଶ ହୁଲସ୍ଥୁଲ। ଏସ୍‌ଆଇଆର୍‌ରେ ଭୋଟର ସୂଚୀରୁ ୬୫ ଲକ୍ଷ ଭୋଟରଙ୍କୁ ବାଦ ଦେବା ପ୍ରସଙ୍ଗରେ ନିର୍ବାଚନ କମିଶନ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରସଙ୍ଗ ସଡ଼କରୁ ସଂସଦ ଓ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ରାଜ୍ୟ ସହ ଖୁବ୍ ଶୀଘ୍ର ଓଡ଼ିଶାରେ ଏସ୍‌ଆଇଆର୍ ଅର୍ଥାତ୍ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ୍। ଶେଷଥର ପାଇଁ ୨୦୦୨ରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା ଓ ୨୪ ବର୍ଷ ପରେ ପୁଣିଥରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍‌ଆଇଆର୍‌ର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନରେ ଅସଙ୍ଗତି ସମ୍ପର୍କରେ ଆଣିଥିବା ଅଭିଯୋଗର ଉତ୍ତର ଦିଆଯାଇଥିବା ଉଲ୍ଲେଖ କରି ଭୋଟ ଚୋରିକୁ ଏକ କାଳ୍ପନିକ ବିଷୟ ବୋଲି କହିଛନ୍ତି। ଗତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ୪୨ ଲକ୍ଷ ଭୋଟକୁ ନେଇ ମୁଖ୍ୟ ବିରୋଧୀଦଳ ବିଜେଡ଼ି ଜାତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା । ଏପରିକି ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିବାର ତଥ୍ୟଭିତ୍ତିକ ପ୍ରମାଣ ବିଜେଡି ଦାଖଲ କରିଥିଲା। ସେହିପରି ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ଓ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ୭ ପ୍ରତିଶତରୁ ୩୦ ପ୍ରତିଶତ ଭୋଟକୁ ନେଇ ବିଜେଡି ପ୍ରଶ୍ନ ଉଠାଇଥିଲା। ଅନ୍ୟପକ୍ଷରେ ଫର୍ମ ୧୭-ସି ପ୍ରଦାନ ନ ▶ପୃଷ୍ଠା-୭

### ରାଜନୈତିକ ଦଳ ଏଜେଣ୍ଟଙ୍କୁ ଦିଆଯାଇଛି ୧୭-ସି ଫର୍ମ

# ନବୀନ ସୁସ୍ଥ; କ୍ୟାବିନକୁ ସ୍ଥାନାନ୍ତର

■ ଭୁବନେଶ୍ୱର, ୧୮।୮ (ସମିସ): ଡିହାଇଡ୍ରେସନ୍ ଯୋଗୁଁ ଚିକିତ୍ସା ନିମନ୍ତେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏବେ ସୁସ୍ଥ। ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଛି ଓ ତାଙ୍କୁ କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ମେଡିକାଲ ବୁଲେଟିନ୍‌ରେ ସୂଚନା ଦେଇଛନ୍ତି। ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣରେ କିଛି ସମୟ ରହିବା ପରେ ବାସଭବନକୁ ଫେରିବେ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଅପରପକ୍ଷରେ ନିଜେ ଶ୍ରୀ ପଟ୍ଟନାୟକ ନିଜ ସୁସ୍ଥତାର ସୂଚନା ରାଜ୍ୟବାସୀଙ୍କୁ ଦେଇଛନ୍ତି। ହସ୍ପିଟାଲ୍‌ରୁ ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ତାଙ୍କର ଅସୁସ୍ଥତାଜନିତ ସୂଚନା ପାଇ ଶୁଭକାମନା ଜଣାଇଥିବା ସମସ୍ତଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି ଓ ଦେଖା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନବୀନ ନିବାସରେ ତାଙ୍କୁ ଦେଖା କରିବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନେ ତାଙ୍କର ବହୁତ ଭଲ ଚିକିତ୍ସା କରୁଛନ୍ତି ବୋଲି ନବୀନ ଭିଡ଼ିଓବାର୍ତ୍ତାରେ କହିଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିହାଇଡ୍ରେସନ୍ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ରବିବାର ସନ୍ଧ୍ୟା ୫ ଟା ୧୫ରେ ନବୀନଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିଛି ସମୟର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ଓ ରାତିରେ ଭିଡ଼ିଓ ବାର୍ତ୍ତାରେ ସେ ସୁସ୍ଥ ହେଉଥିବା ସୂଚନା ଦେଇଥିଲେ। ଗୋଟିଏ ଦିନର ଚିକିତ୍ସା ପରେ ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି।ତାଙ୍କର ଅସୁସ୍ଥତା ଖବର ପାଇ ଦଳମତ ନିର୍ବିଶେଷରେ ବହୁ ରାଜନୈତିକ ବ୍ୟକ୍ତି, ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ସହ ସାଧାରଣ ଲୋକ ଡ଼ାକ୍ତରଖାନାରେ ପହଞ୍ଚି ତାଙ୍କର ଆରୋଗ୍ୟ କାମନା କରିଛନ୍ତି ।

### ଭେଟିବାକୁ ଚାହୁଁଥିଲେ ନବୀନ ନିବାସକୁ ନିମନ୍ତ୍ରଣ

## ନବୀନଙ୍କୁ ଫୋନ୍ କଲେ ରାଜନାଥ

### ସ୍ୱାସ୍ଥ୍ୟାବସ୍ଥା ପଚାରି ଆଶୁ ଆରୋଗ୍ୟ କାମନା କଲେ

■ ଭୁବନେଶ୍ୱର, ୧୮।୮ (ସମିସ): ଡାକ୍ତରଖାନାରେ ଚିକିତ୍ସାଧୀନ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ଅବସରରେ ସେ ଏନଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ୍‌ଙ୍କୁ ସମର୍ଥନ ଦେବାକୁ ନବୀନଙ୍କୁ ଅନୁରୋଧ କରିଥିବା ମଧ୍ୟ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ନବୀନ କ’ଣ କହିଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନାହିଁ।

ମହାରାଷ୍ଟ୍ର ରାଜ୍ୟପାଳ ତଥା ବିଜେପି ନେତା ସିପି ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ରବିବାର ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏନଡିଏର ପ୍ରାର୍ଥୀ ଯେପରି ବିନା ନିର୍ବାଚନରେ ସର୍ବସମ୍ମତକ୍ରମେ ନିର୍ବାଚିତ ହେବେ, ସେନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଦଳର ବରିଷ୍ଠ ନେତା ରାଜନାଥ ସିଂଙ୍କୁ ବିଭିନ୍ନ ରାଜନୈତିକ ଦଳ ସହ ଯୋଗାଯୋଗ କରିବାକୁ ବିଜେପି ଦାୟିତ୍ୱ ପ୍ରଦାନ କରିଛି। ଏହି କ୍ରମରେ ରାଜନାଥ ଆଜି ନବୀନଙ୍କ ସହ ଆଲୋଚନା କରି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି ।



### ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ପାଇଁ ଲୋଡ଼ିଲେ ସହଯୋଗ

### ସମ୍ବଲପୁରରେ ପୁଣି ଲଜ୍ଜା!

## ଶୌଚ ପାଇଁ ଯାଇଥିବା ନାବାଳିକାଙ୍କୁ ଗଣଦୁଷ୍କର୍ମ

■ ସମ୍ବଲପୁର, ୧୮।୮ (ସମିସ): ସମ୍ବଲପୁରରେ ପୁଣି ଲଜ୍ଜା। ଯୁଯୋମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରାଯିବା ଭଳି ଏକ ଆପରାଧିକ ଘଟଣା ଘଟିଛି। ନାବାଳିକାଜଣଙ୍କ ଶୌଚ ହେବାକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ଏହି ଘଟଣାରେ ପୁଲିସ୍ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ୨ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ମୁଖ୍ୟ ଅଭିଯୁକ୍ତଜଣଙ୍କ ହେଲା, ଯୁଯୋମୁରା ଥାନା ଝାଙ୍କରପାଲି ପଞ୍ଚାୟତର ସୁଶାନ୍ତ ମିର୍ଦ୍ଧା(୨୧)। ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ସେହିପରି, ଧରାପଡ଼ିଥିବା ୨ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପନ କରାଯାଇଛି। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଯୁଯୋମୁରା ବ୍ଲକ୍ ଅଞ୍ଚଳରେ ପୀଡ଼ିତା ୧୪ ବର୍ଷୀୟା ନାବାଳିକା ସପରିବାରେ ରୁହନ୍ତି। ନାବାଳିକାଜଣଙ୍କ ନବମ ଶ୍ରେଣୀ ଛାତ୍ରୀ। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ୫ଜଣ ଅଭିଯୁକ୍ତ ନିକଟସ୍ଥ ଏକ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଥିଲେ। ପରେ ସେଠାରୁ ଫେରାର୍ ହୋଇଯାଇଥିଲେ। ନାବାଳିକାଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଯୁଯୋମୁରା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଓ ପୀଡ଼ିତାଙ୍କ ବୟାନ ଅଧାରରରେ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରେଢ଼ାଖୋଲ ଏସ୍‌ଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼଼ଉ କରି ପୁଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ସହ ମୋଟ ୩ ଜଣଙ୍କୁ ଧରାଯାଇଥିଲା। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମିର୍ଦ୍ଧା ସହ ଅନ୍ୟ ୨ ନାବାଳକ ରହିଛନ୍ତି। ତେବେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚଢ଼଼ଉ ଜାରି ରଖିଛି। ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଏହା ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା। ପୁଲିସ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚାର୍ଜସିଟ୍ ଦାଖଲ ପୂର୍ବକ ଅଭିଯୁକ୍ତମାନଙ୍କ ବିରୋଧରେ ପୁଲିସ ଦୃଢ଼ ପ୍ରମାଣ ଉପସ୍ଥାପନ କରିବାକୁ ଉଦ୍ୟମ କରିବ ବୋଲି ସେ ସୂଚନା ଦେଇଛନ୍ତି।

### ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ନାବାଳକ ଅଟକ

### ଫେରାର୍ ୨ ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ୍

### ଔଷଧ ନିଗମର ନିଷ୍ପତ୍ତିକୁ ନେଇ ସାଧାରଣରେ ସନ୍ଦେହ

## ଦାଗୀ ସଂସ୍ଥାକୁ ଅନୁଗ୍ରହ

■ ଭୁବନେଶ୍ୱର, ୧୮।୮ (ସମିସ): ଟ୍ରାକ୍ ରେକର୍ଡ ଭଲ ନ ଥିବା ଏକ ସଂସ୍ଥା ସହ ଚୁକ୍ତି ଅବଧି ବଢ଼ାଇ ପୁଣି ଥରେ ବିବାଦ ଘେରକୁ ଆସିଛି ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)। ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ବାୟୋମେଡିକାଲ ଉପକରଣ ମରାମତି ପାଇଁ ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଚେନ୍ନାଇର କେଟିପିଏଲ୍ ସଂସ୍ଥାର ଅବଧି ୬ ମାସ ବୃଦ୍ଧିକୁ ନେଇ ପୁଣି ଓଏସ୍‌ଏମ୍‌ସିଏଲ୍‌କୁ କାଠଗଡ଼ାରେ ଠିଆ କରିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖରାପ ସେବା କାରଣରୁ ଅନ୍ୟ ରାଜ୍ୟଗୁଡ଼ିକ ଯେଉଁ ସଂସ୍ଥା ସହ ଚୁକ୍ତି ବାତିଲ କରୁଛି, ସେହି ସଂସ୍ଥାର ଚୁକ୍ତି ଅବଧିକୁ ଓଡ଼ିଶା ସରକାର ବଢ଼ାଇ ଚାଲିବା ସ୍ୱାଭାବିକ ସନ୍ଦେହ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଉତ୍ତରାଖଣ୍ଡ ସରକାର କେଟିପିଏଲ ସହ ଚୁକ୍ତିକୁ ଗତ ନଭେମ୍ବର ମାସରେ ବାତିଲ୍ କରିଛନ୍ତି। ସେହିପରି ରାଜସ୍ଥାନ ମେଡିକାଲ ସର୍ଭିସ କର୍ପୋରେସନ ଲିମିଟେଡ ମଧ୍ୟ ▶ପୃଷ୍ଠା-୭

### ଉତ୍ତରାଖଣ୍ଡ, ରାଜସ୍ଥାନରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ

### ରାଜ୍ୟରେ କାମ କରୁନାହିଁ ୨୦ ପ୍ରତିଶତ ଉପକରଣ

### ବରଗଡ଼ରେ ବିଜେଡିର ବିଶାଳ ଚାଷୀ ସମାବେଶ

# ରାଜରାସ୍ତାରେ ଚାଷୀଙ୍କ ରଣହୁଙ୍କାର

■ ବରଗଡ଼, ୧୮।୮ (ସମିସ): ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆଜି ବରଗଡ଼ରେ ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଶାସନର ତମାମ ବାଧା ସତ୍ତ୍ୱେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଗର୍ଜନ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ହଜାରହଜାର ଚାଷୀ ଓ ବିଜେଡିନେତା ଓ କର୍ମୀ ସ୍ଥାନୀୟ ଗଣେଶରାମ ଭବନରୁ ବିଶାଳ ପଟୁଆରରେ ବାହାରି ଥାନା ଛକ ଓ କଚେରି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପରେ ସ୍ଥାନୀୟ ଗାନ୍ଧୀଛକରେ ପ୍ରତିବାଦ ସଭା କରାଯାଇଥିଲା। ସେଥିରେ ବିଜେଡି ନେତା ଓ ଚାଷୀମାନେ ଡବଲ୍-ଇଞ୍ଜିନ୍ ସରକାରର ଚାଷୀ ବିରୋଧୀ, ଚାଷୀ ଦମନକାରୀ ନୀତି ଉପରେ ପ୍ରବଳ ବର୍ଷିଥିଲେ। ଜଟିଳ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀ କରିବା, ପଞ୍ଜୀକରଣ ଅବଧି ବୃଦ୍ଧି କରିବା, ବିଫଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କମ୍ପାନୀମାନଙ୍କୁ ଲାଭ ଦେଇ ଚାଷୀଙ୍କୁ ଲୁଟ କରା ନଯାଉ, ଧାନ ବିକ୍ରିରେ କଟନିଛଟନି ଓ ଦଲାଲରାଜ୍ ବନ୍ଦ କରିବା, ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଇନ୍‌ପୁଟ୍ ସବସିଡି ତୁରନ୍ତ ପ୍ରଦାନ, ଲକ୍ଷଲକ୍ଷ ନାମମାତ୍ର ଚାଷୀ, ▶ପୃଷ୍ଠା-୭



### ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଲେ ହଜାରହଜାର ଚାଷୀ

### ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦେଲେ ଦାବିପତ୍ର

ଆଜି ଆସିଥିଲେ

# ସଂଗ୍ରାମୀ ସରଳା



ବିଂଶ ଶତାବ୍ଦୀରେ ଓଡ଼ିଶାର ଯେଉଁ କେତେଜଣ ମହୀୟସୀ ମହିଳା ସ୍ୱାଧୀନତା ଆନ୍ଦୋଳନ ଓ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣା ହୋଇ ଆମ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ନାରୀସମାଜକୁ ଉପରକୁ ଉଠାଇବା ପାଇଁ ଅହରହ ଉଦ୍ୟମ କରିଥିଲେ, ତନ୍ମଧ୍ୟରେ ସରଳା ଦେବୀ ଥିଲେ ଅନ୍ୟତମ। ୧୯୦୪ ମସିହା ଆଜିର ଦିନରେ ଜଗତସିଂହପୁର ଜିଲ୍ଲା ନରିଲୋ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ସରଳା ଥିଲେ ଶାନ୍ତ, ସରଳ, ଦୃଢ଼ମନା ଓ ସ୍ପଷ୍ଟବାଦିନୀ। ଆଗରୁ ଚଳି ଆସୁଥିବା ପାରମ୍ପରିକ ଜୀବନଶୈଳୀ ଅପେକ୍ଷା ସେ ନିଜ ସହଜତାକୁ ନେଇ ଚଳିବାକୁ ବେଶୀ ପସନ୍ଦ କରୁଥିଲେ। ସେ ମୁଣ୍ଡରେ ଲୁଗା ଦେଉ ନ ଥିଲେ ଓ ଛୁଆଁ ଅଛୁଆଁ ଭେଦଭାବକୁ ପସନ୍ଦ କରୁ ନ ଥିଲେ। ଘରୋଇ ଶିକ୍ଷକଙ୍କ ଦ୍ୱାରା ସେ ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ତଥାପି ଅନ୍ୟାନ୍ୟ ଭାଷା ଜାଣିବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା। ୧୪ ବର୍ଷ ବୟସରେ ସେ ଜଣେ ଜମିଦାରଙ୍କ ପୁତ୍ର ଭାଗିରଥୀ ମହାପାତ୍ରଙ୍କୁ ବିବାହ କରିଥିଲେ। ସ୍ୱାମୀ ଭାଗୀରଥୀ ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିଲେ। ୧୫ ବର୍ଷ ବୟସରେ ସେ କୁଳବଧୂ ପରଦା ଆଡ଼େଇ ପଦାକୁ ବାହରିଥିଲେ। ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପ୍ରତିବାଦ ଶୋଭାଯାତ୍ରାରେ ସରଳା ନିଜକୁ ସାମିଲ କରିଥିଲେ। ଏଥିରେ ତାଙ୍କ ସ୍ୱାମୀ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ। ଗାନ୍ଧିଜୀଙ୍କର ଓଡ଼ିଶା ଗସ୍ତ ସମୟରେ ତାଙ୍କର ଅହିଂସା ନୀତି ପ୍ରତି ସରଳା ଆକୃଷ୍ଟ ହୋଇଥିଲେ। ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ସେ ଓଡ଼ିଆରେ ଭାଷାନ୍ତର କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଏହି ସଭାରେ ସେ ନିଜର ସମସ୍ତ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କଲେ ଓ ଜୀବନରେ କେବେ ଅଳଙ୍କାର ପିନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା ନେଲେ। ଓଡ଼ିଶାର ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ନାରୀ ନେତ୍ରୀଙ୍କ ମଧ୍ୟରେ ସରଳା ଥିଲେ ଅଗ୍ରଗଣ୍ୟା। ଇଞ୍ଚୁଡ଼ିଠାରେ ହୋଇଥିବା ଲବଣ ସତ୍ୟାଗ୍ରହରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନାରୀମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତା ଭାବର ଉଦ୍ରେକ ପାଇଁ ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ବୁଲି ସେମାନଙ୍କୁ ଉଦ୍‌ବୋଧନ ଦେଉଥିଲେ। ସେ ଥିଲେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା। ବିଧାନସଭାରେ ନାରୀ ଶିକ୍ଷା, ବାଲ୍ୟ ବିବାହ ଆଇନ ସଂଶୋଧନ, ପୋଇଲି ପ୍ରଥା ଉଚ୍ଛେଦ ବିଧାନସଭାରେ ବିଲ୍ ଆଗତ କରି ସଫଳ ହୋଇଥିଲେ। ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିବାର ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା। ସେ ବିଧାନସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସାହିତ୍ୟର ବିଭିନ୍ନ ବିଭାଗ ଗଳ୍ପ, କବିତା, ଅନୁବାଦ, ଜୀବନୀ ପ୍ରବନ୍ଧରେ ସେ ଲେଖନୀ ଚାଳନା କରିଛନ୍ତି। ୧୯୮୬ ମସିହା ଅକ୍ଟୋବର ୪ରେ ୮୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

## ଆଜିର ଇତିହାସ

- ୧୯୧୯ - ଆଫଗାନିସ୍ତାନ ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୪୯ - ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲା।
- ୧୯୭୩ - ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୧୯୭୮ - ଇରାନ୍‌ର ଏକ ସିନେମା ହଲ୍‌ରେ ନିଆଁ ଲାଗିବାରୁ ୪୨୨ ଜଣଙ୍କ ମୃତ୍ୟୁ।
- ୨୦୦୯ - ଇରାକ୍‌ରେ ସିରିଜ୍ ବୋମା ବିସ୍ଫୋରଣ ଯୋଗୁଁ ୧୦୧ ଜଣ ଲୋକଙ୍କ ପ୍ରାଣହାନି।

# ବିଶ୍ୱ ମାନବତା ଦିବସ



ମାନବିକତା ଏବଂ ସୌହାର୍ଦ୍ଦପୂର୍ଣ୍ଣ ବ୍ୟବହାର ଯୋଗୁ ମାନବ ସମାଜ ତିଷ୍ଠି ରହିଛି। ଜଣେ ବ୍ୟକ୍ତି ନିର୍ଭିକରେ ରହିବା ପାଇଁ ଆଉ ଜଣଙ୍କର ମାନବିକତା ଲୋଡ଼ା। ମାନବିକତା ହିଁ ସମାଜରେ ସଂସ୍କାର ଆଣେ। ତେଣୁ ଏହି ମାନବିକତାକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ବା 'ୱାର୍ଲ୍ଡ ହ୍ୟୁମାନିଟାରିଆନ୍ ଡେ' ଭାବେ ପାଳନ କରାଯାଉଛି। ୨୦୦୩ ଅଗଷ୍ଟ ମାସ ୧୯ ତାରିଖରେ ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ବିଭିନ୍ନ ଦେଶର ମୋଟ ୨୧ ଜଣ ମାନବାଧିକାର କର୍ମୀ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଜାତିସଂଘର ସ୍ୱତନ୍ତ୍ର ମହାସଚିବ ସର୍ଗିଓ ଭିଏରା ଡି ମିଲୋ ଥିଲେ। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ଠିକ୍ ପାଞ୍ଚ ବର୍ଷ ପରେ ଜାତିସଂଘର ସାଧାରଣ ପରିଷଦ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ମିଳିତ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ ଜରିଆରେ ସମସ୍ତଙ୍କୁ ଏକାଠି କରିବାର ଉଦ୍ୟମ ଜାରି ରଖିଛି। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ସଂକଟ ପ୍ରଭାବିତ ଲୋକଙ୍କର ଜୀବନଧାରଣ, କଲ୍ୟାଣ ଓ ସମ୍ମାନକୁ ସମର୍ଥନ କରିବା ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରାଇବା। ମଣିଷ ଯେତେଯେତେ ପ୍ରଗତି ଆଡକୁ ମାଡ଼ିଚାଲିଛି ସେତେସେତେ ସେ ମାନବିକତାଠାରୁ ଦୂରେଇ ଯାଉଛି। ଆଜିକାଲି ଲୋକେ ଅଜଣା ଲୋକଙ୍କୁ ସାହାଯ୍ୟ କରିବା ଅପେକ୍ଷା ତ ଦୂର କଥା ନିଜ ରକ୍ତ ସମ୍ପର୍କୀୟଙ୍କୁ ସାହାଯ୍ୟ ସହାନୁଭୂତି ଯୋଗାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଗୋଟିଏ ଦେଶ ମାନବିକତା ଭୁଲି ଅନ୍ୟ ଦେଶ ସହିତ ଯୁଦ୍ଧ କରୁଛି। ସେହିଭଳି ନିଜ ଦେଶରୁ ପ୍ରାଣ ଭୟରେ ପଳାଇ ଆସି ଅନ୍ୟ ଦେଶରେ ଆଶ୍ରୟ ନେଇଥିବା ଶରଣାର୍ଥୀମାନଙ୍କୁ ଅକଥନୀୟ ନିର୍ଯ୍ୟାତନା ଦେଇ ତଡ଼ିଦେବା ଘଟଣା ବିଶ୍ୱରେ ମାନବିକତା ହଜିଗଲାଣି ବୋଲି ହୃଦୟଙ୍ଗମ ହୁଏ। ତଥାପି ମରିନାହିଁ ମାନବିକତା। କିଛି ହାତଗଣତି ଲୋକ ଏହାକୁ ବଞ୍ଚାଇ ରଖିଛନ୍ତି। ବିଶ୍ୱ ମାନବତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ମାନବତା ମୂଲ୍ୟବୋଧର ବିକାଶ କରିବା ସହ ଲୋକେ ପରସ୍ପରକୁ ବିପଦଆପଦରେ କିପରି ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିବେ ସେ ଦିଗପ୍ରତି ଅବଗତ କରାଇବା। ତେବେ ବିଶ୍ୱଶାନ୍ତି ତଥା ମାନବତାର ପ୍ରଚାର ପ୍ରସାର କରୁଥିବା କର୍ମୀମାନଙ୍କୁ ସ୍ୱୀକୃତି ଦେବା ତଥା ଏକ୍ଷେତ୍ରରେ କାର୍ଯ୍ୟ କରି ପ୍ରାଣ ହରାଉଥିବା କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନ ଦେବା, ସେମାନଙ୍କ ସ୍ମୃତିଚାରଣ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବା ଉଦ୍ଦେଶ୍ୟ।

# ବିଶ୍ୱ ଫଟୋଗ୍ରାଫି ଦିବସ




ବିନା ଶବ୍ଦ, ବିନା ଭାଷାରେ ଯିଏ କଥା କୁହେ ସେ ହେଉଛି ଫଟୋ। ଏଇ ଫଟୋ ହିଁ ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ। ସମୟ ବିତିଯାଏ କିନ୍ତୁ ଅତୀତର ସାଥୀ ହେଇ ରହିଯାଏ ଏଇ ଫଟୋ। ଆଜିର ଡିଜିଟାଲ ଓ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଫଟୋଗ୍ରାଫର ସାଜିଥିଲେ ବି ଫଟୋଗ୍ରାଫି ବା ଚିତ୍ରୋତ୍ତୋଳନ ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ଫଟୋକୁ ସାଇତି ରଖିଥିବା ମଣିଷ ହେଉ କି ଫଟୋର ସେହି ସୁନ୍ଦର ମୁହୂର୍ତ୍ତକୁ ଠିକ୍ ସମୟରେ ନିଜ କ୍ୟାମେରା ଲେନ୍ସରେ ତୋଳି ଧରିଥିବା ମଣିଷମାନଙ୍କ ପାଇଁ ବିଶ୍ୱ ଫଟୋଗ୍ରାଫି ଦିବସ ବେଶ୍ ଗୁରୁତ୍ୱ ରଖେ। ଫଟୋଗ୍ରାଫିରେ ସଉକ ରଖିଥିବା ତଥା ଏହି ବୃତ୍ତିକୁ ଆପଣେଇ ନେଇଥିବା ଫଟୋଗ୍ରାଫରମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ୧୯ ତାରିଖକୁ 'ବିଶ୍ୱ ଫଟୋଗ୍ରାଫି ଦିବସ' ଭାବରେ ପାଳନ କରାଯାଉଛି। କେବଳ ଯେ, ଡିଏସ୍‌ଏଲ୍‌ଆର୍, ଏସ୍‌ଏଲ୍‌ଆର୍ ଭଳି ବଡ଼ ବଡ଼ କ୍ୟାମେରା କିମ୍ବା ଲେନ୍ସ ବ୍ୟବହାର କରିଦେଲେ ଜଣେ ଭଲ ଫଟୋଗ୍ରାଫର ହୋଇଯିବ ତାହା ନୁହେଁ, ସାଧାରଣ ସ୍ମାର୍ଟଫୋନ୍‌ରେ ବି ଉତ୍କୃଷ୍ଟମାନର ଫଟୋ ଉଠାଇହେବ। ଏଥିପାଇଁ କେବଳ ଆବଶ୍ୟକ ଭିନ୍ନ ଦୃଷ୍ଟିକୋଣ ଓ ଫଟୋଗ୍ରାଫି ଜ୍ଞାନ। ଯୁଦ୍ଧର ଭୟାବହତା ହେଉ କି ଦାଦନ ଶ୍ରମିକଙ୍କ ନିର୍ଯାତନାର ଦୁଃଖ, ଆମାଜନ୍ ଜଙ୍ଗଲର ଆଦିମ ଅଧିବାସୀଙ୍କ ଜୀବନଧାରା ହେଉ କି ହିମାଳୟର ବରଫାଚ୍ଛନ୍ନ ଅଞ୍ଚଳକୁ କ୍ୟାମେରାରେ ସାଇତି ରଖିଥାନ୍ତି ଫଟୋଗ୍ରାଫରମାନେ। ପୂର୍ବରୁ ଲୋକେ ଷ୍ଟୁଡିଓ ଯାଇ ଫଟୋ ଉଠାଉଥିଲେ। ସ୍ମାର୍ଟଫୋନ୍‌ର ଜମାନାରେ ଏବେ ପ୍ରତି ଲୋକଙ୍କ ହାତରେ କ୍ୟାମେରା। ଫଟୋ ଉଠାଇବା ପାଇଁ ଆଉ ଷ୍ଟୁଡିଓ ଯିବାର ଆବଶ୍ୟକତା ନାହିଁ କି କୁଆଡ଼େ ବୁଲି ଗଲାବେଳେ ସାଙ୍ଗରେ କ୍ୟାମେରା ନେଇ ଯିବାର ଲୋଡ଼ା ନାହିଁ। ବର୍ତ୍ତମାନ ଯିଏ ଯୋଉଠି ଚାହୁଁଛି ଫଟୋ ଉଠାଇ ପାରୁଛି ଓ ସେଲ୍‌ଫି ନେଇପାରୁଛି। ୧୮୩୯, ଜାନୁଆରୀ ୯ ତାରିଖରେ ବିଶ୍ୱରେ ପ୍ରଥମ କରି ଫଟୋଗ୍ରାଫି ଆରମ୍ଭ ହୋଇଥିଲା। ଜୋସେଫ୍ ନାଇସଫୋର୍ ଓ ଲୁଇସ୍ ଡାଗୁଏରେ ନାମରେ ଦୁଇ ଜଣ ବୈଜ୍ଞାନିକ 'ଡେଗୁଏରୋଟାଇପ୍ ପ୍ରକ୍ରିୟା'ର ଆରମ୍ଭ କରିଥିଲେ। 'ଡେଗୁଏରୋଟାଇପ୍ ପ୍ରକ୍ରିୟା' ହେଉଛି ଫଟୋଗ୍ରାଫିର ପ୍ରଥମ ପ୍ରକ୍ରିୟା। ଏହି ଉଦ୍ଭାବନର ଘୋଷଣା ଫ୍ରାନ୍ସ ସରକାର ୧୯ ଅଗଷ୍ଟ ୧୮୩୯ ମସିହାରେ କରିଥିଲେ। ଏହାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ୧୯ ଅଗଷ୍ଟ ଦିନ 'ୱାର୍ଲ୍ଡ଼ ଫଟୋଗ୍ରାଫି ଡେ' ପାଳନ କରାଯାଇଥାଏ। ଏହା ଫଟୋଗ୍ରାଫର୍‌ମାନଙ୍କୁ ବିଭିନ୍ନ କୌଶଳ, ରଚନା ଓ ଶୈଳୀ ସହ ପରୀକ୍ଷାନିରୀକ୍ଷା କରିବାକୁ ଉତ୍ସାହିତ କରିଥାଏ। ତେବେ ୨୦୧୦ରେ ଫଟୋଗ୍ରାଫି ଦିବସ ଲୋକପ୍ରିୟତା ହାସଲ କରିଥିଲା। ଏହି ଦିନ ୨୭୦ ଜଣ ଫଟୋଗ୍ରାଫର୍ ଏକ ବିଶ୍ୱସ୍ତରୀୟ ଏକ ଅନ୍‌ଲାଇନ୍ ଗ୍ୟାଲେରୀରେ ନିଜର ଫଟୋଗୁଡ଼ିକୁ ସେୟାର୍ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଦେଶର ଲୋକେ ଏହି ୱେବ୍‌ସାଇଟ୍ ପ୍ରଦର୍ଶନ କରିଥିଲେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଫଟୋଗ୍ରାଫି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ।



# ନାଁ ନ ଥିବା ରେଳଷ୍ଟେସନ

ପ୍ରତିଦିନ ଲକ୍ଷାଧିକ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ସେହିପରି ପ୍ରତ୍ୟେକ ଷ୍ଟେସନର ନାଁ ଥିବା ସ୍ୱାଭାବିକ କଥା। ହେଲେ ଭାରତରେ ଏମିତି ବି ଏକ ରେଳ ଷ୍ଟେସନ ଅଛି, ଯାହାର କୌଣସି ନାଁ ନାହିଁ। ସେଥିପାଇଁ ଏହା ବେନାମୀ ରେଳ ଷ୍ଟେସନ ଭାବେ ପରିଚିତ। ୨୦୦୮ ମସିହାରୁ ଏହି ଷ୍ଟେସନକୁ ଟ୍ରେନ୍ ଆତଯାତ ଲାଗି ରହିଛି। ପଶ୍ଚିମବଙ୍ଗର ବର୍ଦ୍ଧମାନଠାରୁ ୩୫ କିଲୋମିଟର ଦୂରରେ ଏହା ଅବସ୍ଥିତ। ଏହି ବେନାମୀ ରେଳ ଷ୍ଟେସନକୁ ଦିନ ତମାମ ଅନେକ ଟ୍ରେନ ଆସେ। ତା'ସହ ମାଲବାହୀ ଟ୍ରେନ ବି। ଷ୍ଟେସନର ନାଁ ନ ଥିଲେ ବି ଟିକେଟ୍ କଟାଯାଏ। ବିନା ନାଁର ଏହି ଷ୍ଟେସନ ୧୭ ବର୍ଷ ଧରି ଚାଲୁଛି। ତେବେ ରେଳ ଷ୍ଟେସନର ନାଁ ନ ଥିବା ପଛରେ ଦୁଇଟି ଗାଁର(ରୈନା ଓ ରୈନାଗର) ବିବାଦ ଥିବା କୁହାଯାଏ। ଭାରତୀୟ ରେଳ ପକ୍ଷରୁ ଯେତେବେଳେ ଏହାକୁ ତିଆରି କରାଗଲା, ଏହାର ନାଁ ରୈନାଗର ରଖିଲା। ହେଲେ ସ୍ଥାନୀୟ ଲୋକ ଏହାକୁ ଆପତ୍ତି କଲେ ଏବଂ ଷ୍ଟେସନର ନାଁ ବଦଳାଇବାକୁ କହିଲେ। ମାମଲା ଏତେ ବେଶି ବଢ଼ିଲା ଯେ, ଏହା ଅଦାଲତରେ ପହଞ୍ଚିଲା। ସେବେଠୁ ହିଁ ଏହି ରେଳ ଷ୍ଟେସନ ବିନା ନାଁରେ ଚାଲୁଛି। ଏହି ଷ୍ଟେସନରେ ଫଳକ ଲାଗିଛି, ହେଲେ ଫଳକରେ କୌଣସି ନାଁ ଲେଖାଯାଇ ନାହିଁ। ଅବଶ୍ୟ ଅଜଣା ଲୋକେ ଏଠାକାର ଲୋକଙ୍କୁ ସେମାନେ କେଉଁ ଷ୍ଟେସନରେ ଅଛନ୍ତି ପଚାରି ବୁଝନ୍ତି। ସେହିପରି ଏହି ଷ୍ଟେସନରେ କେବଳ ବାଙ୍କୁଡ଼ା ମାସାଗ୍ରାମ ଯାତ୍ରୀବାହୀ ଟ୍ରେନ୍ ଅଟକି ଥାଏ। ଅନ୍ୟପଟେ ଏହି ଷ୍ଟେସନରେ ବିକ୍ରି ହେଉଥିବା ଟିକେଟ୍‌ରେ ପୁରୁଣା ନାଁ ରୈନାଗର ଲେଖା ଅଛି।

# 'ଏକ ଚତୁର ନାର'ରେ ଦିବ୍ୟା-ନୀଲ



ଟି-ସିରିଜ୍ ଏବେ ଏକ ନୂଆ ଫିଲ୍ମ ନେଇ ଆସୁଛି। ଏଥିରେ ଦିବ୍ୟା ଖୋସଲା ଓ ନୀଲ ନିତିନ୍ ମୁକେଶ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ଫିଲ୍ମର ପ୍ରଥମ ଝଲକ ଦର୍ଶକ ଦେଖିବାକୁ ପାଇଛନ୍ତି। ଫିଲ୍ମ ନିର୍ମାତା ଏହାର ଦୁଇଟି ମୋସନ୍ ପୋଷ୍ଟର୍ ଜାରି କରିଛନ୍ତି। ଗୋଟିଏ ପୋଷ୍ଟର୍‌ରେ ଦିବ୍ୟା ଓ ନୀଲ ଗୋଟିଏ ଟେବୁଲ ପାଖରେ ଠିଆ ହୋଇ ରହିଛନ୍ତି। ଟେବୁଲରେ ଟମାଟୋ ଓ କ୍ୟାପ୍ସିକମ୍ ଆଦି ରହିଛି। ଦିବ୍ୟା ବାମ ହାତରେ ଗାଜର କାଟୁଥିବାବେଳେ କ୍ୟାମେରା ଆଡ଼କୁ ଅନାଇଥିବାର ଦେଖାଯାଇଛନ୍ତି। ନୀଲ ହ୍ୟାପ୍ ଜ୍ୟାକେଟ୍ ପିନ୍ଧି ହାତରେ ବନ୍ଧୁକ ଧରି ନଜର ଆସିଛନ୍ତି। ସେହିଭଳି ଦ୍ୱିତୀୟ ପୋଷ୍ଟରରେ ଦିବ୍ୟା ଆଖିରେ କଳା ଚଷମା ପିନ୍ଧିଛନ୍ତି। ତାଙ୍କ କେଶ ଏକ ଫୋନ୍‌ରେ ଗୁଡ଼ାଇ ହୋଇ ରହିଛି। ଫୋନ୍‌ର ଡିସ୍‌ପ୍ଲେରେ ନୀଲ ଡରିଯାଇଥିବାର ଦେଖାଯାଇଛନ୍ତି। ଫିଲ୍ମର ଟାଇଟଲ ଓ ପୋଷ୍ଟରରୁ ଏହା ଏକ କମେଡି ଡ୍ରାମା ହେବ ବୋଲି ଅନୁମାନ କରାଯାଉଛି। ତେବେ ଫିଲ୍ମର ପୋଷ୍ଟର୍ ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଟି-ସିରିଜ୍ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଉମେଶ ଶୁକ୍ଲା ରହିଛନ୍ତି। ଏହା ୧୨ ସେପ୍ଟେମ୍ବରରେ ପରଦାକୁ ଆସିବ।

# ଅଭିବାଦନ ପାଇଁ ଚର୍ଚ୍ଚାରେ ପ୍ରଧାନଶିକ୍ଷକ



ପେନସିଲଭାନିଆର ଜଣେ ପ୍ରଧାନଶିକ୍ଷକ ତାଙ୍କର ନିଆରା ଅଭିବାଦନ ଶୈଳୀ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି। ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ସକାଳ ଅଭିବାଦନ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଲାନକାଷ୍ଟର ସ୍ଥିତ ପ୍ରୋଭିଡେନ୍ସ ଏଲିମେଣ୍ଟାରି ସ୍କୁଲର ପ୍ରଧାନ ଶିକ୍ଷକ ହେଉଛନ୍ତି ଜାକ ବାଉରମାଷ୍ଟର। ସେ ପିଲାମାନେ କ୍ଲାସ୍‌କୁ ପ୍ରବେଶ କରିବା ପୂର୍ବରୁ କାହା ସହିତ ହାତ ମିଳାଇ ତ ପୁଣି କାହାକୁ ହାଇ ଫାଇଭ୍ କରି ସ୍ୱାଗତ କରିଥାନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଜଣ ଜଣ କରି ସେ ପ୍ରତ୍ୟେକ ଛାତ୍ରଙ୍କ ସହ ଯେଉଁଭଳି ଭାବେ ଅଭିବାଦନ କରୁଛନ୍ତି, ଲାଗୁଛି ସତେ ଯେପରି ସେ ସେମାନଙ୍କର ଶିକ୍ଷକ ନୁହଁନ୍ତି, ବରଂ ସାଙ୍ଗ। ପ୍ରିନ୍ସିପାଲଙ୍କ ପିଲାଙ୍କ ପ୍ରତି ଏଭଳି ବ୍ୟବହାର ସ୍କୁଲ ପରିବେଶକୁ ଆନନ୍ଦମୟ କରି ଦେଇଛି। ତେବେ ଭିଡିଓର ଶୀର୍ଷକରେ ଲେଖା ଯାଇଛି, "ସ୍କୁଲ ଏପରି ଏକ ସ୍ଥାନ ଯେଉଁଠି ସମ୍ପର୍କ ତିଆରି ହୁଏ, ତେଣୁ ପିଲାଙ୍କ ହୃଦୟ ଜିତିବାକୁ ସେମାନଙ୍କ ଭଳି ହେବାକୁ ପଡ଼ିବ।" ଅବଶ୍ୟ ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟ ପିଲାଙ୍କୁ ସ୍କୁଲ ଯିବା ଲାଗି ଏକପ୍ରକାର ଉତ୍ସାହିତ କରିପାରିଛି। ଅନ୍ୟପଟେ ପ୍ରଧାନଶିକ୍ଷକଙ୍କ ଏହି ସ୍ୱଭାବକୁ ଲୋକମାନେ ଖୁବ୍ ପସନ୍ଦ କରିବା ସହ ପ୍ରଶଂସା କରୁଛନ୍ତି।

# ଦରମା ମିଳିବାର ପାଞ୍ଚ ମିନିଟ୍‌ରେ ଦେଲେ ଇସ୍ତଫା




ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ମଧ୍ୟରେ କେହି କେବେ ଚାକିରିରୁ ଇସ୍ତଫା ଦେବା କଥା ଚିନ୍ତା କରି ନ ଥିବେ। ତେବେ ଏମିତି ଏକ ଘଟଣା ଘଟିଛି। ଯାହାକି ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଛି। ଜଣେ ଭାରତୀୟ ଏଚ୍‌ଆର୍ ପ୍ରଫେସନାଲ ଲିଙ୍କଡ୍‌ଇନ୍ ପୋଷ୍ଟରେ ଏହି ଘଟଣା ବାବଦରେ ସେୟାର୍ କରିଛନ୍ତି। ଏଥିରେ ଜଣେ ଯୁବକଙ୍କୁ ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ପରେ ସେ ଇସ୍ତଫା ଦେଇଥିବା କଥା କୁହାଯାଇଛି। ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, ସକାଳ ୧୦ଟାରେ ଉକ୍ତ କର୍ମଚାରୀଙ୍କ ସାଲାରି କ୍ରେଡିଟ୍ ହୋଇଥିଲା ଏବଂ ୧୦ଟା ୫ରେ ସେ ତାଙ୍କର ଇସ୍ତଫାପତ୍ର ମେଲ୍‌କୁ ପଠାଇ ଦେଇଥିଲେ। ଏହା କେତେ ଦୂର ଠିକ୍ ବୋଲି ଏଚ୍‌ଆର୍ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, 'କମ୍ପାନି ଏହି କର୍ମଚାରୀଙ୍କୁ ନିଯୁକ୍ତି ସୁଯୋଗ ଦେଲା, ତାଙ୍କ ଉପରେ ଭରସା କଲା ଏବଂ ତାଙ୍କୁ ତାଙ୍କ କ୍ୟାରିୟର୍‌ରେ ଆଗକୁ ବଢ଼ିବାର ସୁଯୋଗ ଦେଲା। କେବଳ ସେତିକି ନୁହେଁ, ତାଙ୍କୁ ଟିମ୍‌ରେ ସାମିଲ କରାଯାଇ ସପ୍ତାହେ ପର୍ଯ୍ୟନ୍ତ ଟ୍ରେନିଂ ମଧ୍ୟ ଦିଆଗଲା। ଏତେ ସବୁ କରାଯିବା ପରେ ପାଞ୍ଚ ମିନିଟ୍‌ରେ ଚାକିରି ଛାଡ଼ିବା କ'ଣ ନୈତିକତା ଦୃଷ୍ଟିକୋଣରୁ ଠିକ୍!' ସେହିପରି ଏଚ୍‌ଆର୍ ଜଣକ ଆହୁରି କହିଛନ୍ତି, 'ଯଦି କାମ କି ପରିବେଶ ଠିକ୍ ନ ଲାଗେ, କର୍ମଚାରୀ ଖୋଲାଖୋଲି ଭାବେ ଆଲୋଚନା କରିବା ଦରକାର। ଭାବିଚିନ୍ତି କମ୍ପାନିରୁ ବାହାରିବା ଉଚିତ। କୌଣସି ଚାକିରି ସହଜ ହୋଇ ନ ଥାଏ। ପ୍ରତ୍ୟେକ ଚାକିରିରେ ଧୈର୍ଯ୍ୟ ଓ ପରିଶ୍ରମର ଆବଶ୍ୟକତା ଥାଏ।' ପ୍ରକୃତ ଉନ୍ନତି ପ୍ରଥମ ଦରମାରେ ନୁହେଁ, ଲଗାତାର ପ୍ରଚେଷ୍ଟା ଓ ଧୈର୍ଯ୍ୟରୁ ଆସିଥାଏ ବୋଲି ଏଚ୍‌ଆର୍ ଜଣକ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ କିଛି ଲୋକ ଏଚ୍‌ଆର୍‌ର ପକ୍ଷରେ ଥିବାବେଳେ ଆଉ କେତେ ଜଣ ସମ୍ପୃକ୍ତ ଯୁବକଙ୍କୁ ସମର୍ଥନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା**

## ସମୀର ସାହୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର/ବାଲେଶ୍ୱର,୧୮ ।୮ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ମୁଖ୍ୟ ଅଭିଯୁକ୍ତ ପ୍ରଫେସର୍ ସମୀର ସାହୁଙ୍କୁ ତିନିଦିନିଆ ରିମାଣ୍ଡରେ ନେଇଛି । ସମୀରଙ୍କଠାରୁ ଘଟଣା ବାବଦରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ ତିନିଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲା । କୋର୍ଟ ଏହାକୁ ମଞ୍ଜୁର କରିଛନ୍ତି । ତଦନୁଯାୟୀ, ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି । ଆଜି ପ୍ରଥମ ଦିନରେ କ୍ରାଇମବ୍ରାଞ୍ଚ ସମୀରଙ୍କୁ ଗୁଡ଼େଇ ତୁଡ଼େଇ ବିଭିନ୍ନ ପ୍ରଶ୍ନ କରିଛି । ସୂଚନାନୁଯାୟୀ, ସମୀର ଗିରଫ ହେବା ପରେ ତାଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ତାଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଗତ ୧ତାରିଖରେ ଜାମିନ ଆବେଦନ କରାଯାଇଥିଲା । ହେଲେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବଶ୍ୟକ ସିଡି ଦାଖଲ କରାଯାଇନଥିବା କାରଣରୁ ଜାମିନ ଆଦେବନ ଉପରେ ଶୁଣାଣି ହୋଇପାରିନଥିଲା । ସୋମବାର ସମୀରଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇଛି । ଏହି ସମୟରେ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା ।

# ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର,୧୮।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇଛି । ବର୍ତ୍ତମାନ ଏହା ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଥିବା ବେଳେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ମଙ୍ଗଳବାର ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଦେଇ ଗତି କରିବ । ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆକଳନ କରାଯାଇଛି । ଏଥିପାଇଁ ମଙ୍ଗଳବାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗିର ଓ ରାୟଗଡ଼ା ପାଇଁ ପ୍ରବଳରୁ ଅତି ପ୍ରବଳ ଜନିତ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପଟେ ରାଜ୍ୟର ଅନ୍ୟସ୍ଥାନରେ ଧୀରେ ଧୀରେ ବର୍ଷାର ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି । ମାତ୍ର ପୁଣି ୨୩-୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟରେ କ୍ରମାଗତ ଭାବେ ବର୍ଷା ଜାରି ରହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସାଗର ପ୍ରବଳ ଅଶାନ୍ତ ରହିଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି ।

**■ ୭ ଜିଲ୍ଲାକୁ ପ୍ରବଳ ବର୍ଷା ସତର୍କତା**
**■ ୨୪ ବେଳକୁ ପୁଣି ଏକ ଲଘୁଚାପ**



ଲଗାଣ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶା ବ୍ୟାପକ ପ୍ରଭାବ ପଡ଼ିଛି । ବିଶେଷକରି ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅତ୍ୟଧିକ ବର୍ଷା ଯୋଗୁଁ ମାଲାକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି । ଗତ ୨୪ ଘଣ୍ଟା ମଧ୍ୟରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ୯ଟି ସ୍ଥାନରେ ପ୍ରବଳ ଓ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ କୋରାପୁଟ କୋଟପାଡ଼ର ସର୍ବାଧିକ ୧୩୩ ମିମି ବର୍ଷା ରେକର୍ଡ କରାଯାଇଛ । କୋରାପୁଟରେ ମଧ ଆଜି ସାଢ଼େ ୫ଟା ସୁଦ୍ଧା ୭୪ ମିମି ବର୍ଷା ରେକର୍ଡ ହୋଇଛି । ପାରଳାଖେମୁଣ୍ଡିରେ ୪୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ନବରଙ୍ଗପୁରରେ ୩୩ ମିମି ବର୍ଷା ରେକର୍ଡ ହୋଇଛି ।

ଲଘୁଚାପ ବର୍ଷା ଭିତରେ ମୌସୁମୀ ଋତୁ ଅର୍ଥାତ୍ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି । ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୭୭୨.୮ ମିମି ତୁଳନାରେ ରାଜ୍ୟରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି । ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା, ୨ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି ।

## ଆଇଇଡି ବିସ୍ଫୋରଣରେ ଯବାନ ସହିଦ ,୩ ଆହତ



ମାଲକାନଗିରି,୧୮ ।୮ (ସମିସ): ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣରେ ଜଣେ ଯବାନ ସହିତ ହୋଇଥିବା ବେଳେ ୩ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓବିରୋଧୀ ଅଭିଯାନ ବେଳେ ଆଜି ଏହି ଅଘଟଣ ଘଟିଛି । ସହିଦ ଯବାନଜଣଙ୍କ ହେଲେ, ଦିନେଶ ନାଗ । ସେହିପରି ଅନ୍ୟ ୩ ଆହତ ଯବାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାୟପୁର ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବା ଜଣାଯାଇଛି ।

ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓ ଗତିବିଧି ସଂପର୍କରେ ଖବର ପାଇ ଗତକାଲି ଡିଆରଜି ଯବାନଙ୍କ ଏକ ଦଳ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା । ଆଜି ସକାଳେ ମଧ ସନ୍ଧାନ ଚାଲିଥିବା ବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣ ହୋଇଥିଲା । ଏଥିରେ ଯବାନ ଦିନେଶ ସହିଦ ହୋଇଥିବା ବେଳେ ଅନ୍ୟ ୩ ଯବାନ ଆହତ ହୋଇଥିଲେ । ଏହି ଘଟଣା ପରେ, ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି ।

## ଗଣେଶ ଚତୁର୍ଥୀ ପୂର୍ବରୁ ‘ନିଗମ’ ଲଡୁ!

ଭୁବନେଶ୍ୱର,୧୮।୮ (ସମିସ): ଗଣେଶ ଚତୁର୍ଥୀ ଓ ନୂଆଖାଇ ପୂର୍ବରୁ ଦଳୀୟ ଆଶାୟୀଙ୍କୁ ବିଜେପି ଦେବ ଉପହାର । ନିଗମ, ବୋଡର୍‌ରେ କିଛି ନେତାଙ୍କୁ ଥଇଥାନ କରାଯିବ । ଏଥିନିମନ୍ତେ ଆପାତତଃ ଚୂଡ଼ାନ୍ତ କୁହାଯାଉଥିବା ନାମ ସୂଚୀ ଧରି ସୋମବାର ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ସଭାପତି ଭାବେ ଦାୟିତ୍ୱ ନେବା ପରେ ମନମୋହନ ବାରମ୍ବାର ଦିଲ୍ଲୀ ଗସ୍ତ କରୁଥିବା ବେଳେ ଆଜିର ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ବିଶେଷକରି ମନମୋହନଙ୍କ ଏହି ଗସ୍ତ ରାଜ୍ୟ ବିଜେପି ପଦାଧିକାରୀ କମିଟି ଏବଂ ବୋର୍ଡ, ନିଗମ ନିଯୁକ୍ତି ନେଇ ଉଦ୍ଦିଷ୍ଟ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି । ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱ, ରାଜ୍ୟର ସାଂସଦମାନଙ୍କ ସହ ଆଲୋଚନା ପରେ ଏ ନାମଗୁଡ଼ିକ ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି ।

**■ ତାଲିକା ଧରି ଦିଲ୍ଲୀ ଗଲେ ମନମୋହନ**
**■ ଦିଲ୍ଲୀ ବୈଠକରେ ଚୂଡ଼ାନ୍ତ ହେବ ନାମ**

ସୋମବାର ମନମୋହନ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଅବସରରେ ଓଡ଼ିଶା ସମ୍ପର୍କରେ ଏକାଧିକ ପ୍ରସଙ୍ଗରେ ଶ୍ରୀ ଶାହାଙ୍କ ସହ ମନମୋହନ ଆଲୋଚନା କରିଛନ୍ତି । ଆଲୋଚନା ବେଳେ ଉପରାଷ୍ଟ୍ରପତି ନିର୍ବାଚନ ସହ ରାଜ୍ୟରେ ବିଜେପି ସାଂଗଠନିକ ସମ୍ପ୍ରସାରଣ ଏବଂ ନିଗମ, ବୋର୍ଡ ନିଯୁକ୍ତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି । ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ସୂଚନା ଅନୁଯାୟୀ ଓଡ଼ିଶାରେ ନିଗମ ଓ ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ ବସିସାରିଲାଣି । ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଓ ସେ ନିଜେ ଏନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ । ଅତଏବ କୋର କମିଟି ସଦସ୍ୟଙ୍କ ସହ ବ÷÷ଠକ ପୂର୍ବରୁ ମନମୋହନଙ୍କ ଆଜିର ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ମନମୋହନଙ୍କ ଏହି ଗସ୍ତ ଅବସରରେ ନିଗମ, ବୋର୍ଡ ନିଷ୍ପତ୍ତି ଚୂଡ଼ାନ୍ତ ହେବା ଏକରକମ ଧାର୍ଯ୍ୟ ବୋଲି ବିଜେପିର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଅପରପକ୍ଷେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ମନମୋହନ ରାଜ୍ୟ ବିଜେପି ସାଂସଦମାନଙ୍କ ସହ ଆଲୋଚନା କରିବେ ବୋଲି ମଧ ସୂଚନା ମିଳିଛି ।

**■ ମହଙ୍ଗା ପଡ଼ିଲା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ**

## ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୧୮ ।୮ (ସମିସ): ବୈଧ ଅନୁମତି ବିନା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ କରିବା ମହଙ୍ଗା ପଡ଼ିଛି । ଏଥିପାଇଁ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଇନ୍ସପେକ୍ଟର୍ ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍(ଆଇଜିଆର୍) । ୭ ଦିନ ମଧ୍ୟରେ ଜବାବ ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**୭ ଦିନରେ ଜବାବ ଦେବାକୁ ନିର୍ଦ୍ଦେଶ**

ସୂଚନାନୁସାରେ, ଉତ୍ତର ମୁଣ୍ଡମୁହାଁଣର ଶିବାନୀ ଶଙ୍କର ରଥ କାଶୀପୁର ମୌଜାରେ ଥିବା ଠାକୁରଙ୍କ ସମ୍ପତ୍ତିର ସ୍ୱତ୍ୱ ପରିବର୍ତ୍ତନ କରି ଦେଇଥିଲେ । ଜାଲିଆତି କରି ଉକ୍ତ ଜମିର ଆରଓଆର୍ ପ୍ରସ୍ତୁତ କରି ତାହା ସ୍ଥିତିବାନ ଜମି ବୋଲି ଦର୍ଶାଇଥିଲେ । ପରେ ନିଜ ପତ୍ନୀ ଜୟନ୍ତୀ ପୁଷ୍ପାଳକ ସମେତ ୮ ଜଣଙ୍କୁ ଉକ୍ତ ଜମିକୁ ବିକ୍ରି କରିଦେଇଥିଲେ । ଦେବୋତ୍ତର କମିସନରଙ୍କ ଅନୁମତି ଆଣିବା ପରିବର୍ତ୍ତେ ଜାଲିଆତି କରି ବିକ୍ରି କରିଦେଇଥିଲେ । ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ଅର୍ଚ୍ଚନା ଗୌଡ଼ଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ପୁଲିସ ଶିବାନୀ ଓ ପତ୍ନୀ ଜୟନ୍ତୀଙ୍କୁ ଗିରଫ କରିଥିଲା । ତେବେ ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର କାହିଁକି ଆରଓଆର୍ (ରେକର୍ଡ ଅଫ୍ ରାଇଟ୍ସ) ଯାଞ୍ଚ ନକରି ଜମି ପଞ୍ଜୀକରଣ କରିଥିଲେ, ସେନେଇ ଆଇଜିଆର୍ ପ୍ରଶ୍ନ କରିଛନ୍ତି । ପଞ୍ଜୀକରଣ ଆକ୍ଟ ୧୯୦୮ ର ଧାରା ୨୨(ଏ) ଉଲଙ୍ଘନ କରିଥିବାରୁ କାହିଁକି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ଲିଖିତ ଉତ୍ତର ଦେବାକୁ କହିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଜବାବ ରଖିବାକୁ ଆଇଜିଆର୍ ନିର୍ଦ୍ଦେଶ ଦେଇଛନ୍ତି ।

**ନବୀନଙ୍କ ସହ ସାକ୍ଷାତ ନ କରାଇଦେବା ଗୁଜବ**

## ଭିତରକୁ ନ ଯିବାକୁ ଡାକ୍ତର ଅନୁରୋଧ କରିଥିଲେ: ଭକ୍ତ

ଭୁବନେଶ୍ୱର,୧୮।୮ (ସମିସ): ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାରେ ବାରଣ କରାଯିବା ସଂକ୍ରାନ୍ତ ଗୁଜବରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ବିଭିନ୍ନ ଗଣମାଧ୍ୟମରେ ନବୀନଙ୍କ ସହ ତାଙ୍କୁ ଭେଟାଇ ନଦେବା ନେଇ ଯାହା ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ନିରାଧାର ବୋଲି ଭକ୍ତ କହିଛନ୍ତି । ସୋମବାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଭକ୍ତ କହିଛନ୍ତି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ଶୁଣି ସେ ହସ୍ପିଟାଲକୁ ଯାଇଥିଲେ । ଆଇସିୟୁ ନିକଟରେ ଗୋଟିଏ କୋଠରୀରେ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁଙ୍କ ସମେତ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ । ସେ ଯାଇ ସେଠାରେ ବସିଥିଲେ । ହସ୍‌ପିଟାଲର କିଛି ଡାକ୍ତର ଓ ଅଧୀକ୍ଷକ ସେଠାକୁ ଆସି ସେମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସେ ଆଇସିୟୁକୁ ଯିବାକୁ ଚାହିଁବାରୁ ଡାକ୍ତରମାନେ ତାଙ୍କୁ ଆଇସିୟୁ କୋଠରୀ ପର୍ଯ୍ୟନ୍ତ ତାଙ୍କୁ ନେଇ ଯାଇଥିଲେ । ମାତ୍ର ଭିତରକୁ କାହାରିକୁ ଛଡ଼ାଯାଉ ନାହିଁ ଓ ଜଣେ ବ୍ୟକ୍ତି ଗଲେ ଅନ୍ୟମାନେ ମଧ ଯିବା ପାଇଁ ଜିଦି କରିବେ ବୋଲି ଡାକ୍ତରମାନେ ଅତ୍ୟନ୍ତ ନମ୍ରତାର ସହ କହିବାରୁ ସେ ଆଇସିୟୁକୁ ଯାଇ ନ ଥିଲେ । ତେବେ ନବୀନ ବାବୁ ଭଲ ଅଛନ୍ତି । ବିରୋଧୀ ରାଜନୈତିକ କାର୍ଯ୍ୟ ଅଲଗା କଥା । ତାଙ୍କର ମହତ୍ୱ ବହୁତ ଅଛି । ଓଡ଼ିଶାରେ ସେ ଜଣେ ମହାନ ବ୍ୟକ୍ତିତ୍ୱ । ତାଙ୍କୁ ସମ୍ମାନ ଦେବା ଓ ଭଲମନ୍ଦ ଜଣିବା ପ୍ରଦେଶ କଂଗ୍ରେସ କମିଟିର କର୍ତ୍ତବ୍ୟ । ସେ ଦୃଷ୍ଟିକୋଣରୁ ଜଣେ ସାଂଗଠନିକ ମୁଖ୍ୟ ଭାବେ ସେ ହସ୍ପିଟାଲକୁ ଯାଇଥିଲେ ବୋଲି ଭକ୍ତ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ସେ ସେଠାରେ ବସିଥିବା ସମୟରେ ସୁଜାତା କାର୍ତ୍ତିକେୟନ ଆସିଥିଲେ ଓ ମୋତେ ଅତ୍ୟନ୍ତ ସମ୍ଭ୍ରମତାର ସହ ନବୀନଙ୍କ ସ୍ୱାସ୍ଥ୍ୟ, ଚିକିତ୍ସା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମୟରେ ଭି.କେ.ପାଣ୍ଡିଆନ ଆସିଥିଲେ ଓ ମୋ ସହ ମଧ ଅତ୍ୟନ୍ତ ସମ୍ମାନର ସହ କଥା ହୋଇଥିଲେ ।

## ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର,୧୮ ।୮ (ସମିସ): ଭିଜିଲାନ୍ସ ଜାଲରେ ଫସିଛନ୍ତି ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା । ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଭିଜିଲାନ୍ସ ଯନ୍ତ୍ରୀ ସୁରେନ୍ଦ୍ରଙ୍କ ଅଫିସ ସମେତ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ କରାଯାଇଛି । ସୁନ୍ଦରଗଡ଼ ଟାଉନ୍‌ରେ ଥିବା ୩ ତାଲା ଘର, ରାଉରକେଲା ଗୋପବନ୍ଧୁ ନଗରରେ ଥିବା ଦୁଇ ତାଲା ଘର, ଭୁବନେଶ୍ୱର ଘାଟିକିଆ ଫେ-

**■ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ, କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ**
**■ ଘରୁ ୧.୨୫ ଲକ୍ଷ ନଗଦ ଟଙ୍କା ଜବତ, ଆକାଉଣ୍ଟରେ ରହିଛି ୫୨ଲକ୍ଷ**

୩ରେ ଥିବା ୨ଟି ଫ୍ଲାଟ, ଗଞ୍ଜାମ ପୁରୁଷୋତ୍ତମପୁରରେ ଥିବା ପୈତୃକ ବାସଭବନ, ଗଞ୍ଜାମ, ପୁରୁଷୋତ୍ତମପୁର ବେହେରା ସାହିରେ ଥିବା ଶଶୁର ଘର, ଅନୁଗୁଳରେ ଥିବା ସରକାରୀ କ୍ୱାର୍ଟର୍ସ ଏବଂ ଅଫିସ ରୁମ୍‌ରେ ଚଢ଼ଉ କରିଥିଲା ଭିଜିଲାନ୍ସ । ଚଢ଼ଉ ବେଳେ ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଛନ୍ତି ଭିଜିଲାନ୍ସ ଟିମ୍ । ତାଙ୍କ ଘରୁ ନଗଦ ୧.୨୫ଲକ୍ଷ ଟଙ୍କା ଜବତ ହୋଇଥିବାବେଳେ ବ୍ୟାଙ୍କ୍ ଏବଂ ଇନ୍ସୁରାନ୍ସରେ ସେ ୫୧ଲକ୍ଷ ୯୭ ହଜାର ୩୪୦ ଟଙ୍କା ରଖିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି । ତାଙ୍କ ଘରେ ୧୭.୪୩ଲକ୍ଷ ଟଙ୍କାର ଆସବାବପତ୍ର ରହିଥିବା ଭିଜିଲାନ୍ସ ପ୍ରକାଶ କରିଛି । ଏଥିସହ ଭୁବନେଶ୍ୱର ଘାଟିକିଆ ଆକ୍ସିସ୍ ବ୍ୟାଙ୍କ୍ ଶାଖାରେ ଗୋଟିଏ ଲକର୍ ରହିଛି । ଏହି ଲକ୍‌ର ତାଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟ ନାମରେ ରହିଛି । ଏଥିରେ ସୁନାଗହଣା ରହିଥିବା ସନ୍ଦେହ କରାଯାଉଥିବାରୁ ଏହାକୁ ଖୋଜିବା ପ୍ରକ୍ରିୟା ଆରମ୍ଭ କରିଛି ଭିଜିଲାନ୍ସ ।

ଏହି ଚଢ଼ଉରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ତାଙ୍କ ନାମରେ ସୁନ୍ଦରଗଡ଼ ଟାଉନରେ ୧.୧୧କୋଟିର ଗୋଟିଏ ୩ ତାଲା କୋଠା ରହିଛି । ଗୋପବନ୍ଧୁନଗର ଏମ୍/୨୦ରେ ଗୋଟିଏ ଦୁଇ ତାଲା କୋଠା ରହିଥିବା ବେଳେ ଘାଟିକିଆ ଫେଜ୍-୩



ଅରୋଭିଲାରେ ଦୁଇଟି ଫ୍ଲାଟ୍ ରହିଛି । ତାଙ୍କ ନାମରେ ସୁନ୍ଦରଗଡ଼ରେ ଗୋଟିଏ, ରାଉରକେଲାରେ ଗୋଟିଏ ଏବଂ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ପ୍ଲଟ୍ ରହିଛି । ଏହି ସବୁ ପ୍ଲଟ୍‌ର ମୂଲ୍ୟ ଆକଳନ କରୁଛି ଭିଜିଲାନ୍ସର ଟେକ୍ନିକାଲ ଟିମ୍ ।

ସୁନ୍ଦରଗଡ଼ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ ସୁରେନ୍ଦ୍ର ବେହେରା । ସେହି ସମୟରେ ବି ତାଙ୍କ ବିରୁଦ୍ଧରେ ଅନେକ ଦୁର୍ନୀତିର ଅଭିଯୋଗ ହୋଇଥିଲା । ସମସ୍ତ ବିଭାଗୀୟ କାର୍ଯ୍ୟ ନିଜେ ଠିକା କରିବା ସହ ଅନେକ ପୁରୁଣା କାମରେ ଚୂନ ମାରି ନୂଆ କାମ ଦେଖାଇ କୋଟି କୋଟି ଟଙ୍କା ବିଲ କରି ଉଠାଇ ନେବା ଭଳି ଅଭିଯୋଗ ରହିଥିଲା । ଏହାପରେ ତତ୍କାଳୀନ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିବାବେଳେ ତାଙ୍କ ବଦଳି ହୋଇଥିଲା । ଏହାପରେ ସେ ଭିଜିଲାନ୍ସ ସ୍କାନରକୁ ଆସିଥିଲେ । ସେପଟେ ତାଙ୍କ ଉପରେ ଲାଗିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ଫଶାଇ ଦିଆଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି ।

## ପତ୍ନୀହନ୍ତାକୁ ଆଜୀବନ ଜେଲ୍

ଭଦ୍ରକ, ୧୮ ।୮ (ସମିସ): ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ ପ୍ରଭାତ ରଞ୍ଜନ ରାୟଗୁରୁ ଆଜି ଜଣେ ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଜଣଙ୍କ ହେଲା, ଧାମନଗର ଥାନା କଲ୍ୟାଣୀ ଗାଁର ଅଜିତ ଜେନା । ସୂଚନାନୁଯାୟୀ, ଧାମନଗର ଥାନା ବନ୍ଧଟିଆ ଗାଁର ଯୋଗେନ୍ଦ୍ର ଜେନାଙ୍କ ଝିଅ ଆରତି ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ଅଜିତକୁ ବିବାହ କରିଥିଲେ । ବିବାହ ବେଳେ ବରଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । କିନ୍ତୁ ଅଜିତ ପରେ ଯୌତୁକ ବାବଦକୁ ଏକ ବାଇକ୍ ଦାବି କରିଥିଲେ । ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ଗତ ୨୦୧୭ ଅଗଷ୍ଟ ୧୬ରେ ଏହି କଥାକୁ କେନ୍ଦ୍ର କରି ଅଜିତ ଏକ ଶାବଳରେ ଆରତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂପର୍କରେ ଯୋଗେନ୍ଦ୍ରଙ୍କ ଅଭିଯୋଗକ୍ରମେ ଧାମନଗର ପୁଲିସ୍ ଏକ ମାମଲା ରୁଜୁ କରି ଅଜିତଙ୍କୁ ଗିରଫ କରିଥିଲା । ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅରୁଣ ମିଶ୍ର ଓ ସୂର୍ଯ୍ୟକାନ୍ତ କୁଅାଁର ମାମଲା ପରିଚାଳନା କରୁଥିଲେ ।

## ମୋବାଇଲ୍ ନ ଦେବାରୁ ବ୍ରାହ୍ମଣୀକୁ ଡେଇଁଲେ ଯୁବତୀ

କବାଟବନ୍ଧ/ଯଖପୁରା,୧୮।୮ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ ଉପରୁ ଜଣେ ଯୁବତୀ ନଦୀକୁ ଡେଇଁଥିବା ଜଣାପଡ଼ିଛି । ଯୁବତୀଜଣଙ୍କ ଦାନଗଦି ବ୍ଲକ ଅନ୍ତର୍ଗତ ଜଖପୁରା ଥାନା ଅଧିନ ପଙ୍କପାଳ ପଞ୍ଚାୟତର ବୋଲି ଜଣାପଡ଼ିଛି । ଖବର ଅନୁସାରେ, ଯୁବତୀଜଣଙ୍କ ଏକ ମୋବାଇଲ ଫୋନ ପାଇଁ ଜିଦ କରିଥିଲେ । ଘରଲୋକେ ଫୋନ ନ ଦେବାରୁ ସେ ଘରୁ ରାଗି ଆସିଥିଲେ । ଏହା ପରେ ତାଙ୍କ ଜେଜେ ବାପା ମଧ ତାଙ୍କ ପଛେପଛେ ଆସିଥିଲେ । ବ୍ରାହ୍ମଣୀ ବ୍ରିଜ ଉପରୁ ହଠାତ ନଦୀକୁ ଡେଇଁ ପଡ଼ିଥିଲେ । ଏହା ପରେ ତାଙ୍କ ଜେଜେ ମଧ ଉଦ୍ଧାର କରିବା ପାଇଁ ଡେଇଁଥିଲେ । ତେବେ ଯୁବତୀଜଣଙ୍କୁ ତାଙ୍କ ଜେଜେ ଉଦ୍ଧାର କରି ନଦୀ ମଝିରେ ଥିବା ଶୁଖିଲା ସ୍ଥାନରେ ରହିଥିଲେ ।

**ନଦୀକୁ ଡେଇଁ ଉଦ୍ଧାର କଲେ ଜେଜେ**

ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ । ଫାୟାର ଅଫିସର ଉଦ୍ଧବ ଚରଣ ସାହୁଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଅଗ୍ନିକ କରୁଣାକର ମଲ୍ଲିକ, ଫାୟାର ଯୋଦ୍ଧା କୃପାସିନ୍ଧୁ ସ୍ୱାଇଁ, ଜିତୁ ରଞ୍ଜନ ପରିଡ଼ା, ତାପସ ମୁଳିଆ, ବସନ୍ତ ମହାନ୍ତି, ବିନୋଦ ପାତ୍ର, ସୁମନ୍ତ ଦାସ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ । ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଛି ।

# ବର୍ଷାରେ ବେହାଲ ମାଲକାନଗିରି

ମାଲକାନଗିରି,୧୮ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଗତକାଲି ସକାଳ ୮ଟାରୁ ଆଜି ସକାଳ ୮ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୭୦.୩୭ ମିମି ବର୍ଷା ହୋଇଛି । ମାଲକାନଗିରି ବ୍ଲକରେ

**■ ଭୁଶୁଡ଼ିଲା ବିମାନବନ୍ଦର ପାଚେରି**
**■ ମାଲକାନଗିରି ବ୍ଲକ୍‌ରେ ସର୍ବାଧିକ ୧୦୮.୬ ମିମି ବର୍ଷା**
**■ ବୁଡ଼ିଲା ପୋଲ, ଯାତାୟାତ ବାଧାପ୍ରାପ୍ତ**



ସର୍ବାଧିକ ୧୦୮.୬ମିମି ବର୍ଷା ହୋଇଥିବା ବେଳେ ମାଥିଲିରେ ୫୭ ମିମି, କାଲିମେଳାରେ ୬୩ମିମି, ଖଇରପୁଟରେ ୪୮ମିମି, ଚିତ୍ରକୋଣ୍ଡାରେ ୬୬ ମିମି, କୋରୁକୋଣ୍ଡାରେ ୯୪ମିମି ଓ ପଡ଼ିଆ ବ୍ଲକ୍‌ରେ ୫୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଲଗାଣ ବର୍ଷା ଯୋଗୁଁ ଆଜି ସକାଳୁ ସକାଳୁ କିଛି ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖାଯାଇଥିଲା । ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଏବଂ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସଂଧ୍ୟା ସୁଦ୍ଧା ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାର ପୋଟେରୁ ଓ ଏମ.ଭି-୯୬ ପୋଲ ଦେଇ ପ୍ରବାହିତ ହେଉଥିବା ବନ୍ୟାଜଳ ହ୍ରାସ ପାଇଥିବା ବେଳେ କାଙ୍ଗୁରୁକୋଣ୍ଡା ଓ କନ୍ୟାଶ୍ରମ ନିକଟସ୍ଥ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାଯାଇଛି । ଫଳରେ ମାଲକାନଗିରି ଜିଲ୍ଲା ସଦର ମହକୁମାରୁ କାଲିମେଳା, ଏମ.ଭି-୭୯ ଓ ମୋଟୁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏଥିସହ କାଲିମେଳା ବ୍ଲକଠାରୁ ପଡ଼ିଆ ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପୋଲଗୁଡ଼ିକର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି । ସେହିପରି, ବର୍ଷା ଯୋଗୁଁ ମାଲକାନଗିରି ବିମାନବନ୍ଦରର ପାଚେରିର ପ୍ରାୟ ୨୦ ଫୁଟ୍ କାନ୍ଥ ଭୁଶୁଡ଼ିପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ଆଜି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ରହିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପରିସ୍ଥିତି ଉପୁଜିଲେ, ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ହୋଇ ରହିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଗ୍ନୋ ଡିଇସିଇ ପାଠ୍ୟକ୍ରମର ଓଡ଼ିଆ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୮ ।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ‘ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା (ଡିଇସିଇ)’ ପାଠ୍ୟକ୍ରମର ଓଡ଼ିଆ ଭାଷାରେ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉନ୍ମୋଚନ କରିଛନ୍ତି । ଏହା ପୂର୍ବରୁ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ଏହି ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଥିଲା । ସମ୍ପ୍ରତି ଓଡ଼ିଆରେ ମଧ ଶିକ୍ଷାଦାନ ପାଇପାରିବେ ଛାତ୍ରଛାତ୍ରୀ । ଏହା ଏକ ବର୍ଷିକିଆ ପାଠ୍ୟକ୍ରମ ଏବଂ +୨ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ । ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଶିକ୍ଷାଦାନ କରାଯିବ । ପାଠ୍ୟପୁସ୍ତକ ସହ ଅଡିଓ କ୍ୟାସେଟ୍ ଏବଂ ଭିଡିଓ ମାଧ୍ୟମରେ ମଧ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିପାରିବେ ।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଓଡ଼ିଆ ଭାଷାରେ ଶିକ୍ଷାଦାନ ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଶେଷକରି ଶିଶୁବାଟିକା ଏବଂ ଅଙ୍ଗନବାଡିରେ କାର୍ଯ୍ୟରତ କର୍ମଚାରୀମାନେ ଏହି ପାଠ୍ୟକ୍ରମରେ ଉପକୃତ ହୋଇପାରିବେ । ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ପ୍ରାରମ୍ଭିକ ଶିକ୍ଷାକୁ ସୁଦୃଢ଼ କଲେ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । ଇଗ୍ନୋର ଏହି ପାଠ୍ୟକ୍ରମ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ କର୍ମଚାରୀଙ୍କ ଦକ୍ଷତା ବିକାଶ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ମାତୃଭାଷାରେ ଶିକ୍ଷା ଲାଭ ଫଳରେ ଛାତ୍ରଛାତ୍ରୀଙ୍କର ସୃଜନଶୀଳତାର ବିକାଶ ହେବା ସହ ତୃଣମୂଳସ୍ତରରୁ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । କାର୍ଯ୍ୟକ୍ରମରେ ଇଗ୍ନୋ କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ସମେତ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମନୀଷା ବାନାର୍ଜୀ ଓ ବହୁ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଇଗ୍ନୋର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ଜୁନ୍ ୯ତାରିଖରେ ଉଚ୍ଚଶିକ୍ଷା ବିଭାଗ ଓ ଇଗ୍ନୋ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।



ଭାଉଜଙ୍କୁ ପ୍ରେମ ନିବେଦନ

## ଛେଚା ଖାଇଲେ ଦିଅର

**କୁଆମରା, ୧୮।୮ (ସମିସ):** ଖୁଣ୍ଟା ଥାନା ଅଧୀନ ଦେଉଳାଡିହି ଗ୍ରାମର ଜଣେ ବିବାହିତ ମହିଳାଙ୍କୁ ତାଙ୍କ ଦିଅର ପ୍ରେମ ନିବେଦନ କରି ଶେଷରେ ଆକ୍ରମଣର ଶିକାର ହୋଇଛନ୍ତି। ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଦିଅର ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରି ଆସୁଥିଲେ; ଯାହାକୁ ନେଇ ସର୍ବଦା ବିରୋଧ କରି ଆସୁଥିଲେ ଭାଉଜ। ତେବେ ଅସଫଳ ହେବାରୁ ଭାଉଜ ଓ ଦିଅରଙ୍କ ମଧ୍ୟରେ କିଛି ଦିନ ହେବ ତିକ୍ତତା ବଢ଼ିଥିଲା। ରବିବାର ଭାଉଜଙ୍କ ଉପରେ ବଳପୂର୍ବକ ଅସଦାଚରଣ କରିବାକୁ ଯାଉଥିବା ବେଳେ ତାଙ୍କ ସ୍ୱାମୀ ପହଞ୍ଚି ଯିବାରୁ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ଏନେଇ ମହିଳା ଜଣକ ଦିଅରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଛି। ତେବେ ଅପରାହ୍ନରେ ମହିଳାଙ୍କ ବାପ ଘର ଲୋକେ ପହଞ୍ଚି ଦିଅର ନନ୍ଦକିଶୋର ମହାନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ହୋଇ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣରେ ସମ୍ପୃକ୍ତ ଥିବା ମହିଳାଙ୍କ ତିନି ଭାଇଙ୍କ ନାମରେ ଆଜି ନନ୍ଦକିଶୋର ପାଲଟା ଅଭିଯୋଗ କରିଛି।

## ବଜ୍ରପାତରେ ଟଳି ପଡ଼ିଲେ ମହିଳା

କୁଆମରା, ୧୮।୮ (ସମିସ): ଖୁଣ୍ଟା ଥାନା ବାହାନଡା ପଞ୍ଚାୟତ ସ୍ଥିତ ହଳଦୀପାଳ ଗ୍ରାମରେ ରବିବାର ବଜ୍ରପାତ ହେବାରୁ ଗ୍ରାମର ତ୍ରିଲୋଚନ ପାତ୍ରଙ୍କ ପତ୍ନୀ ମାଳତୀ (୫୫)ଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ମାଳତୀ ବିଲକୁ କାମ କରିବାକୁ ଯାଇଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ସେ ବିଲରେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ରାତିରେ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ଅଣା ଯାଇଥିଲା; ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ଜନ୍ମାଷ୍ଟମୀ



**ବାରିପଦା, ୧୮।୮ (ସମିସ):** ବାରିପଦା ପୌର ପରିଷଦ ୧୫ନଂ. ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସର ଅନ୍ତେବାସୀଙ୍କ ଦ୍ୱାରା ପବିତ୍ର ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଛି। ଓଡ଼ିଶା ତଥା ଦେଶବିଦେଶରେ ଏହି ଉତ୍ସବ ପାଳିତ ହେଉଥିବାବେଳେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଛାତ୍ରାବାସର କୁନିକୁନି ପିଲାମାନେ କୃଷ୍ଣ, ରାଧା, ବଳରାମ, ସୁଦାମା, କଂସ, ଗୋପୀ ବେଶରେ ସଜ୍ଜିତ ହୋଇଆନନ୍ଦଉଲ୍ଲାସରେ ନାଚ ଗୀତ ପରିବେଷଣ କରିଥିଲେ। ସମସ୍ତ ଅନ୍ତେବାସୀ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପିଲାବେଳୁ ଆମ ପରମ୍ପରା ଓ ସଂସ୍କୃତିକୁ ଉପଲବ୍ଧି କରି ସେମାନଙ୍କ ମନରେ ଭକ୍ତି, ଆଧ୍ୟାତ୍ମିକ ଓ ନୈତିକତା ଭାବ ସୃଷ୍ଟି କରିବା ସକାଶେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଏ ବୋଲି ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଥିଲେ। ୱାର୍ଡେନ ସରୋଜ କୁମାର ସାବତ, ଶିକ୍ଷକ ଗଣେଶ ବେହେରାଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ରବି ମୁଣ୍ଡା, ଶିକ୍ଷୟିତ୍ରୀ ନିରୁପମା ସାହୁ ତଥା ବାମାଚରଣ ବାନରା ଓ ଜିତେନ୍ ବାହାଦୁର ଲାମା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ପିଆର୍‌ଏମ୍ ହସ୍ପିଟାଲ୍‌ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ବାରିପଦା, ୧୮।୮ (ସମିସ):** ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ଓ ମୟୂରଭଞ୍ଜ ସୁରକ୍ଷା ସେନା ସଂଗଠନର ସଭାପତି ସୁକୁଲାଲ୍ ମାରାଣ୍ଡି ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଫାଟକ ଫଳକରେ ଓଡ଼ିଆ ଓ ସାନ୍ତାଳୀରେ ଲେଖା ଯିବା ଓ ଭିତ୍ତିଭୂମି ବିକାଶ ଦାବି କରିଛି। ଦୀର୍ଘ ବର୍ଷ ଆନ୍ଦୋଳନ ପରେ ମୟୂରଭଞ୍ଜରେ ପ୍ରତିଷ୍ଠା ହୋଇଥିବା ମେଡିକାଲ କଲେଜ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ଭାବରେ ନାମିତ କରାଯାଇଥିଲେ ବି ତାଙ୍କର ପ୍ରତିମୂର୍ତ୍ତି ଏ ଯାଏ ସ୍ଥାପନ ହୋଇପାରିନାହିଁ। ଫଳରେ ଏହା ସାନ୍ତାଳୀ ଓ ଆଦିବାସୀ ସମାଜକୁ ଗଭୀର ଆଘାତ ଦେଇଛି। ତାଙ୍କୁ ଯେଉଁ ଉପଲବ୍ଧି ପାଇଁ ସରକାର ସମ୍ମାନିତ କରିଛନ୍ତି ସାନ୍ତାଳୀ ଭାଷାର ଲିପି ସୃଷ୍ଟି ପାଇଁ ସେ ଭାଷାର ଲିପିରେ ମଧ୍ୟ ମୁଖ୍ୟ ଫାଟକ ବୋର୍ଡରେ ଲେଖା ନ ଯିବା ଆମକୁ ଆହୁରି ମର୍ମାହତ କରିଛି। ତେଣୁ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କ ପକ୍ଷରୁ ଘୁନାଥ ମୁର୍ମୁ ମେଡିକାଲ କଲେଜର ଭିତ୍ତିଭୂମି ବିକାଶ ସହିତ ମେଡିକାଲ ପରିସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ମେଡିକାଲ ମୁଖ୍ୟ ଫାଟକରେ ସାନ୍ତାଳୀ ଭାଷାରେ ବୋର୍ଡ ଲେଖା ଯିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଅଥବା ମେଡ଼ିକାଲ କଲେଜ ପରିସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଓ ମେଡ଼ିକାଲ ମୁଖ୍ୟ ଫାଟକର ବୋର୍ଡରେ ସାନ୍ତାଳୀ ଭାଷାରେ ଲେଖିବାକୁ ଶ୍ରୀ ମାରାଣ୍ଡିଙ୍କୁ ଅନୁମତି ଦିଆଯାଉ ବୋଲି ସେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।





ରବର ଚାଷ ମୟୂରଭଞ୍ଜ ଚାଷୀଙ୍କୁ ଦେଉଛି ନୂଆ ପରିଚୟ

# ଚାଷ ଅନୁପଯୋଗୀ ଜମିରୁ ଲାଭ ଉଠାଉଛନ୍ତି ଚାଷୀ



**ବାରିପଦା, ୧୮।୮ (ସମିସ)**

ମୟୂରଭଞ୍ଜ ଜିଲ୍ଲାର ଚାଷୀଙ୍କୁ ରବରଚାଷ ଦେଇଛି ନୂଆ ପରିଚୟ। ପୂର୍ବରୁ ଶାଳପତ୍ର, ସବାଇ ଓ ବାଉଁଶ ଶିଳ୍ପ ପରେ ଏବେ ଜିଲ୍ଲାର ଚାଷୀଙ୍କୁ ନୂଆ ରୋଜଗାର ଯୋଗାଇଛି ରବର ଗଛ। ଏହି ଚାଷ କରି ୭ ବର୍ଷ ପରଠାରୁ ରବର ସିଟ ପ୍ରସ୍ତୁତ କରି ପ୍ରଶାସନ ସହାୟତାରେ ଚାଷୀ ଓ ଯୁବକ ଯୁବତୀ ରୋଜଗାରକ୍ଷମ ହୋଇଛନ୍ତି। ଏବେ ସେହି ରବରରୁ ରବର ବ୍ୟାଣ୍ଡ ଓ ଗ୍ଲୋବସ ପ୍ରସ୍ତୁତ କରି ଅଧିକ ଲାଭବାନ ହେଉଛନ୍ତି। ଖୁଣ୍ଟା ବ୍ଲକ ଅଧୀନ କେନ୍ଦୁଗାଡି ଗ୍ରାମରେ ରହିଛି ରବର ପ୍ରଡ୍ୟୁସର ସୋସାଇଟି। ତିନି ବର୍ଷ ତଳେ ସେହି ଗ୍ରାମରେ ରବର ବ୍ୟାଣ୍ଡ ଉତ୍ପାଦନ ୟୁନିଟ୍ ଶୁଭାରମ୍ଭ ପୂର୍ବକ ଉତ୍ପାଦନ ଆରମ୍ଭ ପରେ ଚାଷୀ ଲାଭ ପାଉଛନ୍ତି। ଶିଳ୍ପ ବିହୀନ ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା ପ୍ରାୟତଃ ନିର୍ଭର କରନ୍ତି ଚାଷ ଉପରେ। ଧାନ ଓ ଅଣଧାନ ତଥା ପନିପରିବା ଚାଷ ସହିତ ପ୍ରଥମେ ସବାଇ ଚାଷ ପରେ ବାଉଁଶ ଓ ଲିମନ୍ ଗ୍ରାସ୍ ଚାଷୀଙ୍କୁ ରୋଜଗାରକ୍ଷମ କରିବାକୁ ସକ୍ଷମ ହୋଇଥିବା ବେଳେ ଏବେ ରବର ଗଛ ଦେଉଛି ରୋଜଗାରର ନୂଆ ପନ୍ଥା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରକଳ୍ପ ସଫଳତାର ସିଡି ଚଢୁଛି। ଖୁଣ୍ଟା ବ୍ଲକ ଅଧୀନ କେନ୍ଦୁଗାଡି ଓ ବଡସାହି ବ୍ଲକର ଯଦୁନାଥପୁର ଚାଷୀଙ୍କୁ ନେଇ ଗଠିତ ହୋଇଛି ପୃଥକ ରବର ପ୍ରଡ୍ୟୁସର ଗ୍ରୁପ୍। ତେବେ କେନ୍ଦୁଗାଡି ଗ୍ରୁପ ପ୍ରଥମେ ସଫଳତାର ସିଡି ଚଢିବା ଆରମ୍ଭ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଗତ ୧୯୯୯ରୁ ୨୦୦୧ ମସିହା ମଧ୍ୟରେ ୫୭ ଜଣ ଚାଷୀଙ୍କୁ ନେଇ ୧୦୦ ଏକର ଚାଷ ଅନୁପଯୋଗୀ ଜମିରେ ୨୦ ହଜାର ରବର ଗଛ ସରକାରଙ୍କ ପକ୍ଷରୁ ଲଗାଯାଇଥିଲା। ଜିଲ୍ଲା ପ୍ରଶାସନର ଉଦ୍ୟମ ଫଳରେ ଉତ୍ତମ ରକ୍ଷଣା ବେକ୍ଷଣ ପରେ ୭ ବର୍ଷରେ ଗଛ ସବୁ ବଡ ହେବା ସହ ରବର ପ୍ରସ୍ତୁତ ପାଇଁ ଉପଯୋଗୀ ହୋଇଥିଲା। ରବର ପ୍ରସ୍ତୁତ କରି କିଲୋ ପ୍ରତି ୧୫୦ ଟଙ୍କା ଦରରେ ବିକ୍ରିକରି ଲାଭାବନ ହେଉଥିଲେ ଚାଷୀ। ୫୭ ଜଣ ଚାଷୀଙ୍କ ଲାଭାଂଶ ଦେଖି ସେହି ଗ୍ରାମର ଅନ୍ୟ ଚାଷୀମାନେ ମଧ୍ୟ ସୋସାଇଟିରେ ଯୋଡିହୋଇ ଏବେ ଶହେରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। ପୂର୍ବ ଭଳି କେବଳ ରବର ସିଟ୍ ନୁହେଁ ରବର ବ୍ୟାଣ୍ଡ ଓ ଗ୍ଲୋବ୍ସ ପ୍ରସ୍ତୁତ କରି ଏବେ ଚାଷୀ ଅଧିକ ଲାଭବାନ ହୋଇଛନ୍ତି ବୋଲି କେନ୍ଦୁଗଡ଼ି ରବର ପ୍ରଡ୍ୟୁସର ଗ୍ରୁପର ସଭାପତି ଦେବେନ୍ଦ୍ର ସିଂ କହିଛନ୍ତି। ଶିଳ୍ପ ବିହୀନ ଏହି ଜିଲ୍ଲାରେ କୃଷି ହିଁ“ଅନ୍ୟତମ ବିକଳ୍ପ। ଏବେ ରବର ଚାଷ ମୟୂରଭଞ୍ଜ ଜିଲ୍ଲାର ଅର୍ଥନୈତିକ ମେରୁଦଣ୍ଡ ପାଲଟିବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ, ସାଧାରଣ ଚାଷ ଅନୁପଯୋଗୀ ଜମିରେ ରବର ଗଛ ଭଲ ଭାବେ ବଢ଼ି ଚାଷୀଙ୍କ ଲାଭବାନ କରୁଛି। ପୁରୁଷ ଏବଂ ମହିଳାଙ୍କୁ ମଧ୍ୟ ସ୍ୱାବଲମ୍ବୀ କରୁଛି। ଏବେ ଚାଷୀଙ୍କୁ ତାଲିମ୍ ପ୍ରଦାନ କରୁଛି ରବର ବୋର୍ଡ ଓ ଓର୍‌ମାସ। କେରଳରୁ ପ୍ରଶିକ୍ଷକ ଆସି ଚାଷୀଙ୍କୁ ତାଲିମ୍ ଦେଇ ପ୍ରସ୍ତୁତ କରିବା ପରେ ଆରମ୍ଭ ହୋଇଥିବା ରବର ବ୍ୟାଣ୍ଡ ଉତ୍ପାଦନ ୟୁନିଟ୍ ଆଣିଛି ନୂଆ ସମ୍ଭାବନା ଏହି ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପଛରେ ରବର ବୋର୍ଡ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଓର୍‌ମାସ ସମ୍ପୂର୍ଣ୍ଣ ସହଯୋଗ କରି ଆସିଛି। ସମସ୍ତ ପ୍ରସ୍ତୁତ ସାମଗ୍ରୀ ବିକ୍ରି ଦାୟିତ୍ୱ ମଧ୍ୟ ଓର୍‌ମାସ ନେଇଛି। ଓର୍‌ମାସର ଡେପୁଟି ସିଇଓ ଓ ରବର ବୋର୍ଡର ଏଡିଓ ପ୍ରତ୍ୟକ୍ଷ ଭାବରେ ଚାଷୀଙ୍କୁ ଉତ୍ସାହିତ କରିବା ସାଙ୍ଗକୁ ସରକାରଙ୍କ ସହାୟତା ଯୋଗାଉଛନ୍ତି। କେନ୍ଦୁଗାଡି ରବର ପ୍ରଡ୍ୟୁସର ଗ୍ରୁପ୍ ଏବେ ଅଳ୍ପ ପରିଶ୍ରମରେ ଅଧିକ ଲାଭବାନ ହେଉଛନ୍ତି। ଯେଉଁ ଚାଷ ଜମି ଚାଷ ଅନୁପଯୋଗୀ ସେହି ଜମିରେ ପ୍ରଶାସନ ପକ୍ଷରୁ ରବର ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିଥିଲେ। ସେହି ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ରବର ବ୍ୟାଣ୍ଡ ଉତ୍ପାଦନ ୟୁନିଟକୁ କେନ୍ଦ୍ର ରବର ବୋର୍ଡ, କୋଟାୟମ୍‌ର ତତ୍କାଳୀନ କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ଼ କେ ଏନ୍ ରାଘବନ ୨୦୨୨ ଜୁଲାଇରେ ଉଦ୍‌ଘାଟନ କରି ଏହା ଚାଷୀଙ୍କୁ ଅଧିକ ଲାଭବାନ କରିବାରେ ସହାୟକ ହେବ ବୋଲି କହିଛନ୍ତି। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଚାଷୀଙ୍କ ଉଦ୍ୟମ ଫଳରେ ଏଭଳି ଚାଷ ସମ୍ଭବ ହୋଇଥିବା ବେଳେ ଆଗକୁ କେବଳ ରବର ବ୍ୟାଣ୍ଡ ଓ ଗ୍ଲୋବ୍ସ ନୁହେଁ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ଉପରେ ମଧ୍ୟ ରବର ବୋର୍ଡ ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ ବୋଲି ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମତ ପ୍ରକାଶ କରିଛନ୍ତି।

## ଚାଷ ଜମିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୁଆମରା, ୧୮।୮ (ସମିସ):** ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଟିକାୟତପୁର ଗ୍ରାମର ଅଭୟ ସିଂ (୭୦)ଙ୍କ ମୃତଦେହକୁ ସୋମବାର ସକାଳେ ଏକ ଚାଷ ଜମିରୁ କୁଆମରା ପୁଲିସ ଉଦ୍ଧାର କରିଛି। ସେ ଶନିବାର ଘରୁ ଆସିବା ପରେ ଆଉ ଫେରି ନାହାନ୍ତି। ଫଳରେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନଥିଲେ। ଆଜି ଏକ ପଳଶା ପ୍ରାଥମିକ ବିଦ୍ୟାଳୟର ପଛପଟରୁ ଦୁର୍ଗନ୍ଧ ହେବାରୁ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଉଦଳା ଡାକ୍ତରଖାନା ପଠାଇଛନ୍ତି। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡ଼ିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ସିଂହଟିଆ ମାତୃଜ୍ୟୋତି ପୀଠରେ ପହଞ୍ଚିଲା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ



**ବଡସାହି, ୧୮।୮ (ସମିସ):** ଶେଷରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ବଡସାହି ବ୍ଲକ ସିଂହଟିଆସ୍ଥିତ ମାତୃଜ୍ୟୋତି ପୀଠରେ ପହଞ୍ଚିଛି। ଏହାକୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ନବ ନିର୍ମିତ ମାତୃ ମନ୍ଦିରରେ ରଖାଯିବ। ସେଥିପାଇଁ ଗାଁ ସମେତ ଆଖପାଖ ଅଞ୍ଚଳରେ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିପାଇଁ ସିଂହଟିଆ ମାତୃଜ୍ୟୋତି ପୀଠ ଟ୍ରଷ୍ଟପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରୁ ସମବେତ ଧ୍ୟାନ ପରେ ଏହାକୁ ଏକ ଶୋଭାଯାତ୍ରାରେ ଅଣାଯାଇ ବୈଶିଙ୍ଗା ଓ ବେତନଟୀ ଶ୍ରୀ ଅରବିନ୍ଦ ସମାଧି ମନ୍ଦିରରେ ଉପସ୍ଥିତ ଅପାମାନଙ୍କ ଦ୍ୱାରା ଗ୍ରହଣ ଓ ବନ୍ଦାପନା ପରେ ଏହା ବେଲପାଳ ଛକରେ ପହଞ୍ଚିଥିଲା। ସେଠାରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅପାମାନଙ୍କ ଦ୍ୱାରା ପବିତ୍ର ଦେହାଂଶ ଗ୍ରହଣ ଓ ବନ୍ଦାପନା କରାଯାଇଥିଲା। ପରେ ସେଠାରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଓ ସମ୍ମାନ ପ୍ରଦର୍ଶନ ସହିତ ଲୋକଙ୍କ ସାଧାରଣ ଦର୍ଶନ ପାଇଁ ବେଦୀ ଉପରେ ସ୍ଥାପନ କରାଯାଇଥିଲା। ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ପବିତ୍ର ଦେହାଂଶକୁ ନେଇ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ନବ ନିର୍ମିତ ମାତୃ ମନ୍ଦିରରେ ରଖାଯାଇଛି।

## ଉଳେଇକୁଣ୍ଡି ଗ୍ରାମରେ ହାତୀ ଉପଦ୍ରବ



**ଖୁଣ୍ଟ, ୧୮।୮ (ସମିସ):** ଶୁକୃଳି ବ୍ଲକ ଅର୍ଜୁନବିଲ୍ଲା ପଞ୍ଚାୟତ ଅନ୍ତର୍ଗତ ଉଳେଇକୁଣ୍ଡି ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ଗ୍ରାମର ଖମାର ଦେଇ ଏକ ୩୦ ଟିକିଆ ହାତୀପଲ ଅତିକ୍ରମ କରିବାରୁ ଅନେକ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଯାଇଛି। ଏଥିସହିତ ବିଳମ୍ବିତ ରାତ୍ରିରେ ଗୋଟିଏ ଗୋଠଛଡା ହାତୀ ଅଚାନକ ଭାବରେ ସେହି ଗ୍ରାମର ପୀତାମ୍ବର ଭୋଇଙ୍କ ଟାଇଲ ଘର କାନ୍ଥ ଭାଙ୍ଗି ୨କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ, ଚାଉଳ ଖାଇଦେଇଛି। କ୍ଷତିଗ୍ରସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ଆଇନ୍ ମହାବିଦ୍ୟାଳୟରେ ନବାଗତଙ୍କ ପ୍ରବେଶ ଉତ୍ସବ



**ବାରିପଦା, ୧୮।୮ (ସମିସ):** ମୟୂରଭଞ୍ଜ ଆଇନ୍ ମହାବିଦ୍ୟାଳୟରେ ସୋମବାର ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରଞ୍ଜନ କୁମାର ତରେଇଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଓ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଉତ୍ସବର ପ୍ରାରମ୍ଭରେ ଆସିଷ୍ଟାଣ୍ଟ ପ୍ରଫେସର୍ ଜୟଶ୍ରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରଞ୍ଜନ କୁମାର ତରେଇ ନବାଗତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଐତିହ୍ୟ, ପ୍ରତିଷ୍ଠା ଓ ଜୀବନରେ ଆଇନ୍‌ର ଆବଶ୍ୟକତାକୁ ଅ ଉପସ୍ଥାପନ କରିଥିଲେ। ତୃତୀୟ ବର୍ଷର ଛାତ୍ର ଆଶିଷ୍ କୁମାର ବେହେରା ମଞ୍ଚ ଆମନ୍ତ୍ରଣ କ୍ରମେ ଡଃ ବନମାଳୀ ବାରିକ୍, ଭକ୍ତଚରଣ ସୋରେନ୍, ସିନିୟର ଆସିଷ୍ଟାଣ୍ଟ ପ୍ରଫେସର ଓ ଶ୍ରୀମତୀ ମିଶ୍ର, ଧୀରେନ୍ଦ୍ର ବେହେରା, ସୁନୀଲ୍ କୁମାର ଜେନା, ସୁଶ୍ରୀ ଏସ୍ .ନାୟକ ଏବଂ ଶ୍ରାଦ୍ଧା ସୋରେନ ଆସିଷ୍ଟାଣ୍ଟ ପ୍ରଫେସର୍ ପ୍ରମୁଖ ଆଇନର ଦିଗ ଉପରେ ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ୍ ଅତୁଲ୍ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ସିନିୟର୍ କିରାଣୀ ତାପସ୍ ରଞ୍ଜନ୍ ଜେନା, ମୁଖ୍ୟ ପିଅନ୍ ରବୀନ୍ଦ୍ର କୁମାର ପୁଟ୍ଟି, ଜୟନ୍ତ କୁମାର ବେହେରା, ୱାଚ୍ ମ୍ୟାନ୍ ଧର୍ମେନ୍ଦ୍ର ଦାସ ସମେତ ସଫେଇ କର୍ମଚାରୀରେ ଥିବା ସଞ୍ଜୟ କୁମାର ଜେନା ପ୍ରମୁଖଙ୍କ ପରିଚୟ ନବାଗତ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା।




## ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବୈଠକ

**କୁଆମରା, ୧୮।୮ (ସମିସ):** ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତ କାଳିଆପଦାଠାରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମୁଣ୍ଡାରୀ ଭାଷା ବିକାଶ ପରିଷଦ ପକ୍ଷରୁ ଦୀର୍ଘ ଦିନ ଧରି ସରକାରଙ୍କ ନିକଟରେ ଦାବି ହୋଇ ଆସୁଛି। ଶେଷରେ ସରକାରଙ୍କ ପକ୍ଷରୁ ବିଧାୟକ ଏ ନେଇ ବିକାଶ ପରିଷଦ ସହ ଆଲୋଚନା କରିଛନ୍ତି। ଏଥି ନିମନ୍ତେ କାଳିଆପଦାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଭାସ୍କର ମଢେଇ, ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶଶିଧର ସିଂ, ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ସିଂ, ବୁଧିରାମ ସିଂ, ସରପଞ୍ଚ ରବୀନ୍ଦ୍ର ସିଂ, ସମିତି ସଭ୍ୟା ବନସ୍ମିତା ସିଂ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଖୁବ ଶୀଘ୍ର ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ କାର୍ଯ୍ୟ ପନ୍ଥା ହାତକୁ ନିଆଯିବା ସହ ଭିତ୍ତିଭୂମି ଚୟନ ଓ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ କହିଛନ୍ତି।

## ଏମ୍‌ପିସି କଲେଜରେ ‘ମାର୍କେଟ୍‌ର ଏକଲବ୍ୟ’ ଶୀର୍ଷକ କର୍ମଶାଳା




**ବାରିପଦା, ୧୮।୮ (ସମିସ)**

କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଓ ଏନଏସଡିଏଲ ସହଭାଗିତାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ‘ମାର୍କେଟର ଏକଲବ୍ୟ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଆଲବେର୍ଟିନା ତିର୍କୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଡ. ତିର୍କୀ ନିଜ ବକ୍ତବ୍ୟରେ ବାଣିଜ୍ୟ ସହ ମଣିଷର ସମ୍ପର୍କ, ମହତ୍ତ୍ୱ ଏବଂ ବାଣିଜ୍ୟ ଶିକ୍ଷା କିଭଳି ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଭିନ୍ନ ବିଭାଗରେ କର୍ମ ନିଯୁକ୍ତି ସୃଷ୍ଟି କରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ନିଜ ବକ୍ତବ୍ୟରେ ଭାରତର ଅର୍ଥନୀତି, ବିଶ୍ୱ ବଜାରରେ ଲାଗିରହିଥିବା ଅସ୍ଥିରତା ଓ ଭାରତର ପୁଞ୍ଜି ବଜାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଶାସନିକ ମୁଖ୍ୟ ଡ. ପ୍ରିୟବ୍ରତ ବେହେରା ପ୍ରାଚୀନ କାଳରୁ ସଭ୍ୟତା ସହିତ ବାଣିଜ୍ୟର ସମ୍ପର୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଷୟ ବିଶେଷଜ୍ଞ ଭାବେ ଏନ.ଏସ.ଡି.ଏଲ.ର ପ୍ରତିନିଧି ନିହାରିକା ଗୁପ୍ତା ଭାରତର ସେୟାର ବଜାର ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଶ୍ରୀ ଭୀମ ଚରଣ ମୁର୍ମୁ, ସୀମା ଅଗରୱାଲ ଓ ଡ. ଅନାମ ଚରଣ ରାଉଳ ବାଣିଜ୍ୟ କ୍ଷେତ୍ରରେ ଆଗାମୀ ସମୟରେ ଆସୁଥିବା ସଙ୍କଟର କିଭଳି ସମ୍ମୁଖୀନ କରିହେବ ସେ ନେଇ ମତ ଦେଇଥିଲେ। ଶେଷରେ ଗତ ୨୦୨୨ ଅଗଷ୍ଟ ମାସରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସହକାରୀ ପ୍ରଫେସର ମନୀଷା ଶର୍ମାଙ୍କ ସ୍ମୃତିଚାରଣ କରାଯାଇଥିଲା। ଆଲୋଚନାଚକ୍ରରେ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିର୍ଦ୍ଦୋସ, ସୁଜାତା ବେହେରା, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା, ଅମ୍ରିତା ମହାନ୍ତି ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସହକାରୀ ପ୍ରଫେସର ଭୀମଚରଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବେତନଟୀକୁ ଏନ୍‌ଏସି ଘୋଷଣା ପରେ ବି କାର୍ଯ୍ୟକାରୀ ହେବାରେ ବିଳମ୍ବ

# ଆନ୍ଦୋଳନକୁ ଓହ୍ଲାଇବାକୁ ଅଞ୍ଚଳବାସୀ ସଜବାଜ

ବେତନଟୀ, ୧୮।୮(ସମିସ): ପୂର୍ବ ସରକାରରେ ବେତନଟୀକୁ ଏନଏସି ଘୋଷଣା କରାଯାଇଥିଲେ ମଧ୍ୟ ଆଜିଯାଏ କାର୍ଯ୍ୟକାରୀ ହେବାରେ ବିଳମ୍ବ ଦେଖାଦେଇଛି। ଫଳରେ ଏ ନେଇ ସହରବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଅଞ୍ଚଳର ବୁଦ୍ଧିଜୀବୀ, ବ୍ଲକ କଂଗ୍ରେସ ସଭାପତି, ସ୍ୱାଭିମାନ ସୁରକ୍ଷା ମଞ୍ଚ ଓ ବ୍ଲକ ମିଡିଆ ଆସୋସିଏସନ୍ ଅଭିଯୋଗ କରିଛନ୍ତି। ପୂର୍ବତନ ବିଜେଡି ସରକାରର ଶାସନ ଅବଧିରେ ବିଧାନସଭାରେ ପ୍ରତିଶ୍ରୁତି ଦେଇ ବେତନଟୀକୁ ଏନଏସି ଘୋଷଣା କରିଥିଲେ; କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ। ଗତ ୨୦୧୯ରୁ ୨୦୨୪ ମଧ୍ୟରେ ବଡ଼ସାହି ବିଧାୟକ ବହୁବାର ଏହି ଦାବି ଉଠାଇଥିଲେ। ଫଳରେ ଗଣମାଧ୍ୟମରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପ୍ରକାଶ ପାଇଥିଲା। ଛଅ ବର୍ଷରେ ଏନଏସି ଘୋଷଣା ସମ୍ପୂର୍ଣ୍ଣ ସର୍ଭେ ପୂରଣ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ଏହି ଘୋଷଣା ସହରବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଲାଣି। ଏହା ଜନସାଧାରଣଙ୍କ ଅଧିକାରର ଉଲ୍ଲଙ୍ଘନ ବୋଲି ଲୋକେ କହୁଛନ୍ତି। ଏନଏସି କାର୍ଯ୍ୟକାରୀ ନ ହେବା ଫଳରେ ଲୋକେ ରାସ୍ତା, ପରିମଳ, ଜଳ ଯୋଗାଣ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। ଏହି ଅବହେଳା ସମ୍ବିଧାନର ଅନୁଚ୍ଛେଦ ୨୧(ଏ) ଅନୁଯାୟୀ ସ୍ଥାନୀୟ ସ୍ୱାୟତ୍ତ ଶାସନର ଅଧିକାରର ଉଲ୍ଲଙ୍ଘନ। ତେଣୁ ତୁରନ୍ତ ଫାଇଲର ଅଗ୍ରଗତି ତଦନ୍ତ କରି ଘୋଷଣା କରିବାକୁ ଦାବି ହେଉଛି; ନଚେତ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଲେଣି।

## ବିଜେଡି ଜିଲ୍ଲା ଓ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୧୮।୮(ସମିସ): ବିଜାତଳା ବ୍ଲକ ବିଜେଡି ତରଫରୁ ନୂତନ ଜିଲ୍ଲା ଏବଂ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର ବିଜାତଳା ହାଟ ନିକଟ କଲ୍ୟାଣ ମଣ୍ଡପ ପରିସରରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ନିମାଇ ଚରଣ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ନୂତନ ବିଜେଡି ଜିଲ୍ଲା ସଭାପତି ଡାଃ.ଦେବାଶିଷ ମାରାଣ୍ଡି ଏବଂ ବ୍ଲକ ସଭାପତି ମାଝିଆ ରାମଚନ୍ଦ୍ର ଟୁଡୁଙ୍କୁ ଜିଲ୍ଲା ପରିଷଦ ସଦସ୍ୟା ପାର୍ବତୀ ଟୁଡୁ, ବିଜାତଳା ସରପଞ୍ଚ ଦମୟନ୍ତୀ ଟୁଡୁ, ପ୍ରାକ୍ତନ ବିଜାତଳା ସରପଞ୍ଚ ରାମଚନ୍ଦ୍ର ଟୁଡୁ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ନେତୃବୃନ୍ଦ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଡ଼ା. ମାରାଣ୍ଡି କହିଥିଲେ ଯେ, ବିଜେଡି ଏବେ ବି ଲୋକଙ୍କ ହୃଦୟରେ ଅଛି। ବିଜେଡି କୃଷକ, ମହିଳା, ଯୁବ, ଛାତ୍ର, ଶ୍ରମିକଙ୍କ ଦଳ। ବିଜେଡି ସର୍ବଦା ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଛି। ତେଣୁ ସମସ୍ତେ ଏକହୋଇ ବିଜେଡି ଛତା ତଳେ ରହି ସାରସକଣା ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ବ୍ଲକ ବିଜେଡି ସଭାପତି ଶ୍ରୀ ଟୁଡୁ କହିଥିଲେ ଯେ, ବିଜାତଳାର ସାମଗ୍ରିକ ଉନ୍ନତି ଏବଂ ସମସ୍ତ ଦଳୀୟ କର୍ମୀଙ୍କୁ ନେଇ ଦଳ ଆଗକୁ ବଢ଼ିବା। ତୃଣମୂଳ ସ୍ତରରେ ଜନତାଙ୍କ ହୃଦୟରେ ବିଜେଡି ଅଛି। ଆଗକୁ ପଞ୍ଚାୟତ ନିର୍ବାଚନ। ତେଣୁ ସମସ୍ତେ ଏକାଠି ହୋଇ ଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜାତଳା ବ୍ଲକର ବରିଷ୍ଠ ନେତୃବୃନ୍ଦ, ଯୁବ ନେତୃବୃନ୍ଦଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

# ଏକ୍ସ-ରେ ମେସିନ ଖରାପ; ରୋଗୀ ହନ୍ତସନ୍ତ




ବେତନଟୀ, ୧୮।୮(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ରୋଗୀ ସେବା ପାଉନାହାନ୍ତି। କିଛି ଦିନ ପୂର୍ବେ ରକ୍ତଚାପ ମାପିବା ଯନ୍ତ୍ର ଖରାପ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫଳରେ ରୋଗୀ ବାଧହୋଇ ବାହାରର ଔଷଧ ଦୋକାନରୁ ରକ୍ତଚାପ ମାପିଥିଲେ। ଏ ନେଇ ଭାଲିଆ ଗ୍ରାମର ରଞ୍ଜିତ ମହାନ୍ତ, ସରୋଜ ମହାନ୍ତି ଓ ଏସ୍‌ଏସ୍ ନହଣ୍ଡାଶୋଳର ମଙ୍ଗଳ ସିଂ ଅଭିଯୋଗ କରିଥିଲେ। ପୁଣି ଏକ୍ସ-ରେ ମେସିନ୍ ଖରାପ ହୋଇଥିବାରୁ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହୋଇଛନ୍ତି। ବେତନଟୀ ଭୋଗବାଟିର ପ୍ରକାଶ ଲେଙ୍କା ତାଙ୍କ ଭାଇ ବିକାଶଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ଏକ୍ସ-ରେ ପାଇଁ ପରାମର୍ଶ ଦେଇଥିଲେ, କିନ୍ତୁ ଅପରେଟର୍ ମେସିନ୍ ଖରାପ ଥିବା କହି ବାହାରୁ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଗ୍ରିଆ ଗ୍ରାମର ଜନ୍ମେଜୟ ପରିଡ଼ାଙ୍କର ଦୁର୍ଘଟଣା ପରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଛାତିରେ ମାଡ଼ ବାଜି ଫୁଲିଥିବାରୁ ଡାକ୍ତର ଏକ୍ସ-ରେ ପାଇଁ ପରାମର୍ଶ ଦେଇଥିଲେ; କିନ୍ତୁ ବେତନଟୀ ସ୍ୱାସ୍ଥ୍ୟ କେନ୍ଦ୍ରରେରେ ଏକ୍ସ-ରେ ମେସିନ୍ ଖରାପ ଥିବାରୁ ଶେଷରେ ବାରିପଦା ପିଆର୍‌ଏମ୍‌କୁ ନିଆଗଲା। ବାରମ୍ବାର ଏଭଳି ଘଟୁଥିଲେ ମଧ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଞ୍ଚଳବାସୀ।

## ଧାନ ଫସଲ ନଷ୍ଟକଲେ ହାତୀ



ରାଇରଙ୍ଗପୁର, ୧୮।୮(ସମିସ): ବିଜାତଳା ବ୍ଲକର ମାଣିକପୁର ପଞ୍ଚାୟତର ମାଣିକପୁର ଓ ପାଉଁଶିଆ ଗ୍ରାମରେ ହାତୀ ଉପଦ୍ରବରେ ବ୍ୟାପକ ଧାନଫସଲ କ୍ଷତି ପହଞ୍ଚିଛି। ଶନିବାର ରାତିରେ ୧୦ରୁ ଅଧିକ ଚାଷୀଙ୍କ ଧାନବିଲକୁ ହାତୀପଲ ଦଳି ଚକଟି ନଷ୍ଟ କରିଛନ୍ତି। ମାଙ୍ଗାତ ସୋରେନ, ସୁରେନ୍ଦ୍ର ହେମ୍ବ୍ରମ, କାରୁ ବାସ୍କେ ଓ ଚାଷୀବୃନ୍ଦ ଧାନବିଲ ନଷ୍ଟ ଦେଖି ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। ପ୍ରଶାସନ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସହାୟତା ରାଶି ଦେବା ପାଇଁ ସେମାନେ ଦାବି କରିଛନ୍ତି।

## ସ୍ୱାଧୀନତା ଦିବସରେ ପିଲାଙ୍କୁ ମିଳିଲାନି ମଧ୍ୟାହ୍ନ ଭୋଜନ

କପ୍ତିପଦା, ୧୮।୮(ସମିସ): କପ୍ତିପଦା ବ୍ଲକ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ବଣ୍ଟନରେ ଅନିୟମିତତା ଦେଖାଦେଇଥିବା ନେଇ ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଅଧିକାଂଶ ବିଦ୍ୟାଳୟରେ ବିଭିନ୍ନ ଆଳ ଦେଖାଇ ଆଦୌ ମଧ୍ୟାହ୍ନ ଭୋଜନ ରୋଷେଇ କରି ନ ଥିବା ବେଳେ ଆଉ କେତେକ ଅଣ୍ଡା ଖାଇବାକୁ ନ ଦେଇ କେବଳ ଆଳୁ ଝୋଳ ଦେଉଛନ୍ତି। ସେହିଭଳି କିଛି ବିଦ୍ୟାଳୟ କେବଳ ଅଣ୍ଡା ସିଝା ସହିତ ବୁଟ ସିଝା ଖାଇବାକୁ ଦେଉଛନ୍ତି। ସ୍ୱଳ୍ପ ମୂଲ୍ୟରେ ବେସରକାରୀ ବିଦ୍ୟାଳୟରେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର କରିକୁଲମ ଆକ୍ଟିଭିଟି କରୁଥିବାବେଳେ ସରକାରୀ ବିଦ୍ୟାଳୟର କିଛି ଶିକ୍ଷକଙ୍କ ମନମାନି ଯୋଗୁଁ ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ଫେରାଉଛନ୍ତି। ଏ ନେଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂଙ୍କୁ ଯୋଗାଯୋଗ କରିବାରୁ ସ୍ୱାଧୀନତା ଦିବସରେ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେବା ପାଇଁ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଘଟଣାର ତଦନ୍ତ କରାଯାଇ ଯେଉଁ ବିଦ୍ୟାଳୟ ଏଥିରେ ଖିଲାପି କରିଥିବେ ସେହି ସ୍କୁଲ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପୂର୍ଣ୍ଣଚନ୍ଦ୍ରପୁରରେ ଖୋଲିବ ନୃତ୍ୟକେନ୍ଦ୍ର

ବାରିପଦା, ୧୮ ।୮(ସମିସ): ମୟୂର କଳାଭୂମି ଅନୁଷ୍ଠାନ ପକ୍ଷରୁ ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ. ୧୫ରେ ଏକ ନୂତନ ନୃତ୍ୟକେନ୍ଦ୍ର ଖୋଲିବାକୁ ଯାଉଛି। ଏହି ନୃତ୍ୟ କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷିକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିଓଗ୍ରାଫର ଏସକେ ସାହିଲ ଯୋଗଦେଇ ପିଲାଙ୍କୁ ନୃତ୍ୟ ପ୍ରଶିକ୍ଷଣ ଦେବେ। ଏହି କେନ୍ଦ୍ରରେ ଆଗ୍ରହୀ ଅନାଥ ପିଲାଙ୍କୁ ମାଗଣାରେ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ନିର୍ଦ୍ଦେଶକ ଦିଲ୍ଲୀପ ପାତ୍ର କହିଛନ୍ତି। ପ୍ରତି ସପ୍ତାହର ମଙ୍ଗଳବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସନ୍ଧ୍ୟା ୬ଟାରୁ ୯ଘଟିକା ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ।

## ସ୍ୱାଧୀନତା ଦିବସରେ ନିମ୍ବ ଚାରାରୋପଣ

ବାରିପଦା, ୧୮।୮(ସମିସ): ସ୍ୱାଧୀନତା ଦିବସରେ ବାରିପଦାର ଗ୍ଲୋବାଲ ନିମ ପ୍ଲାଣ୍ଟେସନର ସଦସ୍ୟ/ସଦସ୍ୟା ନିମ୍ବ ଚାରାରୋପଣ କରିବା ସହ ସେଗୁଡିକର ଯତ୍ନ ନେବାପାଇଁ ଶପଥ ନେଇଥିଲେ। ବହୁବର୍ଷ ଧରି ସଂସ୍ଥା ତରଫରୁ ବିଭିନ୍ନ ସମୟରେ ନିମ୍ବ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତିଷ୍ଠାତା ବିମ୍ବାଧର ସାହୁ, ସଦସ୍ୟ ଡଃ ନିରୋଜ ପୋଥାଳ, ବୀର କିଶୋର କୁଁଅର, ସର୍ଦ୍ଦାର ହରିଚରଣ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ଲୋକନାଥ ମହାନ୍ତ, ଅରବିନ୍ଦ ମୁଖି, ଆଶୁତୋଷ ତ୍ରିପାଠୀ, ବିଜୟଲକ୍ଷ୍ମୀ ନାୟକ, ରାଜଲକ୍ଷ୍ମୀ ମିଶ୍ର ତଥା ସେଭ ଆର୍ଥ ମିଶନର ଜିଲ୍ଲା ସଭାପତି ତାପସ ବେହେରା ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ସତସଙ୍ଗ କେନ୍ଦ୍ରରେ ଚକ୍ଷୁ ଚିକିତ୍ସା ଶିବିର



ରାଇରଙ୍ଗପୁର, ୧୮।୮ (ସମିସ): ମହୁଲଡିହା ସତସଙ୍ଗ କେନ୍ଦ୍ରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ନିଗମାନନ୍ଦ ପଟ୍ଟନାୟକ ଉଦଘାଟନ କରିଥିଲେ। ଉତ୍ତର ଓଡ଼ିଶା ଭୂମିକା ଚକ୍ଷୁ ଡାକ୍ତରଖାନାର ଜୋନାଲ ମ୍ୟାନେଜର ବର୍ଣ୍ଣାଟ କେଶରୀ ଜେନା, ଏରିଆ ମ୍ୟାନେଜର ବିରଞ୍ଚି ନାରାୟଣ ସେଠୀ, ରାଇରଙ୍ଗପୁର ବ୍ଲକ ଇନ୍‌ଚାର୍ଜ କାପୁରା ବାସ୍କେ, କରଞ୍ଜିଆ ଚକ୍ଷୁ ହସପିଟାଲର ମ୍ୟାନେଜର ହିମାଂଶୁ ସାମଲ ସମେତ ଏକ ଟିମ୍ ୭୬ ଜଣ ରୋଗୀ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୨୩ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଛି। ଅସ୍ତ୍ରୋପଚାର ନିମନ୍ତେ ୧୬ ଜଣଙ୍କୁ କରଞ୍ଜିଆ ଭୂମିକା ଚକ୍ଷୁ ଡାକ୍ତରଖାନାକୁ ପଠାଯାଇଛି।

## ୨୯ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ମନୋନୀତ

ମହୁଲଡିହା, ୧୮।୮(ସମିସ): ଗତ ୧୯୯୩ ମସିହାରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିବା ଜଡିବିଲ ଉଚ୍ଚ ବିଦ୍ୟାଳୟରୁ ୨୯ ଜଣ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଗତ ମାଟ୍ରିକ ପରୀକ୍ଷାରେ ଜଡିବିଲ ଉଚ୍ଚ ବିଦ୍ୟାଳୟରୁ ୫୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେଥିରୁ ୨୯ ଜଣ



ଛାତ୍ରଛାତ୍ରୀ ସର୍ବୋଚ୍ଚ ନମ୍ବର ରଖିଥିବା ଆଧାରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଥିବା ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପଛରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ବେଶ ସହାୟକ ହୋଇଛି। ଶିଖାରାଣୀ ମହାନ୍ତ ସର୍ବୋଚ୍ଚ ୫୧୯ ନମ୍ବର ରଖି ଜିଲ୍ଲାସ୍ତରୀୟ ତାଲିକାରେ ସ୍ଥାନ ପାଇଥିବାବେଳେ ଅନ୍ୟମାନେ ବ୍ଲକସ୍ତରରେ ଅଧିକ ନମ୍ବର ରଖି ମନୋନୀତ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ କୃତଜ୍ଞତା ଜଣାଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ବହଳଦା, ୧୮।୮(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଭାସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଥାନା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୬ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ମଧ୍ୟରେ ସଭାପତି ନନ୍ଦକିଶୋର କିସ୍କୁ, ଉପସଭାପତି ଆହ୍ଲାନ ଚନ୍ଦ୍ର ମୁର୍ମୁ, ସମ୍ପାଦକ ବାରିଆଲ ମାଝୀ, ସହ ସମ୍ପାଦକ ଦୁର୍ଗାଚରଣ ମାଝୀ, କୋଷାଧ୍ୟକ୍ଷ ଡମାନ ଚରଣ ମାଝୀ, ସମୀକ୍ଷକ ସିଂଗ୍ରାୟ ହାଁସଦାଃ, ଉପଦେଷ୍ଟା ସମାୟ ଟୁଡୁ, ମାମୁ ମାଝୀ, ମାଡାଂ ହାଁସଦା, ଡ. ଦାସମାତ ମୁର୍ମୁ ଏବଂ ସଂଘର ସଦସ୍ୟ ବିକ୍ରମ ହାଁସଦା, ମିନତୀ ମୁର୍ମୁ, ଗୌରିମଣୀ ମାର୍ଣ୍ଡି, ଗାନସା ସୋରେନ୍, ଗୋପାଳ ଚନ୍ଦ୍ର ବେଶ୍ରା, ଶାଙ୍ଖଚରଣ ମାଝୀ ଓ ଶାଙ୍ଖ ଚରଣ ହାଁସଦା ପ୍ରମୁଖଙ୍କୁ ବରିଷ୍ଠ ନାଗରିକ ପରିଚୟ ପ୍ରଦାନ କରାଯାଇଛି।

## ଯୁବପିଢ଼ିଙ୍କ ହାତରେ ପରିବେଶ ସୁରକ୍ଷା ଦାୟିତ୍ୱ



କରଞ୍ଜିଆ, ୧୮।୮(ସମିସ): ଆଜିର ଯୁଗରେ ପରିବେଶ ସୁରକ୍ଷା ଦାୟିତ୍ୱ ଯୁବପିଢ଼ି ନିଅନ୍ତୁ ବୋଲି ବାର୍ତ୍ତା ରଖିଥିଲେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ। ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ହାଇବୁରୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ପରିବେଶ ସୁରକ୍ଷାର ଦାୟିତ୍ୱ ନେଇ ପ୍ରତ୍ୟେକ ଯୁବକ ଯୁବତୀ ଅନ୍ୟୂନ ଗୋଟିଏ ଚାରା ଲଗାଇବାକୁ ଯୁବ ସମାଜ ଶପଥ ନିଅନ୍ତୁ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ ଯୋଗଦେଇ ଶିମିଳିପାଳ ହେଉଛି ଆମର ପ୍ରାଣସ୍ପନ୍ଦନ। ତେଣୁ ଅଭୟାରଣ୍ୟକୁ ବଞ୍ଚାଇଲେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପରିବେଶବିତ୍ ଆଶିଷରଞ୍ଜନ ମହାନ୍ତ ଛାତ୍ର ସମୟରୁ ପରିବେଶ ସୁରକ୍ଷା ଦିଗରେ ଆକୃଷ୍ଟ ହୋଇ ବୃକ୍ଷ ଲଗାଇବା ଓ ଏହାର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ପରିବେଶବିତ ସୁବ୍ରତ କୁମାର ବିଶ୍ୱାଳ ସ୍ୱାର୍ଥ ପାଇଁ ମଣିଷ ସମାଜ କିପରି ପରିବେଶକୁ ଧ୍ୱସ କରିଚାଲିଛି ସେ ନେଇ ଭିଡିଓ ମାଧ୍ୟମରେ ଯୁବ ପିଢ଼ିଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକ ଯୋଗ ଦେଇ ବିଭିନ୍ନ କାରଣରୁ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ତେଣୁ ଏହାର ସୁରକ୍ଷା ଯୁବପିଢ଼ି ନିଅନ୍ତୁ ବୋଲି କହିଥିଲେ। କର୍ଣ୍ଣାର୍ଜୁନ ସାହା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମନ୍ଦିର ସମ୍ମୁଖରେ ବର୍ଷାପାଣି; ଶ୍ରଦ୍ଧାଳୁ ହନ୍ତସନ୍ତ



ମହୁଲଡିହା, ୧୮ ।୮ (ସମିସ): ଠାକୁରମୁଣ୍ଡାର ଆରାଧ୍ୟ ଦେବୀ ମା' ବାସୁଳୀ ମନ୍ଦିର ସମ୍ମୁଖରେ ଦୀର୍ଘ ୫ ଦିନ ହେଲା ବର୍ଷାପାଣି ଜମି ରହିଥିବାରୁ ଶ୍ରଦ୍ଧାଳୁ ହନ୍ତସନ୍ତ ହେଉଛନ୍ତି। ତେବେ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ମନ୍ଦିର ପଛ ପାଖରେ କଂକ୍ରିଟ କରାଯାଇ ଉଚ୍ଚ କରିଦିଆଯାଇଛି। ଫଳରେ ପାଣି ନିଷ୍କାସନ ହୋଇପାରୁନାହିଁ। ପଛ ପଟରେ ଯାଉଥିବା ପାଣି ରାସ୍ତା ବନ୍ଦ ହୋଇଯିବା ଫଳରେ ଏବେ ସବୁଦିନିଆ ସମସ୍ୟା ହୋଇ ଦେଖାଦେଇଛି। ତୁରନ୍ତ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରା ନ ଗଲେ ମନ୍ଦିର ଆଗରେ ପାଣି ଜମି ରହିବ। ଏଣେ ବଜାରରୁ ମନ୍ଦିର ଯିବା ରାସ୍ତାକଡ଼ରେ ମଇଳା କୁଢ଼ କୁଢ଼ ଦୁର୍ଗନ୍ଧରେ ଫାଟି ପଡୁଛି। ଫଳରେ ଭକ୍ତମାନେ ନାକବନ୍ଦକରି ମନ୍ଦିରକୁ ଯାଉଛନ୍ତି। ତୁରନ୍ତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଦାବିପତ୍ର ପ୍ରଦାନ



ରାଇରଙ୍ଗପୁର, ୧୮।୮(ସମିସ): ରାଇରଙ୍ଗପୁର ରାଜସ୍ୱ କ୍ଷେତ୍ର ଅଧିକାରୀ, କର୍ମକର୍ତ୍ତା ଓ ସଦସ୍ୟମାନେ ବିଭିନ୍ନ ଦାବିନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଭାରପ୍ରାପ୍ତ ତହସିଲଦାର ସୁଧାକାର ସେଠୀଙ୍କୁ ପ୍ରଦାନ କରିଛନ୍ତି। ରାଜସ୍ୱ ସୁପରଭାଇଜର ଇଂ ନିହାର କୁମାର ପାତ୍ର, ରାଜେନ୍ଦ୍ର ଜ୍ୟୋତିଷ, ରତିକାନ୍ତ ପାତ୍ର, ପ୍ରତିଭା ମହାନ୍ତି, ସୁନାରାମ ମୁର୍ମୁ, ଗାୟତ୍ରୀ କୁମ୍ଭକାର, କର୍ମିଳା ମୁର୍ମୁ, ଇଂ ରଞ୍ଜନ ମହାନ୍ତ, ପ୍ରତିଭା ମହାନ୍ତ, ରତିକାନ୍ତ ଧୀର ପ୍ରମୁଖ ସାମିଲ ହୋଇଥିଲେ।

## ଚଣ୍ଡୀଛକ ହାଇମାଷ୍ଟ ଲାଇଟ ଅଚଳ; ମରାମତି କରୁନି ପ୍ରଶାସନ



ବେତନଟୀ, ୧୮।୮(ସମିସ): ବେତନଟୀ ସହରର ଟ୍ରାଫିକ୍ ଛକ ୧୮ ନମ୍ବର ଜାତୀୟ ରାଜପଥ ଚେନ୍ନାଇ-କୋଲକାତାକୁ ସଂଯୋଗ କରୁଛି। ଏହି ରାସ୍ତା ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟ ସହ ନୀଳଗିରି ଉପଖଣ୍ଡ ଏବଂ ଉଦଳା, କରଞ୍ଜିଆ, କେନ୍ଦୁଝର ସହରକୁ ମଧ୍ୟ ସଂଯୋଗ କରୁଛି। ଏହି ଛକରେ ଥିବା ଲାଇଟଗୁଡିକ ମରାମତି କରାଯାଉ ନ ଥିବାରୁ ୨୦୨୧ ମସିହାରୁ ଅନ୍ଧାରରେ ରହିଆସୁଛି। ୨୦୧୮ ରେ ବଡସାହି ବିଧାୟକ ଗଣେଶ୍ୱର ପାତ୍ରଙ୍କ ଉଦ୍ୟମରେ ଏଠାରେ ଏକ ହାଇମାଷ୍ଟ ଲାଇଟ ଟାୱାର ସ୍ଥାପନ କରାଯାଇଥିଲା। କିନ୍ତୁ ୩/୪ ବର୍ଷ ପରେ ଖରାପ ହେବାରୁ ଏଠାକାର ବ୍ୟବସାୟୀମାନେ ଚାନ୍ଦା ଆଦାୟ କରି ମରାମତି କରିଥିଲେ। ପୁଣି ୨୦୨୧ରୁ ଅଚଳ ହୋଇରହିଛି। ସନ୍ଧ୍ୟା ପରେ ଏଠାରେ ପ୍ରବଳ ଜନଗହଳି ହେଉଥିବାରୁ ଅନ୍ଧାରରେ ଲୋକେ ନିଜକୁ ସୁରକ୍ଷିତ ମଣୁନହାନ୍ତି। ଲାଇଟ ମରାମତି ନିମନ୍ତେ ଲୋକେ ସରପଞ୍ଚ, ବିଡିଓ, ବର୍ତ୍ତମାନର ବିଧାୟକ ଏବଂ ବାରିପଦା ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ସରପଞ୍ଚ ମଧ୍ୟ ଲାଇଟ ମରାମତି କରିବାକୁ ଉଦ୍ୟମ କରୁନାହାନ୍ତି ବୋଲି ଲୋକେ ଅଭିଯୋଗ କରୁଛନ୍ତି।

## ରାସ୍ତା ମଝିରୁ ଟେକିନେଲେ ଛେଳି

# ଧରାପଡ଼ିବା ଭୟରେ ନଦୀକୁ ଫିଙ୍ଗିଦେଲେ

କୁଆମରା, ୧୮।୮(ସମିସ): କିଛି ଦିନ ବ୍ୟବଧାନ ପରେ ପୁଣି ମାତିଲେଣି ଛେଳି ଚୋର। ରାସ୍ତା ମଝିରୁ ଉଠାଇ ନେଇ ମାରୁଛନ୍ତି ଚମ୍ପଟ। ଦିନକ ପୂର୍ବରୁ ଏଭଳି ଘଟଣା ଘଟିଛି ଜୟପୁର-ବାଲେଶ୍ୱର ରାସ୍ତାର ଖୁଣ୍ଟା ଥାନା ଅଧୀନ ସାଇଁକୁଳା ଠାରେ। ଉକ୍ତ ଗ୍ରାମର ବେଣୁଧର ମହାପାତ୍ରଙ୍କ କିଛି ଛେଳି ସାଇଁକୁଳା ପଞ୍ଚାୟତ ଅଫିସ ସମ୍ମୁଖ ରାସ୍ତାରେ ଚରୁଥିବା ବେଳେ ବାଲେଶ୍ୱର ପଟୁ ଏକ ସ୍କର୍ପିଓରେ ଚାରିଜଣ ଦୁର୍ବୃତ୍ତ ଆସି ଛେଳି ଗୋଠରୁ ଗୋଟିଏ ଛେଳିକୁ ଟେକିନେଇ ଜୟପୁର ପଟକୁ ଆସିଥିଲେ। ତେବେ କିଛି ବ୍ୟକ୍ତି ସେମାନଙ୍କୁ ବାଇକରେ ପିଛା କରିଥିଲେ। ମାତ୍ର ସ୍କର୍ପିଓଟି ଦ୍ରୁତ ଗତିରେ ଆସି ସୋନନଦୀ ପୋଲଉପର ଦେଇ ନୀଳଗିରି ମୁହାଁ ହୋଇଥିଲା। ସେମାନେ ଧରାପଡ଼ିବା ଭୟରେ ଗାଡି ଚାଲିଥିବା ଅବସ୍ଥାରେ ଛେଳିଟିକୁ ନଦୀର ପୋଲ ଶେଷ ମୁଣ୍ଡ ଆଡ଼ିବନ୍ଧକୁ ଫିଙ୍ଗି ଦେଇଥିଲେ। ତେବେ ଛେଳିଟି ପ୍ରାୟ ୩୦ ଫୁଟ ତଳକୁ ଗଡ଼ି ଗଡ଼ି ଯାଇ ପଥରରେ ବାଡେଇ ହେବା ଯୋଗୁଁ ଛେଳିଟିର ମୃତ୍ୟୁ ଘଟିଥିଲା। ତେବେ ଛେଳିଟିର ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଏନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଥିବାର କହିଛନ୍ତି। ତେବେ ଦୁର୍ବୃତ୍ତ ମାନେ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି।




# ସମ୍ପାଦକୀୟ



ପିଲାମାନଙ୍କୁ ଅର୍ଥ ନୁହେଁ, ବରଂ ଖୁସି ସାଉଁଟିବାର ଶିକ୍ଷା ଦିଅନ୍ତୁ । ତା' ହେଲେ ସେମାନେ ଯେକୌଣସି ବିଷୟକୁ ଅର୍ଥ ସହିତ ତୁଳନା ନ କରି ତା'ର ମୂଲ୍ୟ ବୁଝିପାରିବେ ।

-ଷ୍ଟିଭ୍ ଜବ୍‌ସ

ସକାଳ
THE SAKALA

## ଆଶାର ଆଲୋକ ଆଲାସ୍କା

ସବୁ ଆଶା ଓ ନିରାଶା ମଧ୍ୟରେ ଅନୁଷ୍ଠିତ ଆଲାସ୍କା ଶିଖର ବୈଠକ ଶୁକ୍ରବାର ଶେଷ ହୋଇଛି । ଆମେରିକା ଓ ରୁଷିଆର ଦୁଇ ଶୀର୍ଷ ନେତୃତ୍ୱ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ତିନିଘଣ୍ଟାର ଆଲୋଚନାରୁ ଠୋସ୍ କିଛି ନିର୍ଯାସ କି ବାର୍ତ୍ତା ବିଶ୍ୱବାସୀଙ୍କୁ ମିଳିନଥିଲେ ମଧ୍ୟ ଏହା ଯେ ସକାରାତ୍ମକ, ତାହା ଦୁଇ ନେତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି । କୂଟନୈତିକ ଗୋଟିଚାଳନାରେ ସିଦ୍ଧହସ୍ତ ପୁଟିନ ରୁଷର ସ୍ୱାର୍ଥକୁ ସୁରକ୍ଷିତ ରଖି ଟ୍ରମ୍ପଙ୍କୁ ମନେଇବାକୁ ସମର୍ଥ ହୋଇଛନ୍ତି । 'ଟ୍ରମ୍ପ ଯଦି ୨୦୨୨ରେ ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାନ କରୁଥା'ନ୍ତେ ହୁଏତ ରୁଷ –ୟୁକ୍ରେନ ଯୁଦ୍ଧ ସଂଘଟିତ ହୋଇ ନ ଥା'ନ୍ତା ।' ଅନନମୀୟ ଟ୍ରମ୍ପଙ୍କୁ ମନେଇବାରେ ପୁଟିନଙ୍କ ଏହି ବକ୍ତବ୍ୟ ଯଥେଷ୍ଟ ଥିଲା । କାରଣ ଏହି ଶିଖର ବୈଠକ ପୂର୍ବରୁ ୟୁରୋପୀୟ ନେତା ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ଆଲୋଚନା ବେଳେ ତୁରନ୍ତ ଯୁଦ୍ଧ ବିରାମ ପ୍ରସ୍ତାବରେ ପୁଟିନ ରାଜି ନହେଲେ ପରିସ୍ଥିତି ଭୟାନକ ହେବ ବୋଲି ଟ୍ରମ୍ପ ଧମକ ଦେଇଥିଲେ । କିନ୍ତୁ ଆଲାସ୍କାର ଶିଖର ବୈଠକରେ ଆଲୋଚନାର ଗତି ଏଭଳି ମୋଡ଼ ନେଇଥିଲା ଯେ ଟ୍ରମ୍ପ କହିଥିଲେ, ଯୁଦ୍ଧ ବିରତି କାହିଁକି ଆମେରିକା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଚାହେଁ । ଯେଉଁ ପ୍ରସଙ୍ଗ ନେଇ ଏହି ଯୁଦ୍ଧର ସୂତ୍ରପାତ ଘଟିଥିଲା ତାହାକୁ ପରୋକ୍ଷରେ ଗ୍ରହଣ କରି ପୁଟିନଙ୍କୁ ମନେଇଛନ୍ତି ଟ୍ରମ୍ପ । ସେ ଇଙ୍ଗିତ. କରିଥିବା ମନ୍ତବ୍ୟଟି ହେଲା ୟୁକ୍ରେନ ନାଟୋର ସଦସ୍ୟ ନ ରହିଲେ ମଧ୍ୟ ତାହାର ସୁରକ୍ଷା ପ୍ରତି ଆମେରିକା ଅଙ୍ଗୀକାରବଦ୍ଧ । ପୁଟିନ ଶିଖର ବୈଠକର ଅଗ୍ରଗତିକୁ ସକାରାତ୍ମକ କହିଥିବା ବେଳେ ଟ୍ରମ୍ପ ୧୦ ରୁ ୧୦ ନମ୍ବର ଦେଇଛନ୍ତି । ସୋମବାର ହ୍ୱାଇଟ ହାଉସରେ ଟ୍ରମ୍ପ ଓ ଜେଲେନ୍ସ୍କିଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ସଫଳତା ଉପରେ ନିର୍ଭର କରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା ।

ଆଲାସ୍କା ଶିଖର ସମ୍ମିଳନୀକୁ ଭାରତ ସ୍ୱାଗତ କରି କହିଛି ଯେ କୂଟନୈତିକ ସ୍ତରରେ ଉଦ୍ୟମ ଓ ଆପୋସ ଆଲୋଚନା ହିଁ ସବୁ ସମସ୍ୟାର ସମାଧାନ କରିପାରିବ । ରୁଷ-ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ଅବସାନକୁ ଭାରତ ସମେତ ସମଗ୍ର ବିଶ୍ୱ ଅପେକ୍ଷା କରିଛି । ଶିଖର ବୈଠକ ପରିବର୍ତ୍ତୀ ପ୍ରତିକ୍ରିୟା ମଧ୍ୟ ଭାରତ ସକାଶେ ଆଶା ସଂଚାର କରିଛି । ଚୀନ ପଛକୁ ଭାରତ ହିଁ ରୁଷରୁ ସର୍ବାଧିକ ତୈଳ ସଂଗ୍ରହ କରୁଛି । ଏଥିସକାଶେ ଭାରତ ବିରୋଧରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛନ୍ତି ଟ୍ରମ୍ପ, ଯାହାକି ଅଗଷ୍ଟ ୨୭ରୁ ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଲାଗୁ ହେବାର ଥିଲା । ତେବେ ଟ୍ରମ୍ପ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଦୁଇ ତିନି ସପ୍ତାହ ସମୟ ନେଇଛନ୍ତି । ତେଣୁ ଆଗାମୀ ଦିନରେ ଏହି ବିବାଦୀୟ ଅତିରିକ୍ତ ଶୁଳ୍କ ପ୍ରସଙ୍ଗ ସମାଧାନର ନିକଟବର୍ତ୍ତୀ ହେବ ବୋଲି ଭାରତ ଆଶା କରେ । ଟ୍ରମ୍ପଙ୍କ ସମୟ ନେବା ପଛରେ ଆଉ ଯେଉଁ ଦିଗଟି ଅସ୍ପଷ୍ଟ ଅଛି, ତାହା ହେଲା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଗଦାନ । ତାହାର ନିଷ୍କର୍ଷ ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଶୁଳ୍କ ନିଷ୍ପତ୍ତି ଅନେକଟା ନିର୍ଭର କରେ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି ।

ଶିଖର ବୈଠକ ପାଇଁ ଆଲାସ୍କାକୁ ନିରୂପଣ କରିବାର ମଧ୍ୟ କିଛି ଐତିହାସିକ ପୃଷ୍ଠଭୂମି ଅଛି । ୧୭୨୫ରୁ ଆଲାସ୍କା ଥିଲା ସୋଭିଏତ ରୁଷ ଅଧୀନରେ । ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ବିପୁଳ ତୈଳସମ୍ପଦ ସେଠାରେ ଗଚ୍ଛିତ ଥିବା ସଂପର୍କରେ ଅବଗତ ହେବା ପୂର୍ବରୁ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ତାହାକୁ ବିକି ଦେବାକୁ ସ୍ଥିର କରିଥିବା ରୁଷ । କ୍ରିମିଆ ଯୁଦ୍ଧରେ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟର ବାଧ୍ୟବାଧକତାରୁ ରୁଷ ଏହି ନିଷ୍ପତ୍ତି ନେଇଥିଲା । ଆମେରିକା ମଧ୍ୟ ଗୃହଯୁଦ୍ଧ ଅବସାନ ପରେ ଆଲାସ୍କା କ୍ରୟ ପାଇଁ ଯୋଗାଯୋଗ କରିଥିଲା । ୫ ଲକ୍ଷ ୮୦ ହଜାର ୪୧୨ ବର୍ଗ ମାଇଲ୍ ଅଞ୍ଚଳକୁ ୭.୨ ନିୟୁତ ଡଲାର ବିନିମୟରେ ୧୮ ୭ ୯ ମାର୍ଚ୍ଚ ୩୦ ତାରିଖରେ ଆମେରିକା କିଣିଥିଲା ସୋଭିଏତ୍ ରୁଷ୍‌ଠାରୁ । ଆଲାସ୍କା ସମ୍ପ୍ରତି ଆମେରିକାର ଉତ୍ତର ଭାଗରେ ଅନ୍ୟତମ ସମୃଦ୍ଧ ରାଜ୍ୟର ମାନ୍ୟତା ଲାଭ କରିଛି । ଏହି ଐତିହାସିକ ଶିଖର ବୈଠକ ପାଇଁ ନିର୍ଦ୍ଧାରିତ ସ୍ଥାନ ପଛରେ ଆମେରିକା ଅହଂକାର ଓ ରୁଷର ପାରମ୍ପରିକ ସଂପର୍କ ଯେ ନିହିତ ଅଛି ତାହାକୁ ଅସ୍ୱୀକାର କରି ହେବ ନାହିଁ ।

ୟୁକ୍ରେନକୁ ନାଟୋ ସଦସ୍ୟତା. ପ୍ରଦାନକୁ ବିରୋଧ କରି ରୁଷ ପକ୍ଷରୁ ହୋଇଥିବା ଆକ୍ରମଣ ଏଥିମଧ୍ୟରେ ତିନିବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଟ୍ରମ୍ପଙ୍କ ପକ୍ଷରୁ ଆଗତ ଏକାଧିକବାର ଯୁଦ୍ଧ ବିରତି ପ୍ରସ୍ତାବ ଫଳପ୍ରଦ ହୋଇ ନ ଥିଲା । ପ୍ରଥମ ଥର ସକାଶେ ଆମେରିକା ଓ ରୁଷର ଶୀର୍ଷ ନେତୃତ୍ୱ ଆଲାସ୍କାରେ ଏକତ୍ରିତ ହେବା କୂଟନୈତିକ ଓ ଭୂରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ୟୁକ୍ରେନ ଓ ୟୁରୋପୀୟ ସହଯୋଗୀ ତୁରନ୍ତ ଯୁଦ୍ଧ ବିରାମ ଚାହୁଁଥିଲେ ମଧ୍ୟ ଟ୍ରମ୍ପ କିଭ୍ ଓ ମସ୍କୋ ମଧ୍ୟରେ ପ୍ରତ୍ୟକ୍ଷ ଶାନ୍ତି ରାଜିନାମାକୁ ଗୁରୁତ୍ୱ ଦେଇଥିଲେ । ସେ ସ୍ପଷ୍ଟ କରିଥିଲେ ଯେ ୟୁକ୍ରେନ ତୁଳନାରେ ରୁଷର ଶକ୍ତି ଓ ସାମର୍ଥ୍ୟ ଯଥେଷ୍ଟ ଅଧିକ । କିଭ୍ ପକ୍ଷରୁ ପ୍ରତିରୋଧ ଜାରି ରଖିବା ଅର୍ଥହୀନ । ତେଣୁ ମସ୍କୋ ସହ ରାଜିନାମାରେ ଉପନୀତ ହେବା ଜରୁରୀ । ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ବେଳେ ଆଗତ ପ୍ରସ୍ତାବ ଓ ସର୍ତ୍ତ ସଂପର୍କରେ ସେ ଜେଲେନସ୍କିଙ୍କ ସହ ମତ ବିନିମୟ କରିଛନ୍ତି । ଏହାର ସଫଳତା ଉପରେ ପୁଟିନ ଓ ଜେଲେନସ୍କିଙ୍କ ଦ୍ୱିପାକ୍ଷିକ କଥାବାର୍ତ୍ତା ସକାଶେ ପଥ ପରିଷ୍କାର ହେବ । ଲକ୍ଷ ଲକ୍ଷ ନିରୀହ ଲୋକଙ୍କ ଜୀବନ ରକ୍ଷା ପ୍ରସଙ୍ଗରେ ଉଭୟ ପକ୍ଷ କୋହଳ ମନୋଭାବ ପୋଷଣ କରିବା ଉଚିତ । ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତକାରରେ ଦଖଲ ଅଞ୍ଚଳ ବିନିମୟ ଓ ନିରାପତ୍ତା ପ୍ରସଙ୍ଗରେ ପ୍ରତିଶ୍ରୁତିବଦ୍ଧତା ନେଇ ଅଣାନୁଷ୍ଠାନିକ ଆଲୋଚନା ବେଳେ ଗୁରୁତ୍ୱ ଦିଆଯାଇଥିବାର ସୂଚନା ଦେଇଛନ୍ତି ଟ୍ରମ୍ପ । ଦୁଇପକ୍ଷ ସହମତିର ନିକଟବର୍ତ୍ତୀ ହୋଇଛନ୍ତି । ୟୁକ୍ରେନ ପାଇଁ ଏହା କେତେଦୂର ଗ୍ରହଣଯୋଗ୍ୟ ହେବ ତାହା ଜେଲେନସ୍କିଙ୍କ ଉପରେ ନିର୍ଭର କରେ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆଲାସ୍କାରେ କଥାବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ ବିରୋଧରେ ରୁଷ ଆକ୍ରମଣ ଜାରି ରଖିଥିଲା । ଦୁଇ ପରସ୍ପର ବିରୋଧୀ ମାନସିକତା ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭାବନା କେତେଦୂର ଗ୍ରହଣୀୟ ତାହା ମଧ୍ୟ ବିଚାର୍ଯ୍ୟ । ୟୁକ୍ରେନକୁ ନାଟୋ ସଦସ୍ୟତାରୁ ଦୂରେଇ ରଖିବାର ବାଧ୍ୟବାଧକତା ନେଇ ଟ୍ରମ୍ପ ଯେଉଁ ପରୋକ୍ଷ ଇଙ୍ଗିତ ଦେଇଛନ୍ତି ତାହା ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ ।

ଭାରତ ତାହାର ସାର୍ବଭୌମ ଅଧିକାରକୁ ତୈଳ ଆଦଦାନୀ ପ୍ରସଙ୍ଗରେ ସାଲିସ କରିନାହିଁ କି ଏ ସଂପର୍କରେ ଆମେରିକାର ଚାପ ସତ୍ତ୍ୱେ ନିଷ୍ପତ୍ତି ବଦଳାଇନାହିଁ । ଆଲାସ୍କା ଶିଖର ବୈଠକ ପରେ ଟ୍ରମ୍ପ ନିଜ ଆଡୁ କହିଥିଲେ ଯେ ରୁଷରୁ ତୈଳ ଆମଦାନୀ ବନ୍ଦ କରିଛି ଭାରତ, ଯାହାକି ଅସତ୍ୟ ଓ ନିରାଧାର । ଏହି ପ୍ରସଙ୍ଗରେ ସେ ଯେଉଁ ୨୫% ଅତିରିକ୍ତ ଶୁଳ୍କ ଆଦାୟ ନିର୍ଦ୍ଦେଶ ଦେଇଥିଲେ ତାହାର ପୁନଃବିଚାର କରୁଥିବା ସୂଚନା ଦେଇଛନ୍ତି । ଭାରତ ଭଳି ଚୀନ ମଧ୍ୟ ରୁଷରୁ ତୈଳ ଆମଦାନୀ କରୁଛି । ଉଭୟଙ୍କ କ୍ଷେତ୍ରରେ ସେ ସାନି ନିଷ୍ପତ୍ତି ନେବା ପାଇଁ ଦୁଇ ତିନି ସପ୍ତାହ ନେଇଛନ୍ତି । ତେଣୁ କିଛି ନୂଆ ସମ୍ଭାବନା ନେଇ ଆଶା କରିବାର ଯଥାର୍ଥତା ଅଛି ।

## ଅସିମ ମୁନିର ଓ ଅବୋଲକରା ଜିଭ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ବିଶ୍ୱବିଖ୍ୟାତ ମନୋବୈଜ୍ଞାନିକ ତଥା ମନୋଚିକିତ୍ସକ 'ସିଗ୍‌ମଣ୍ଡ ଫ୍ରଏଡ୍' ଯଦି ଏବେ ଜୀବିତ ଥା'ନ୍ତେ, ସେ ପାକିସ୍ତାନର ସାମରିକ ବାହିନୀର ଫିଲ୍ଡ ମାର୍ଶାଲ୍ ପଦକୁ ସଦ୍ୟ ଉନ୍ନୀତ 'ଅସିମ ମୁନିର'ଙ୍କୁ କେତେ ଯେ ଧନ୍ୟବାଦ ଦେଇଥା'ନ୍ତେ କିଏ ଜାଣେ? କାରଣ ଅସୀମ ଅବିମୃଶ୍ୟକାରିତାର ଲଜ୍ଜାଜନକ ଉଦାହରଣମାନ ଆମକୁ ଭେଟି ଦେଇ ଚାଲିଥିବା ଏ ଅସିମ ମୁନିର ନିକଟରେ ଆମେରିକାର ଫ୍ଲୋରିଡ଼ା ସହରରେ ପାକିସ୍ତାନୀ-ଆମେରିକୀୟମାନଙ୍କୁ ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କ ଅମାନିଆ ତୁଣ୍ଡରୁ ଯେଉଁଟି ଉତୁରି ପଡ଼ିଥିଲା, ସେଇଟି ନିଶ୍ଚୟ 'ଫ୍ରଏଡିଆନ୍ ସ୍ଲିପ୍' ପରି ଅକସ୍ମାତ୍ ଜିହ୍ୱାଗ୍ର-ପତିତ ବାକ୍ୟଟିଏ । 'ଫ୍ରଏଡିଆନ୍ ସ୍ଲିପ୍' ହେଉଛି ଅବଚେତନ ମନର କୌଣସି ଏକ ଅବଦମିତ ଭାବନାର ଭାଷିକ ପରିପ୍ରକାଶ । ଘୋର ଭାରତ ବିଦ୍ୱେଷୀ ତଥା ହିନ୍ଦୁ-ବିଦ୍ୱେଷୀ ବିଷଜ୍ୱାଳାରେ ମୁନିରଙ୍କ ଅବଚେତନ ମନ ନୁହେଁ, ଚେତନ ମନଟି ବି ପୂରାପୂରି ନେଳି ପଡ଼ିଯାଇସାରିଛି 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନର ଦୟନୀୟ ପରାଭବ ପରେ । ତେଣୁ ସେ ବିଚରା କିପରି ବା ନିଜର ବିଷଭରା ଜିଭଟିକୁ ଆୟତ୍ତରେ ରଖିପାରିଥା'ନ୍ତେ?

ଆମେରିକାରେ ଆପଣାର ଶୂନ୍ୟଗର୍ଭ ଡମ୍ପଣିଆର ଉଦାହରଣଟିଏ ଉପସ୍ଥାପନ କରିବାର ଦାୟରେ ଶତ୍ରୁଦେଶ ଭାରତକୁ କଡ଼ା ଧମକଟିଏ ଦେବା ପାଇଁ ଠିକଣା ବାକ୍ୟ-ବିନ୍ୟାସଟିଏ କରିବାକୁ ମୁନିର ତାଙ୍କ ମଗଜଟି ନିଶ୍ଚୟ ଖଟାଇଥିବେ । କିନ୍ତୁ କ'ଣ ବା କରିବେ ସେ? ତାଙ୍କର ସେ ମଗଜଟି ତ ଆଉ ଆମତୁମମାନଙ୍କ ପରି ନୁହେଁ । ସେଥିରେ ତ ଘୃଣା ଓ ଅସୂୟାର ଓ ତକ୍ଷକ-ଅହନ୍ତାର ପ୍ରାବଲ୍ୟ । ସେଥିରୁ ଯାହା ଉଦ୍‌ଗିରିତ ହେବ, ତାହା କିପରି ବା ଭଦ୍ର, ସଂଯତ ବା ପ୍ରୀତିପ୍ରଦ ହେବ? ମୁନିର-ଜାତୀୟ ମଣିଷମାନଙ୍କ ପ୍ରତିଟି ବକ୍ତବ୍ୟ, ପ୍ରତିଟି ଉଚ୍ଚାରଣରେ ବାରମ୍ବାର 'ଫ୍ରଏଡିଆନ୍ ସ୍ଲିପ୍'ମାନ ଘଟିବା ତେଣୁ ଖୁବ୍ ସ୍ୱାଭାବିକ ନିଶ୍ଚୟ । ତେବେ ସେଦିନ ଫ୍ଲୋରିଡ଼ାର ସେ ସଂଗତରେ ଅସିମ ମୁନିରଙ୍କ ତୁଣ୍ଡରୁ ବାହାରିଯାଇଥିବା ବାକ୍ୟଟି ତାଙ୍କର କଟ୍ଟର ଅନୁଗତ ମଣିଷମାନଙ୍କୁ ବି ସ୍ୱୀକାର କରିବାକୁ ବାଧ୍ୟ କରିଥିବ ଯେ ସେମାନଙ୍କ ଏ ଫିଲଡ୍ ମାର୍ଶାଲ୍ ଶୀର୍ଷସ୍ତରୀୟ ହୁଙ୍କାପିଟା ନିର୍ବୋଧ ଜଣେ । ନହେଲେ କ'ଣ କେବେ ସେ କହିଥା'ନ୍ତେ- 'ଭାରତ ଏକ 'ମରସିଡିଜ୍' ହେଲେ ପାକିସ୍ତାନ ଏକ 'ଡଂପ୍ ଟ୍ରକ୍' । ଅର୍ଥାତ, ଶତ୍ରୁ ଦେଶ ଭାରତ ହେଉଛି ସମ୍ଭ୍ରାନ୍ତ-ଦର୍ଶନ 'ମରସିଡିଜ୍'କାର୍‌ଟିଏ ପରି ଦ୍ରୁତ ବେଗଗାମୀ ଏବଂ ପାକିସ୍ତାନ ଏକ ଅଳିଆ ଆବର୍ଜନାଭରା, ଅସୁନ୍ଦର ଗଡ଼ଣର ମାନ୍ଦା, ଓଜନିଆ ଟ୍ରକ୍‌ଟିଏ ।

ଅହଂସ୍ଫୀତ ମୁନିରଙ୍କ ଏ ରୂପକ ଦୁଇଟିର ବ୍ୟଞ୍ଜନାର୍ଥ ଖୋଦ୍ ପାକିସ୍ତାନୀମାନଙ୍କୁ ହତଭମ୍ବ କରିଦେଇଥିବ, ଲଜ୍ଜାବନତ କରି ଦେଇଥିବ । କାରଣ ବିଶ୍ୱସମ୍ମୁଖରେ ତାଙ୍କରି ଫିଲ୍ଡ ମାର୍ଶାଲ୍ ପୂରାପୂରି ଅନାବରଣ କରି ଥୋଇଦେଲେ ପାକିସ୍ତାନକୁ । କହିଦେଲେ ନିର୍ଘାତ ସତଟିଏ, ଯେଉଁଟିକୁ ଲୁଚାଇବାକୁ ଯାଇ କେତେକେତେ ଛଳବଳ କୌଶଳର ଆଶ୍ରୟ ନେଇ ଚାଲିଛି ପାକିସ୍ତାନ ତା'ର ଜନ୍ମ ଅବଧିରୁ ଏ ପର୍ଯ୍ୟନ୍ତ । କିନ୍ତୁ ଆମେ ଭାରତୀୟମାନେ ମୁନିରଙ୍କୁ ଅଶେଷ ଧନ୍ୟବାଦ ଦେବା । ତାଙ୍କର ସେ ଘୃଣାରଞ୍ଜିତ ଅବଚେତନ ମନର ପୃଷ୍ଠାରେ ଅଲିଭା କାଳିରେ ଲେଖି ହୋଇରହିଥିବା ଭାରତ ସଂପର୍କିତ ବ୍ୟାଖ୍ୟାନଗୁଡ଼ିକରୁ ଗୋଟିଏ ନିଛକ ସତ ଉତୁରି ଆସିଛି ସମ୍ଭବତଃ ତାଙ୍କ ଅଜାଣତରେ । ସେ ଯାହା ହେଉ, ମୁନିରଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍'ଏଇ କେତୋଟି ଦିନ ଧରି ଭାରତୀୟଙ୍କୁ (ବିଶ୍ୱବାସୀଙ୍କୁ ବି) ଦେଇ ଚାଲିଛି ଅସରନ୍ତି ହାସ୍ୟବିନୋଦନର ମୁହୂର୍ତ୍ତ । ସେଥିପାଇଁ ଆମମାନଙ୍କ ଦୃଷ୍ଟିରେ ଏ ମଣିଷ ଜଣକର ଏ ନିରୋଳା ନିର୍ବୋଧତା ଅବଶ୍ୟ ପ୍ରଶଂସନୀୟ ।

ମୁନିର ମହୋଦୟଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍' (ଅବଲୋକରା ଜିହ୍ୱାସ୍ଖଳନ) ପାଇଁ ସେ ଇତିହାସ ପ୍ରସିଦ୍ଧ ଏମିତି କେତେଜଣ ଖାତ ବା ଅଳ୍ପଖ୍ୟାତ ବ୍ୟକ୍ତିମାନଙ୍କ ଗହଣରେ ଏବେ । ଆକ୍ଷରିକ ଅର୍ଥରେ ଫ୍ରଏଡିଆନ୍ ସ୍ଲିପ୍ ନ ହେଲେ ମଧ୍ୟ ଅନେକଙ୍କ ତୁଣ୍ଡରୁ ଆମେ ଶୁଣିଛେ ଏମିତି କେତେ ଜିହ୍ୱାଗ୍ର-ପତିତ ଆମୋଦଦାୟକ, ହାସ୍ୟୋଦ୍ଦୀପକ ବାକ୍ୟ ବା ଖଣ୍ଡବାକ୍ୟମାନ । ଆମେରିକୀୟ ଅଭିନେତ୍ରୀ 'ମେରିଲ୍ ଷ୍ଟ୍ରିପ୍' ଥରେ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେବାକୁ ଯାଇ କହିଦେଲେ, 'ଆଇ ଉଡ୍ ଲାଇକ୍ ଟୁ ସ୍ୱାଙ୍କ୍ -ନୋ, ନୋ, ଟୁ ଥ୍ୟାଙ୍କ୍ ୟୁ ଅଲ୍' । ଇଂରାଜୀ 'ଥ୍ୟାଙ୍କ୍' ଶବ୍ଦଟି ସହିତ 'ସ୍ୱାଙ୍କ୍' ଶବ୍ଦଟିର ଉଚ୍ଚାରଣଗତ ସାମ୍ୟଟି ଯୋଗୁଁ ଏମିତି ଏକ ଅପ୍ରତିଭ ମୁହୂର୍ତ୍ତର ସାମ୍ନା କରିବାକୁ ହେଇଥିଲା ତାଙ୍କୁ । ଅପ୍ରତିଭ କେମିତି ବା ନ ହେବେ ସେ, କାରଣ 'ଥ୍ୟାଙ୍କ୍'ର ଅର୍ଥଟି ଧନ୍ୟବାଦ ହେଲେ, 'ସ୍ୱାଙ୍କ୍'ର ଅର୍ଥ ହେଉଛି ପିଟିବା ବା ମାଡ଼ଦେବା -ପୂରାପୂରି ଓଲଟା । ମେରିଲ୍ ଷ୍ଟ୍ରିପ୍‌ଙ୍କ ଏ ଉଚ୍ଚାରଣଗତ ତ୍ରୁଟି ଏକପ୍ରକାର 'ମାଲାପ୍ରପିଜିମ୍' । ଉଲ୍ଲେଖ୍ୟ ଯେ ଇଂରାଜୀ ନାଟ୍ୟକାର 'ସେରିଡାନ୍'ଙ୍କ ନାଟକ 'ଦି ରାଇଭାଲସ୍'ର ଚରିତ୍ର 'ଶ୍ରୀମତୀ ମାଲାପ୍ରପ୍'ଙ୍କ ସଂଳାପମାନଙ୍କରେ ମିଳିଥାଏ ଏମିତି ଅନେକ ଉଚ୍ଚାରଣଗତ ତ୍ରୁଟି । ଏଇ ଯେମିତି- 'ହି ଇଜ୍ ଦି ଭେରି ପାଇନ୍‌ଆପଲ ଅଫ୍ ପୋଲାଇଟ୍‌ନେସ୍' । ମାଲାପ୍ରପ୍ 'ପାଇନ୍‌ଆପ୍‌ଲ' (ସପୁରୀ) କହିଦେଲେ 'ପିନାକିଲ୍' (ଶୀର୍ଷ ବା ଶିଖର) କହିବା ପରିବର୍ତ୍ତେ । ତେବେ ସବୁଠୁ ପ୍ରସିଦ୍ଧ ମାଲ୍‌ପ୍ରପିଜିମ୍‌ଟି ହେଉଛି- 'ସି ଇଜ୍ ଆଜ୍ ହେଡ୍‌ଷ୍ଟ୍ରଂଗ ଆଜ୍ ଏନ୍ ଏଲିଗୋରୀ ଅନ୍ ଦି ବ୍ୟାଙ୍କସ୍ ଅଫ୍ ନାଇଲ୍'- ଏଲିଗୋରୀ (ରୂପକାତ୍ମକ କଥା) ସହିତ ଏଲିଗେଟ୍‌ର (କିମ୍ଭୀର) ର ଉଚ୍ଚାରଣଗତ ସାମାନ୍ୟ ସମାନତା ଯୋଗୁଁ । ମହାନ୍ ନାଟ୍ୟକାର ସେକ୍ସପିୟର ବି ତାଙ୍କ ନାଟକ 'ମଚ୍ ଏଡୋ ଏବାଉଟ୍ ନଥିଙ୍ଗ'ରେ ଆମକୁ ଦେଇଥିଲେ ଶ୍ରୀମତୀ ମାଲାପ୍ରପ୍‌ଙ୍କ ପରି ଚରିତ୍ରଟିଏ । ନାମ ଥିଲା ତାଙ୍କର 'ଡଗ୍‌ବେରି' । ବେଳଅବେଳରେ କାହା କାହା ତୁଣ୍ଡରୁ ଅଜାଣତରେ ବାହାରିଯାଉଥିବା ଏମିତି ହାସ୍ୟୋଦ୍ଦୀପକ ବାକ୍ୟ ସବୁକୁ କେତେକ ବି କହିଥା'ନ୍ତି 'ଡଗ୍‌ବେରିଜିମ୍' ।

ଆଉ କେତୋଟିର ଉଦାହରଣ ଦେବା । ଖାସ୍ ମୁନିରଙ୍କୁ କିଛିଟା ଅଧିକ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ । ୧୯୮୮ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ତାଙ୍କର ପୂର୍ବସୂରୀ ରେଗାନଙ୍କୁ ପ୍ରଶଂସା କରିବାର ମହତ୍ ଉଦ୍ଦେଶ୍ୟ ରଖି କିଛି ପ୍ରଶସ୍ତିମୂଳକ ବାକ୍ୟ ଢାଳି ଦେଇ ଚାଲିଥିବା ବେଳେ ଶେଷଆଡ଼କୁ କହିଦେଲେ -'ଉଇ ହାର୍ଡ୍ ସମ୍ ସେଟ୍‌ବ୍ୟାକ୍‌ସ' (ପ୍ରତିବନ୍ଧକମାନ) । ତେବେ ଗୁରୁତର ତ୍ରୁଟିଟିଏ କରିଦେଲେ ସେ । କାରଣ 'ସେଟ୍' ନ କହି କହିଦେଲେ ତିନୋଟି ଇଂରାଜୀ ଅକ୍ଷରର ବିପଦଜ୍ଜନକ ଶବ୍ଦଟିଏ, ଯାହା ସେହି 'ସେ' ଉଚ୍ଚାରଣରୁ ଆରମ୍ଭ ହୋଇଥାଏ । ଜର୍ଜ ବୁଶ୍‌ଙ୍କ ପାଇଁ ଏଇଟି ଥିଲା ଅତି ଅପମାନଜନକ ମୁହୂର୍ତ୍ତ । ସେମିତି ଅପମାନଜନକ ମୁହୂର୍ତ୍ତଟିଏ ଭୋଗିଥିଲେ 'ଟେଡ୍ କେନେଡି' ୧୯୧୧ମସିହାରେ । ଆମେରିକାର ଦୂରଦର୍ଶନରେ 'ଦି ବେଷ୍ଟ ଏଣ୍ଡ ଦି ବ୍ରାଇଟେଷ୍ଟ'ମାନଙ୍କ ସଂପର୍କରେ ଛୋଟ ପରାମର୍ଶମୂଳକ ବାର୍ତ୍ତାଟିଏ ଦେଉଥିବା ବେଳେ 'ବେଷ୍ଟ' ଶବ୍ଦଟି ନ କହି କହିଦେଲେ ଅନ୍ୟ ଶବ୍ଦଟି - 'ବେ' ଅକ୍ଷରରେ 'ର' ଫଳାଟିଏ ଯୁକ୍ତ କରି । କିଏ ଜାଣେ ଚର୍ଚ୍ଚିତ ଏଇ କେତେଜଣ 'ଫ୍ରଏଡିଆନ୍ ସ୍ଲିପ୍' ଯେଉଁ ସନ୍ଦର୍ଭରେ ବ୍ୟବହାର କରାଯାଏ, ସେମିତି କରିଛନ୍ତି କି ନାହିଁ? ତେବେ ଗୋଟିଏ କଥା ଏଥିରୁ ନିଶ୍ଚୟ ସ୍ପଷ୍ଟ ଯେ ଯିଏ ଯେଉଁଠି ଯାହା କହୁଥିବେ, ସେତେବେଳେ ପୂରାପୂରି ସଜାଗ ରହିବା ସେମାନଙ୍କର ସବୁଠାରୁ ଗୁରୁଦାୟିତ୍ୱ । କାରଣ ଏ ଜିଭ ଖଣ୍ଡିକ ଅନେକ ଧାର ଥିବା ଛୁରୀକା କିମ୍ବା କରତଟିଏ । କିନ୍ତୁ କିଏ ବା ନ ଜାଣେ ଏ ଫିଲ୍ଡ ମାର୍ଶାଲ୍ ମୁନିର ଜଣକ ତାଳମେଳ କେବେ ହେଲେ ଠିକ୍ ରଖିପାରୁ ନ ଥିବା ଅସଂଯତ ମଣିଷ ଜଣେ ବୋଲି? ମସ୍ତବଡ଼ ଅହଂସ୍ଫୀତ ଅଥଚ ନିରୋଳ ନିର୍ବୋଧ ନ ହୋଇଥିଲେ ସେ କ'ଣ ଆମେରିକାର ମାଟିରେ ବାହୁସ୍ଫୋଟ ମାରି କହିଥା'ନ୍ତେ- 'ପାକିସ୍ତାନ ଉପରେ ବିପଦ ଘନେଇ ଆସିଲେ ସେ ଅଧା ପୃଥିବୀକୁ ଭସ୍ମୀଭୂତ କରିଦେବେ ପରମାଣୁ ବୋମାମାଡ଼ରେ'?

ଏ ଧରଣର ମାଲାପ୍ରପିଜିମ୍ ଓ ଡଗ୍‌ବେରିଜିମ୍ ପରି ଅନ୍ୟ ଏକ କୌତୁହଳପ୍ରଦ ଭାଷିକ ତ୍ରୁଟିଟି ହେଉଛି 'ସ୍ପୁନରିଜିମ୍' । ଊନବିଂଶ ଶତାବ୍ଦୀର ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର 'ଉଇଲିୟମ୍ ଆର୍ଚ୍ଚିବାଲ୍ଡ ସ୍ପୁନର' ଅଭ୍ୟାସଗତ ଭାବରେ ଗୋଟିଏ ବାକ୍ୟର ଶବ୍ଦସବୁର ଅକ୍ଷରଗୁଡ଼ିକୁ ଠିକଣା ଶବ୍ଦମାନଙ୍କରୁ କାଢ଼ିନେଇ ଅନ୍ୟ ଶବ୍ଦ ସହିତ ଯୋଡ଼ି ଦେଉଥିଲେ । ଏ ପ୍ରକାର ଉଚ୍ଚାରଣଗତ ତ୍ରୁଟିଟି ଅବଶ୍ୟ କୌଣସି ଦୃଷ୍ଟିରୁ ଫ୍ରଏଡିଆନ୍ ସ୍ଲିପ୍ ପରି ଅର୍ଥବହ ନୁହେଁ । ଏହା କେବଳ ନିର୍ମଳ ହାସ୍ୟକଲ୍ଲୋଳ ସୃଷ୍ଟି କରିଥାଏ । ସ୍ୱୟଂ ସ୍ପୁନର ଥରେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ହାତମୁଠା କରି ଜଣେ ବ୍ୟକ୍ତି ଆଡ଼କୁ ଆଗେଇଯାଇ କହି ପକାଇଲେ, 'ବ୍ଲଡି ଫୁଲ୍ ! ଆଇ ଉଇଲ୍ ଗିଭ୍ ୟୁ ଏ ବ୍ଲସିଂ କ୍ରୋ' । ଅର୍ଥାତ୍ 'କ୍ରସିଂ ବ୍ଲୋ' (ଶକ୍ତ ମୁଥ) ନ କହି କହିଦେଲେ 'ବ୍ଲସିଂ କ୍ରୋ' (ଲାଜୁଆ କୁଆ) । ଆମେ ଓଡ଼ିଆମାନେ ବି ଏଇ ଧରଣର ସ୍ପୁନରିଜିମ୍ ଘଟାଇଥାଉ ଆମ ଉଚ୍ଚାରିତ ବାକ୍ୟମାନଙ୍କରେ । ଏଇ ଯେମିତି: 'ଶୀତ ବୋଲିଲେ ଗୀତ ଛାଡ଼ିଯିବ', 'ଖଜୁରୀ ଗୁଣର କି ଗଛ ଗାଇବି' କି 'ଗୁଣ ଧୋଉଥାଅ, ଅଖା ଗାଉଥାଅ' । ଆମ ପାଟିରେ 'କମଳ' ହୋଇଯାଏ 'କଳମ' କିମ୍ବା 'ତୁମେ ମୋ ପ୍ରିୟ ବନ୍ଧୁଙ୍କ ପତ୍ନୀ' ହେଇଯାଇଥାଏ 'ତୁମେ ମୋ ପତ୍ନୀଙ୍କ ପ୍ରିୟ ବନ୍ଧୁ' ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋତିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ସେମାନେ ମଧ୍ୟ ମଣିଷ

**ଅକ୍ଷୟ କୁମାର ମିଶ୍ର**

ସଭ୍ୟତା ଆଗକୁ ବଢ଼ୁଛି । ମଣିଷ ଶିକ୍ଷିତ ହେଉଛି । ମାତ୍ର ଏବେ ବି ଛୁଆଁଅଛୁଆଁର ଭେଦ ଭାବ ଭିତରେ କିଛି ଲୋକ ପେଶି ହୋଇଯାଉଛନ୍ତି । କିଛି ସୁବିଧାଜନକ ସ୍ଥିତିରେ ଥିବା ଲୋକମାନେ ସେମାନଙ୍କର କାମ ସହିତ ଭାଗ୍ୟକୁ ଯୋଡ଼ି ଦେଇ କୁହୁଛନ୍ତି, 'ତା'ର ଜାତି ଯାହା ତା'ର କାମ ସେଇଆ । ଏହା ସେମାନଙ୍କର କୌଳିକ ବୃତ୍ତି । ସେମାନେ ନକଲେ କରିବ କିଏ?' ସେମାନଙ୍କ ମଧ୍ୟରୁ କିଛି ପରମ୍ପରାକୁ ସମ୍ମାନ ଜଣାଇ ବାପା ଦାଦାଙ୍କୁ ଅନୁସରଣ କରି ସେହି କାମ କରନ୍ତି । କିଛି ଲୋକ ବାଧ୍ୟବାଧକତାରେ ସେହି କାମ କରନ୍ତି । ଅଳ୍ପ କିଛି ଲୋକ ଆଗ୍ରହର ସହିତ ସେହି କାମରେ ନିଜକୁ ସମର୍ପି ଦିଅନ୍ତି । ଅନ୍ୟର ଟାହି ଟାପରା ସହନ୍ତି । ଗାଳିଗୁଲଜକୁ ହଜମ କରନ୍ତି । ଆକ୍ଷେପ ପ୍ରତ୍ୟାକ୍ଷେପ ଶୁଣି ଚୁପ୍ ରୁହନ୍ତି ।

ସେହିସବୁ ଲୋକମାନଙ୍କ ପାଇଁ ଆମ ରାସ୍ତା, ଘାଟ, ଘର, ଦପ୍ତର ପରିଷ୍କାର ପରିଚ୍ଛନ୍ନ ରହେ । ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବାରେ ଏମାନେ ଯେଉଁ ଭୂମିକା ନିର୍ବାହ କରନ୍ତି ତାହା ବାସ୍ତବିକ ପ୍ରଶଂସନୀୟ । କିନ୍ତୁ ସେମାନେ କେଉଁଠି କେମିତି ବାସ କରନ୍ତି, ସେମାନଙ୍କର ଜୀବନ ଶୈଳୀ କେମିତି, ସେମାନଙ୍କର ଶିକ୍ଷା ଦୀକ୍ଷା ସମ୍ପର୍କରେ ଆମ ସମାଜ କେବେ ଚିନ୍ତା କରେ ନାହିଁ । ନିଜ ଜୀବନକୁ ବାଜି ଲଗାଇ କୀଟ ଦୁର୍ଗନ୍ଧମୟ ପରିବେଶ ଭିତରେ ନିଜ କର୍ମକୁ କର୍ତ୍ତବ୍ୟ ଭାବି ସମ୍ପାଦନ କରିଚାଲନ୍ତି ଏବଂ ଆମ ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦିଅନ୍ତି । ବାସୋପଯୋଗୀ ଘରଟିଏ ଏମାନଙ୍କର ପ୍ରାୟ ନଥାଏ । ସବୁଠାରୁ ତଳ ପାହାଚର ମଣିଷ ବୋଲି ଏମାନଙ୍କୁ ବିଚାର କରାଯାଏ ।

ଆମେ ଯେଉଁ ଅଳିଆ, ଆବର୍ଜନା, ଅଇଁଠା ପତର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥକୁ ରାସ୍ତା କଡ଼ରେ ଢାଳି ଦେଉ ଏମାନେ ତାକୁ ଗୋଟାଇ ବୋହି ନିଅନ୍ତି । ନାଳ ନର୍ଦ୍ଦମା ସଫା କରନ୍ତି । ରାସ୍ତା ଘାଟରେ ପଡ଼ୁଥିବା ମଳ, ବିଲେଇ କୁକୁରର ପଚା ଶବ ଉଠାଇବା ଦାୟିତ୍ୱ ଏମାନଙ୍କ ଉପରେ । ପାଇଖାନା ଟାଙ୍କି ସଫା କରିବାଠାରୁ ଆରମ୍ଭ କରି ସମସ୍ତ ମଇଳା ସଫା କରିବା ଦାୟିତ୍ୱ ଏମାନଙ୍କ ଉପରେ । କେହି କେବେ ଭାବିଛନ୍ତି ଏମାନେ ଯଦି ଏହି କାମ କରି ନ ଥା'ନ୍ତେ ତେବେ କୁଢ଼ କୁଢ଼ ମଇଳା ଆବର୍ଜନା ଭିତରେ ଆମେ କେତେ କାଳ ବଞ୍ଚିଥା'ନ୍ତେ? ଅଥଚ ଏମାନଙ୍କୁ ଛୁଇଁଦେଲେ ଆମ ପବିତ୍ର ଶରୀରଟା କୁଆଡ଼େ ଅପବିତ୍ର ହୋଇଯାଏ । ଏଇ କଥାକୁ ନେଇ ଆଜିବି ବହୁ ଅମାନବୀୟ ଘଟଣା ଘଟୁଛି ।

କେତେବେଳେ ହାତରେ ଗ୍ଲୋଭ୍‌ସ ଥାଏ, କେତେବେଳେ ଖାଲି ହାତରେ, କେତେବେଳେ ବିନା ମାସ୍କରେ ଏମାନେ ଏହି ସବୁ ସଫେଇ କାମ କରି ଚାଲନ୍ତି । ଶରୀର ଭିତରକୁ ନାନାଦି ଜୀବାଣୁ ଅବାଧରେ ପ୍ରବେଶ କରେ । ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହାରନ୍ତି । ପାଇଖାନା ଟାଙ୍କି ସଫା କରିବାକୁ ଯାଇ ବେଳେ ବେଳେ ସେହି ଟାଙ୍କି ଭିତରେ ଏମାନଙ୍କର ଜୀବନ ମଧ୍ୟ ଚାଲିଯାଏ । ସମସ୍ତ ସମ୍ଭାବ୍ୟ ବିପଦକୁ ଖାତିରି ନକରି ଏମାନେ ସିନା ଏହିସବୁ କାର୍ଯ୍ୟରେ ନିଜକୁ ହଜେଇ ଦିଅନ୍ତି, କିନ୍ତୁ ଏମାନଙ୍କ ଦୁଃଖ, ଦୁର୍ଦ୍ଦଶା ପ୍ରତି ସମବେଦନା ଦେଖାଇବାକୁ ନା ଅଛି ସମାଜ ନା ସରକାର । ନା ପାଆନ୍ତି ସାମାଜିକ ମର୍ଯ୍ୟାଦା ନା ଅଛି ଯଥାଯଥ ଆର୍ଥିକ ପ୍ରୋତ୍ସାହନ । ଅଧିକାଂଶ ସଫେଇ କର୍ମଚାରୀ ଶୋଷଣର ଶିକାର ହୁଅନ୍ତି । ଖୁବ୍ କମ୍ ପାରିଶ୍ରମିକ ନେଇ କାମ କରିବାକୁ ବାଧ୍ୟ ହୁଅନ୍ତି । କାମର ସ୍ଥାୟିତ୍ୱ ନଥାଏ କି ଜୀବନର ନିରାପତ୍ତା ନଥାଏ । ନିର୍ଯାତନା ଓ ଶୋଷଣର ଅନ୍ତ ନ ଥାଏ ।

ଏଭଳି ସ୍ଥିତିରେ ଏମାନଙ୍କର ଜୀବନ ଧାରଣର ମାନ କେତେ ଉନ୍ନତ ହୋଇଥିବ ତାହା ସହଜରେ ଅନୁମେୟ । ଏପରିକି ଅନ୍ୟର ପାଇଖାନା ସଫା କରୁଥିବା ଲୋକଟିର ନିଜର ଗୋଟିଏ ପାଇଖାନା ନଥାଏ । ରାସ୍ତା କଡ଼ରୁ କିମ୍ବା ଡଷ୍ଟବିନ୍‌ରୁ ଯେଉଁ ସବୁ ଖାଦ୍ୟ ପଦାର୍ଥ ଗୋଟାଇ ନେଇ ଏମାନେ ଫିଙ୍ଗନ୍ତି ସେସବୁ ଏମାନଙ୍କ ପାଇଁ ସପନ । ରୋଗ ଶଯ୍ୟାରେ ପଡ଼ିଲେ ଉଚିତ ଚିକିତ୍ସା ପାଇବା ଏମାନଙ୍କ ଭାଗରେ ଜୁଟେ ନାହିଁ । ମାତ୍ର ଡାକ୍ତରଖାନାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏମାନେ ବିନା ଦ୍ୱିଧାରେ ରୋଗୀର ମଳ, ପରିସ୍ରା ସଫା କରନ୍ତି । ଅଭାବ ଅନଟନ ଭିତରେ ନିଜ ପିଲାଙ୍କୁ ମୁଠାଏ ଭଲ ଖାଦ୍ୟ, ଉତ୍ତମ ଶିକ୍ଷା ଦେବାକୁ ଏମାନେ ବ୍ୟର୍ଥ ହୁଅନ୍ତି । ଫଳରେ କୌଳିକ ବୃତ୍ତି ଭାବରେ ଏମାନଙ୍କର ପିଲାମାନେ ଆପଣେଇ ନେବାକୁ ବାଧ୍ୟ ହୁଅନ୍ତି ବାପା ଦାଦା କରୁଥିବା କାମଟି ।

ଏହିସବୁ ପରିବାର ପାଇଁ ଆଉ ଏକ ସମସ୍ୟା ନିଶା । ନିଶାସକ୍ତ ହେବା ଏମାନଙ୍କ ପାଇଁ ସ୍ୱାଭାବିକ ଘଟଣା । ସେମାନେ କୁହନ୍ତି, 'ଏମିତି କିଛି କାମ ଅଛି ନିଶା ସେବନ ନକଲେ ତାହା କରିବା ଅସମ୍ଭବ ।' ବିଶେଷ କରି ପାଇଖାନା ଟାଙ୍କି ଭିତରକୁ ଯେଉଁମାନେ ପ୍ରବେଶ କରନ୍ତି ଅସହ୍ୟ ଦୁର୍ଗନ୍ଧରୁ ମୁକ୍ତି ପାଇବା ପାଇଁ ସେମାନେ ମଦ୍ୟପାନ କରନ୍ତି । ଯେତିକି ମଜୁରୀ ପାଆନ୍ତି ତା'ର ଏକ ବଡ଼ ଅଂଶ ନିଶା ସେବନରେ ଖର୍ଚ୍ଚ ହୋଇଯାଏ । ଅଭାବ ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ସାମାଜିକ ଉତ୍ପୀଡ଼ନର ପ୍ରଭାବ ପରିବାରର ପିଲାମାନଙ୍କ ଉପରେ ପଡ଼େ । ଫଳରେ ମାନସିକ ଭାରସାମ୍ୟ ହରାଇ ପିଲାଟି ଦିନରୁ ଅନେକେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୋଇଯା'ନ୍ତି ।

ପ୍ରଥମେ ସମାଜ ସେମାନଙ୍କୁ ସମ୍ମାନ ଦେବା ଦରକାର । ଜାତି ଯାହା କାମ ତାହା - ଏହି ମାନସିକତା ବଦଳିବା ଦରକାର । ଅସ୍ପୃଶ୍ୟତାକୁ କଠୋର ହାତରେ ଦମନ କରିବା ଆବଶ୍ୟକ । ସେମାନଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ନିମନ୍ତେ ଉଚ୍ଚ ଦରମା ସହିତ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା ହେବା ଲୋଡ଼ା । ସେମାନଙ୍କର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ । ମାଗଣା ଚିକିତ୍ସାର ସୁବନ୍ଦୋବସ୍ତ ହେବା ଜରୁରୀ । ରୋଗରେ ପଡ଼ି ହେଉ କିମ୍ବା କାମ କରୁଥିବା ସମୟରେ ମୃତ୍ୟୁବରଣ କଲେ ଅନ୍ୟୂନ କୋଡ଼ିଏ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ମିଳିବାର ନିୟମ ହେବା ଆବଶ୍ୟକ । ମନେରଖିବା ଉଚିତ ସୁସ୍ଥ ସୁରକ୍ଷିତ ପରିମଳ ପରିବେଶ ପାଇଁ ଯେଉଁମାନେ କାମ କରୁଛନ୍ତି ସେମାନେ ମଧ୍ୟ ସୁସ୍ଥ ଓ ସମ୍ମାନର ସହିତ ବଞ୍ଚିବା ଆବଶ୍ୟକ । ଘୃଣା, ହତାଦର, ଟାହିଟାପରା ବଦଳରେ ଟିକିଏ ସ୍ନେହ, ଆଦର, ଭଲପାଇବା ସେମାନଙ୍କର ଜୀବନଧାରାକୁ ବଦଳାଇ ଦେବ । ସେମାନେ ବି ମଣିଷ ।

କଟକ, ମୋ: ୯୯୩୮୭୬୩୨୩୭

## ମଙ୍ଗଳ ଗ୍ରହରେ ବସତି ସ୍ଥାପନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଆଗାମୀ ଦିନରେ ମଙ୍ଗଳ ଗ୍ରହରେ ବସତି ସ୍ଥାପନର ସ୍ୱପ୍ନ ଦେଖୁଛନ୍ତି ବୈଜ୍ଞାନିକମାନେ । ଅନେକଙ୍କ ମତରେ ଚନ୍ଦ୍ର ଅପେକ୍ଷା ଏ ଗ୍ରହ ମାନବ ବସତି ପାଇଁ ଅଧିକ ଉପଯୋଗୀ । କାରଣ ଏହାର ଗଠନ ଓ ପରିବେଶ କିଛିମାତ୍ରାରେ ପୃଥିବୀ ସଦୃଶ । ତେଣୁ ଏବେ ଏହାର ଅନ୍ୟାନ୍ୟ ଭୌତିକ ରୂପରେଖ ସହିତ ରାସାୟନିକ ସଂରଚନାର ଅଧ୍ୟୟନ ଚାଲିଛି । ତହିଁରୁ ଜଣାପଡ଼ିଛି ଯେ ମଙ୍ଗଳ ଗ୍ରହର ବାୟୁମଣ୍ଡଳରେ ଥିବା ମୁଖ୍ୟ ଉପାଦନଗୁଡ଼ିକ ହେଲା ଅଙ୍ଗାରକାମ୍ଳ (୯୫.୩%), ଯବକ୍ଷାରଜାନ (୨.୭%) ଆର୍ଗନ(୧.୬%), ଅମ୍ଳଜାନ (୦.୧୩%) ଏବଂ ସ୍ୱଳ୍ପ ପରିମାଣରେ ଅନ୍ୟାନ୍ୟ ବାଷ୍ପ । ପୃଥିବୀ ବାୟୁମଣ୍ଡଳରେ ଏଗୁଡ଼ିକର ମାତ୍ରା ଯଥାକ୍ରମେ ୦.୦୩%, ୭୮.୦୮%, ୦.୯୩%, ୨୦.୯% । ପୁନଶ୍ଚ ମଙ୍ଗଳର ବାୟୁମଣ୍ଡଳ ପୃଥିବୀଠାରୁ ୧୮୦ ଗୁଣ ପତଳା ଏବଂ ଏହାର ମାଧ୍ୟକର୍ଷଣ ଶକ୍ତି ମଧ୍ୟ ପୃଥିବୀର ୩୮% ।

ଅନ୍ୟପକ୍ଷରେ, ମଙ୍ଗଳର ପୃଷ୍ଠଦେଶ ଗଠିତ ହୋଇଛି ସିଲିକନ୍(୨୧.୨%), ଅମ୍ଳଜାନ(୪୨.୪%), ଲୌହ (୧୫.୨%), ମାଗ୍ନେସିୟମ (୪.୧%), ଆଲୁମିନିୟମ୍ (୫.୨%), କାଲସିୟମ (୪.୭%) ଏବଂ ପୋଟାସିୟମ୍ (୦.୬୧%) ରେ । ପୃଥିବୀ ପୃଷ୍ଠର ମୁଖ୍ୟଉପାଦାନଗୁଡ଼ିକ ହେଲା ଅମ୍ଳଜାନ (୪୬.୬%), ସିଲିକନ୍(୨୭.୭୨%), ଆଲୁମିନିୟମ୍ (୮.୧୩%), ଲୌହ (୫.୦%), କାଲ୍‌ସିୟମ୍ (୩.୬୩%), ସୋଡିୟମ୍ (୨.୮୩%), ପୋଟାସିୟମ (୨.୫୯%) ଏବଂ ମାଗ୍ନେସିୟମ (୨.୦୯%) । ମଙ୍ଗଳରେ ଥିବା ଲୌହଗୁଣ୍ଡର ଜାରଣ ଫଳରେ ତହିଁରୁ ସୃଷ୍ଟି ଅକ୍ସାଇଡ୍‌ର ରଙ୍ଗ ଏହାକୁ ଲୋହିତ ଗ୍ରହର ପରିଚୟ ପ୍ରଦାନ କରିଛି ।

ସାଧାରଣ ଭାବେ ଏ ଗ୍ରହର ପୃଷ୍ଠଭୂମିର ସଂରଚନା ମଧ୍ୟରେ ରହିଛି ଅନ୍ଧକାରମୟ ଗଡ଼ାଣିଆ ସ୍ଥାନ, କିଛି ଚଟକା ସ୍ଥାନ, ଧୂଳି କଣା ଭାରା ରାସ୍ତା, ବାଲୁକା ସ୍ତୂପ, ହିମବାହ, ସମ୍ଭବତଃ ପୁରାକାଳର ନଦନଦୀ, ବିଭିନ୍ନ ପ୍ରକାର ଗହ୍ୱର ଇତ୍ୟାଦି । ସିଲିକନ ଓ ଲୌହଗୁଣ୍ଡରେ ସମୃଦ୍ଧ ଏ ପ୍ରକାର ପୃଷ୍ଠଭୂମି ପୃଥିବୀର ଗଛଲତାଙ୍କ ପାଇଁ ଉପଯୋଗୀ ନୁହେଁ । ତେବେ ବୈଜ୍ଞାନିକମାନେ ଏହାର ମୃତ୍ତିକାରେ 'ପାଇଓନିୟର' ନାମକ ଏକ କଠୋର ପରିବେଶ ସହକାରୀ ଚାରା ବଢ଼ାଇବାକୁ ସମର୍ଥ ହୋଇଛନ୍ତି । ପୁନଶ୍ଚ ଏବେ ନାସା ସେଠାକାର ପରିବେଶରେ ବଢ଼ିପାରିଲା ଭଳି ଗଛଲତା ଜୈବ ପ୍ରଯୁକ୍ତ ବିଦ୍ୟା ମାଧ୍ୟମରେ ତିଆରି କରିବା ଲାଗି ପ୍ରକଳ୍ପମାନ ଆରମ୍ଭ କରିଛି । ସେଠାରେ ଅଧିକ ସମୟ ଧରି ରହିବାକୁ ହେଲେ ବ୍ୟୋମଚାରୀମାନଙ୍କୁ ଏହା ଅମ୍ଳଜାନ, ଖାଦ୍ୟ ଓ ଔଷଧ ଯୋଗାଇବାକୁ ସମର୍ଥ ହୋଇପାରିବ । ଅନ୍ୟପକ୍ଷରେ ମଙ୍ଗଳପୃଷ୍ଠରେ ବିଶାଳକାୟ 'ଗ୍ରୀନ୍‌ହାଉସ'ମାନ ସ୍ଥାପନ କରି ତନ୍ମଧ୍ୟରେ ଗଛଲତା ବଢ଼ିବା ପାଇଁ ଉପଯୋଗୀ କୃତ୍ରିମ ବାୟୁମଣ୍ଡଳ ସୃଷ୍ଟି କରିବା ଲାଗି ଉଦ୍ୟମ ଚାଲିଛି ।

ସୁଦୂର ଅତୀତରେ ମଙ୍ଗଳ ଗ୍ରହରେ ଜଳଥିବାର ମନେକରାଯାଏ । ଏହା ସେଠାରେ ନଦନଦୀ ରୂପେ ପ୍ରବାହିତ ହେଉଥିଲା । ଏବେ ବି ସେଠାରେ କିଛି ତାହା ଥିବାର ଜଣାପଡୁଛି । ତେବେ ତାହା ମଣିଷର ବ୍ୟବହାର ପାଇଁ ଉପଯୋଗୀ ହେବ ବୋଲି ମନେ ହେଉନାହିଁ । କାରଣ ଏଥିରେ ଭରି ରହିଛି ପରକ୍ଲୋରେଟ୍ସ ଭଳି ନାନାଦି ଲବଣ, ଯାହା ବିଷାକ୍ତ । ଏଥିରେ ଗଛଲତା ବଢ଼ିବା ସମ୍ଭବ ହୋଇ ନପାରେ । ଏଣୁ ଏହାକୁ କିପରି ବିଶୋଧନ କରି ବ୍ୟବହାର ଉପଯୋଗୀ କରାଯାଇ ପାରିବ ସେ ବିଷୟରେ ଚିନ୍ତା କରାଯାଉଛି । ପୁନଶ୍ଚ ସେଠାରେ ବିଶୁଦ୍ଧ ମଧୁର ଜଳ ଉତ୍ପନ୍ନ ଲାଗି କାର୍ଯ୍ୟକ୍ରମ ଆରମ୍ଭ ହେଲାଣି । ମଙ୍ଗଳର ବାୟୁରେ ଥିବା ଅଙ୍ଗାରକାମ୍ଳକୁ ଭାଙ୍ଗି ତହିଁରୁ ଅମ୍ଳଜାନ ପ୍ରସ୍ତୁତ କରିବା ଏବଂ ରକେଟ୍ ଇନ୍ଧନରେ ଥିବା ହାଇଡ୍ରାଜିନ୍‌ରୁ ଉଦ୍‌ଜାନ ପ୍ରସ୍ତୁତ କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ସେ ଦୁଇଟିର ମିଳନ ଘଟାଇବା ଏହାର ଲକ୍ଷ୍ୟ ।

ଶେଷରେ ମଙ୍ଗଳ ଗ୍ରହରେ ବସବାସ କିମ୍ବା ଦୀର୍ଘଦିନ ରହିବାକୁ ହେଲେ ସେଠାରେ ବଡ଼ ବଡ଼ କୃତ୍ରିମ ବାସସ୍ଥଳୀମାନ ନିର୍ମାଣ କରି ସେଥିମଧ୍ୟରେ ପୃଥିବୀ ଅନୁରୂପ ବାୟୁମଣ୍ଡଳ ଏବଂ ମାଧ୍ୟାକର୍ଷଣ ସୃଷ୍ଟି କରିବା ଦରକାର । ଏସବୁ କାର୍ଯ୍ୟ ପାଇଁ ଲାଗିଯିବ ଅନେକ ବର୍ଷ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ସନଓ୍ବର ଅଲ୍ଲୀ ହତ୍ୟା ମାମଲା

## ହତ୍ୟାକାରୀକୁ ଆଜୀବନ ଜେଲ୍

ଜଗତସିଂହପୁର,୧୮।୮(ସମିସ):ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସିରିଆ ଛକରେ ୨୦୧୧ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଶେଖ୍ ଆଶିଷକୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଛନ୍ତି ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନା ମୁତାବକ, ୨୦୧୧ ଅକ୍ଟୋବର ୩୦ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳର ସିରିଆ ଛକରେ ଇଟାଟିକିରି ଗ୍ରାମର ସନଓ୍ବର ଅଲ୍ଲୀ ଓରଫ୍ ମୁନା ଠିଆ ହୋଇଥିବା ବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ବାଇକ୍ ପଛରେ ବସିଥିବା ମୀରମହଲା ଗ୍ରାମର ସେଖ୍ ଆଶିସ ଗାଡ଼ିରୁ ଓହ୍ଲାଇ ସନଓ୍ବରଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ସନଓ୍ବର ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। କ୍ରିଷ୍ଣାନନ୍ଦପୁର ଫାଣ୍ଡି ଏଏସ୍‌ଆଇ ସହିଦ ଖାଁ ଘଟଣାସ୍ଥଳରୁ ସନଓ୍ବରଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଏଏସ୍‌ଆଇ ସହିଦ ଖାଁ ତିର୍ତ୍ତୋଲ ଥାନାରେ ଏତଲା ଦେବା ପରେ ପୁଲିସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରିଥିଲା। ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ତିର୍ତ୍ତୋଲ ପୁଲିସ। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶେଖ ଆଶିଷକୁ ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ୧୨ଜଣଙ୍କ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଏହି ଆଦେଶ ଦେଇଛନ୍ତି ଜିଲ୍ଲା ଦୌରାଜଜ୍। ସରକାରଙ୍କ ପକ୍ଷରୁ ଏହି ମାମଲାକୁ କ୍ୟାଡର ପିପି ତପନ ପାଲ ଓ ସରକାରୀ ଓକିଲ ଭଜହରି କର ପରିଚାଳନା କରୁଥିଲେ।

## ହୀରାକୁଦ ଜଳସ୍ତର ୬୧୩.୭୭ ଫୁଟ୍

ସମ୍ବଲପୁର, ୧୮।୮ (ସମିସ): ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୯,୮୪୩ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୭୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୧୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୬.୬୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୦.୪୮ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୦୪ ଫୁଟ୍ ରହିଥିଲା।

## ଏମ୍‌କେସିଜି ଆର୍‌ଡିସିରେ ଅଗ୍ନିକାଣ୍ଡ



ବ୍ରହ୍ମପୁର,୧୮।୮(ସମିସ): ଏମ୍‌କେସିଜି ମେଡିକାଲ ପରିସରସ୍ଥିତ ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର(ଆରଡିସି)ରେ ରବିବାର ମଧ୍ୟରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। କୋଠାର ତଳ ମହଲାରେ ଥିବା ବାୟୋକେମେଷ୍ଟ୍ରି ବିଭାଗରେ ଏସି ସର୍ଟସର୍କିଟ୍‌ରୁ ଏଭଳି ଅଗ୍ନିକାଣ୍ଡ ହୋଇଥିବା ଜଣାପଡ଼ିଛି। ଖବର ପାଇ ଏମ୍‌କେସିଜି ମେଡ଼ିକାଲ କ୍ୟାମ୍ପସରେ

■ ୧୩ ଘଣ୍ଟା ବିଦ୍ୟୁତ ସରବରାହ ବ୍ୟାହତ, ନିଦାନ ବାଧାପ୍ରାପ୍ତ

■ ୧୫ଦିନ ମଧ୍ୟରେ 'ଷ୍ଟାଟସ୍ ରିପୋର୍ଟ' ଦେବାକୁ ନିର୍ଦ୍ଦେଶ

ଥିବା ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ବିଭାଗରେ ଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣ ସହ ରସାୟନ ପଦାର୍ଥ ଜଳି ନଷ୍ଟ ହୋଇଯାଇଛି।

ସୋମବାର ସକାଳୁ ଆରଡିସିରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ ଓ ବାୟୋକେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରୋଗୀଙ୍କ ରକ୍ତ ନମୁନା ସଂଗ୍ରହରେ କିଭଳି ବାଧା ସୃଷ୍ଟି ନହେବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରିଥିଲେ। ପରେ ବିଭାଗ ପକ୍ଷରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲେ ହେଁ ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍ୟ କିଛି ପରୀକ୍ଷା ହୋଇପାରିନଥିଲା। ଆରଡିସିରେ ଅଗ୍ନିକାଣ୍ଡ ଘଟିବାରୁ ଦୀର୍ଘ ୧୩ ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ମେଡ଼ିକାଲର ବିଭିନ୍ନ ବିଭାଗରେ ଲାଗିଥିବା ଏସିର ସଠିକ ସଦୁପଯୋଗ ଓ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନିୟମିତ ବ୍ୟବଧାନରେ ଏଭଳି ଘଟଣା ନଜରକୁ ଆସୁଛି। ସେହିପରି ମେଡ଼ିକାଲ ବିଦ୍ୟୁତ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ସାଧାରଣ ବିଦ୍ୟୁତ(ଜିଇଡି) ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବା ସହ ମେଡ଼ିକାଲରେ ଲାଗିଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣର ନିୟମିତ ସ୍ଥିତି ଯାଞ୍ଚ କରୁନଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ୧୫ଦିନ ମଧ୍ୟରେ ବିଭିନ୍ନ ବିଭାଗରେ ଲାଗିଥିବା ଇଲେକ୍ଟ୍ରିକାଲ ଉପକରଣ ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶଗୁଡ଼ିକର ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଇଡ଼ି, ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ଅଧିକାରୀଙ୍କ ସମେତ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଟିମ ଗଠନ କରିବା ସହ ଉକ୍ତ ଟିମ ମେଡ଼ିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରି ସ୍ଥିତି ଯାଞ୍ଚ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଖଇନି ନ ଦେବାରୁ ବୃଦ୍ଧଙ୍କୁ ହାଣି ହତ୍ୟା

ରାଉରକେଲା,୧୮।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ଜଣେ ୫୮ବର୍ଷୀୟ ବୃଦ୍ଧଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଛି। ରାଜଗାଙ୍ଗପୁର ଥାନା ପୁଲିସ ହତ୍ୟାକାରୀକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କଟୁରୀକୁ ଜବତ କରିଛି। ଗିରଫ ଯୁବକ ହେଲେ, ଝାଡ଼ଖଣ୍ଡ ରାଜ୍ୟ ଲୋହରଡେଗା ଜିଲ୍ଲା ଚନ୍ଦ୍ରା ଥାନା ଅଧୀନ ତୋଟ ଗାଁର ଶୁଖରାମ ଓରାମ (୩୩)।

ସୂଚନାନୁସାରେ, ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ମଙ୍ଗଲୁ କିଷାନ (୫୮) ରାଜଗାଙ୍ଗପୁର ପିଡବ୍ଲୁଡି ଡାକବଙ୍ଗଳାରେ ପିଅନ ଭାବେ କାମ କରୁଥିଲେ। ଆଜି ଶୁଖରାମ ଓରାମ (୩୩) ସେଠାକୁ ଯାଇ ମଙ୍ଗଲୁ କିଷାନଙ୍କୁ ଖଇନି ମାଗିଥିଲା। ମାତ୍ର ମଙ୍ଗଲୁ କିଷାନ ଖଇନି ଦେବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଶୁଖରାମ ରାଗିଯାଇ ନିକଟରେ ପଡିଥିବା ଏକ କଟୁରୀରେ ମଙ୍ଗଲୁ କିଷାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ମଙ୍ଗଲୁଙ୍କୁ ରାଜଗାଙ୍ଗପୁର ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ଶୁଖରାମ ଓରାମକୁ କୋର୍ଟ ଚାଲାଣ କରାଯିବା ସହ ମଙ୍ଗଲୁ କିଷାନର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ବ୍ରଜରାଜନଗର ଷ୍ଟେସନ୍‌ରୁ ୨୦ ପର୍ସିଆନ୍ ବିଲେଇ ଉଦ୍ଧାର

ଝାରସୁଗୁଡ଼ା, ୧୮।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଷ୍ଟେସନ୍‌ରୁ ଆର୍‌ପିଏଫ୍ ଆଜି ୨୦ଟି ବିଦେଶୀ ପର୍ସିଆନ୍ ବିଲେଇ ଉଦ୍ଧାର କରିଛି। ମୁମ୍ବାଇ ସାଲିମାର୍ ଏକ୍ସପ୍ରେସ୍ ଟ୍ରେନ୍‌ରେ ଛୋଟବଡ଼ ମିଶାଇ ୨୦ଟି ପାର୍ସିଆନ ଓ ବେଙ୍ଗଲ କ୍ୟାଟ୍‌କୁ ଏକ ଦମ୍ପତି ମୁମ୍ବାଇରୁ କୋଲକାତାରୁ ସାନ୍ତ୍ରାଗାଛିକୁ ନେଇ ଯାଉଥିଲେ। ସାନ୍ତ୍ରାଗାଛିର ଏକ ଫାର୍ମରେ ବିକ୍ରି କରିବାର ଉଦ୍ଦେଶ୍ୟରେ ଏହି ବିଦେଶୀ ବିଲେଇ ଟ୍ରେନ୍ ଯୋଗେ ଚାଲାଣ କରାଯାଉଥିଲା। ମୁମ୍ବାଇର ଅମିନ ସୈୟଦ ନିଜ ସ୍ତ୍ରୀ ଏବଂ ଚାରିମାସର ଶିଶୁଙ୍କ ସହ ଏହି ବିଲେଇମାନଙ୍କୁ ଟ୍ରେନରେ ନେଇ ଯାଉଥିଲେ। ଚଳନ୍ତା ଟ୍ରେନ୍‌ରେ ଅମିନ ସିଗାରେଟ୍ ଟାଣୁଥିଲେ। ସାଥୀ ଯାତ୍ରୀ ଏନେଇ ମନା କରିବାରୁ ତାଙ୍କ ସହ କଳହ କରିଥିଲେ। ଏନେଇ ଜଣେ ଯାତ୍ରୀ ରେଳ ଅଭିଯୋଗରେ ଅଭିଯୋଗ କରିଥିଲେ। ଟ୍ରେନ୍‌ଟି ରବିବାର ରାତି ପ୍ରାୟ ସାଢ଼େ ୨ଟାରେ ବ୍ରଜରାଜନଗର ଷ୍ଟେସନରେ ପହଞ୍ଚିବା ପରେ ଆର୍‌ପିଏଫ୍ ଉକ୍ତ ଦମ୍ପତିଙ୍କୁ ଅଟକ ରଖିଥିଲା। ଯାଞ୍ଚ କରିବାରୁ ତାଙ୍କ ପାଖରୁ ଏହି ପର୍ସିଆନ ବିଲେଇ ଉଦ୍ଧାର କରାଯାଇଥିଲା। କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଅମିନ ବିଲେଇମାନଙ୍କୁ ଟ୍ରେନ୍‌ରେ ନେଇ ଯାଉଥିଲେ, ସେନେଇ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ କରାଯିବା ସହ ସିଗାରେଟ୍ ପିଇବା ଅଭିଯୋଗରେ ଅମିନକୁ ରେଳବାଇ କୋର୍ଟରେ ହାଜର କରାଯାଇ ୧୫୦୦ଟଙ୍କାର ଜରିମାନା କରାଯାଇଛି। ସେହିପରି



ରେଳବାଇ ବାଣିଜ୍ୟ ବିଭାଗକୁ ଯୋଗାଯୋଗ କରିବା ପରେ ପ୍ରାୟ ୩୫ ହଜାର ଟଙ୍କା ଜରିମାନା କରାଯାଇଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଅମିନ ଏବଂ ତାଙ୍କ ପରିବାରକୁ ବିଲେଇ ସହ ଛଡ଼ାଯିବ ବୋଲି ଜଣେ ଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.-Gobardhanpur, Ps- Tamka, Via-JK Road, Dist.- Jajpur, Odisha-755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **NAVNEET KISHORE** (old name) to **NAVNEET KISHORE JENA** (new name), Henceforth, he shall be known as **NAVNEET KISHORE JENA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 10/07/2025, CF No.- 69/10 July 2025. I, Bhuli Sahu W/O Sanjay Kumar Sahu, At- Tarini Nagar, Salia Sahi, Jayadev Vihar, Odisha, Pin- 751013, declare that I have changed the name of my daughter from Thubul Sahu to Tanmayee Sahu. Henceforth, she shall be known as new name Tanmayee Sahu for all purposes.

**Bhuli Sahu**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 30/07/2025, C.F No. 93/30 July 2025. I, Sonali Sahu, W/O Laxmidhara Sahoo, At- Patapur, Patna, Po- Satapatna, Ps-Dasapalla, Nayagarh, Odisha, Pin- 752091, declare that I have changed my owned name Suneli Sahoo to Sonali Sahu. Henceforth, I shall be known as new name Sonali Sahu for all purposes.

**Sonali Sahu**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dtd:18/08/2025 I, KM REETA VERMA, Resident of Village- Patulisahi, P.O.- Kesharpur, P.S.- Sarankul, Dist: Nayagarh, Odisha, Pin:752079, declare that I have changed my name from Reeta Verma to KM Reeta Verma. Henceforth, I shall be known as **KM Reeta Verma** for all purposes.

**KM Reeta Verma**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 12/08/2025, C.F No. 28/12.08.2025 I, Samali Das, At- Bajpayee Nagar, Po- RRL, Ps- Maitri Vihar, Bhubaneswar- 751013, Odisha, declare that I have changed my name from Shamoli Das to Samali Das. Henceforth, I shall be known as Samali Das for all purposes.

**Samali Das**

**AFFIDAVIT**

By Virtue of an Affidavit swom Before Executive Magistrate Cuttack Date - 23.06.2025 I Bikramaditya sahoo S/O Laxman Charan Sahu. At- Niladri Vihar New Colony Po-Nayabazar Ps - Chauliaganj Dt - cuttack, Odisha - 753004. Declare that Now onwords My father's Name is Laxman Charan Sahoo For all Purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **DHEERANAND SAGAR (old name)** to **DHEERANAND SAGAR JENA (new name)**, Henceforth, he shall be known as **DHEERANAND SAGAR JENA** for all purposes.

**AFFIDAVIT**

I Shaik Sammiulla H/o Rizwana Perween, Resident of Mundideuli, PO/PS-Kamakshyanagar, Dist-Dhenkanal, Odisha, PIN-759018, declare by this affidavit No.996 dtd 18.07.2025 that now onwards I shall be known as **SHEIKH SAMMI ULLA** for all future purposes.

**AFFIDAVIT**

By virtue of an affidavit (CF No. 03) sworn before The Executive Magistrate, Padampur, on dated- 18/08/2025. I, **Beauty Queen Tandi**, W/o- Kunal Nanda, permanent & current resident of At/Po- Ulba, Ps- Patnagarh, Dist- Balangir, PIN- 767041, Odisha declare that I have changed my name from **Beauty Queen Nanda** (old name) to **Beauty Queen Tandi** (new name). Henceforth, I shall be known as **Beauty Queen Tandi** (new name) for all future purposes.

**Beauty Queen Tandi**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-09-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ଦିନରାତି ଖୋର୍ଦ୍ଧା ରୋଡ୍ ମଣ୍ଡଳର ସମସ୍ତ କ୍ରୁ ଲବି (ଭୁବନେଶ୍ୱର ଓ ପୁରୀ ଭଳି କୋଚିଙ୍ଗ ଲବି ବ୍ୟତୀତ) ଠାରେ କ୍ରୁ ଏବଂ ଗାର୍ଡ଼ସ୍‌ଙ୍କୁ ୱାକି-ଟକି ସେଟ୍, ନିରାପତ୍ତା ସାମଗ୍ରୀ ଏବଂ କୁହୁଡ଼ି ସୁରକ୍ଷା ଉପକରଣ ଜାରି କରିବା

ବିଜ୍ଞାପିତ ମୂଲ୍ୟ : ₹1,87,65,292.40, EMD : ₹2,43,800/-, ଟେଣ୍ଡର ନଥିପତ୍ର ମୂଲ୍ୟ : ₹5,900/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.09.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍

PR-488/Q/25-26

**AFFIDAVIT**

I Snehala Mallick, W/o Abhimanyu Nayak, Resident of Vill- Bankasahi, PO/ PS/DIST- Bhadrak, Odisha, PIN - 756100, declare by this affidavit No. 1567 dtd 12.08.2025 that now onwards I shall be known as **SNEHALATA MALLICK** for all future purposes.

**AFFIDAVIT**

I, Santosh Swain, S/o- Raghunath Swain, resident of Kalamitota Sahi, Lalsing, Bhanjanagar, Dist- Ganjam, PIN- 761125, Odisha declared by this affidavit No. 661, dtd- 16/08/2025 that now onwards I shall be known as **SANTOSH KUMAR SWAIN** for all future purposes.

**AFFIDAVIT**

By virtue of an affidavit sworn before the Notary public Bhubaneswar vide No.1558 dated 18.08.2025, I Vivek Varansi S/o Varanasi Sitaram Sharma, presently residing at P 19/3, Coast Guard Officers Residential Area, Pokhariput, Bhubaneswar, Dist- Khordha, Odisha PIN-751020, declare that I have changed my name from Vivek Varansi to Vivek Sitaram Varansi. Henceforth, I shall be known as **VIVEK SITARAM VARANSI** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଇସିଙ୍କ ବିରୋଧରେ...

କରିଛନ୍ତି। ସରକାରୀ ଦଳ ଇସାରାରେ ସେ କାମ କରୁଛନ୍ତି ବୋଲି କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ଶିବସେନା (ଉଦ୍ଧବ), ଏନ୍‌ସିପି (ପାୱାର), ସିପିଏମ୍, ଆପ୍, ଆରଜେଡି, ଜେଏମଏମ୍ ଏବଂ ଅନ୍ୟ ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ଅଭିଯୋଗର ଉତ୍ତର ଦେବା କିମ୍ବା ଏହାର ଯାଞ୍ଚ କରିବା ବଦଳରେ କମିସନ ଓଲଟା ଅଭିଯୋଗକର୍ତ୍ତାଙ୍କୁ ସମାଲୋଚନା କରୁଛନ୍ତି। ଟିଏମ୍‌ସି ନେତ୍ରୀ ମହୁଆ ମଇତ୍ର କହିଲେ ଯେ ପଶ୍ଚିମ ବଙ୍ଗରେ ଡୁପ୍ଲିକେଟ ଭୋଟର ପରିଚୟ ପତ୍ର ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିଲେ। କିନ୍ତୁ ଏହାର ସମାଧାନ ହୋଇନାହିଁ। ପୂର୍ବତନ ନିର୍ବାଚନ କମିସରନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଚଳିତ ଲୋକସଭାକୁ ଭଙ୍ଗ କରିବାକୁ ସେ ଦାବି କରିଛନ୍ତି। ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ କହିଲେ ଯେ ୨୦୨୨ ଭୋଟର ତାଲିକାରେ ୧୮ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି। ଏସଂପର୍କରେ ତାଙ୍କ ଦଳ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଆରଜେଡି ନେତା ମନୋଜ ଝା କହିଲେ ଯେ ଗତକାଲି ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଖୋଜୁଥିବା ବେଳେ ବିଜେପି ମୁଖପାତ୍ରଙ୍କୁ ପାଇଲୁ। ଡିଏମ୍‌କେ ଏବଂ ସିପିଏମ୍ ନେତା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ କମିସନ କେନ୍ଦ୍ର ସରକାରଙ୍କର ବି-ଟିମ୍ ଭାବେ କାମ କରୁଛି। ଗତକାଲି ମୁଖ୍ୟ ନିର୍ବାଚନ କମିସନର ଯେଉଁ ସାମ୍ବାଦିକ ସମ୍ମିଳନୀ କରିଥିଲେ ସେଥିରେ ପ୍ରଶ୍ନର ଉତ୍ତର ଦେବା ଅପେକ୍ଷା ରାହୁଲଙ୍କୁ ଟାର୍ଗେଟ କରି ସତ୍ୟପାଠ ଦାଖଲ ପାଇଁ ଚାଲେଞ୍ଜ କରିଥିଲେ। ମୁଖ୍ୟ ନିର୍ବାଚନ କମିସନରଙ୍କ ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଥିଲେ।

### ୬୫ ଲକ୍ଷ ନାମ...

ନାମ ତାଲିକା ଜାରି କରିଛନ୍ତି। ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଏହି ତାଲିକା ରାଜ୍ୟର କେତେକ ଜିଲ୍ଲାରେ ବୁଥ୍ ସାମନାରେ ଲଗାଯାଇଛି। ଏଥିରେ ଭୋଟରଙ୍କ ନାମ ସହିତ ସେମାନଙ୍କର ନାମ କାହିଁକି କଟାଯାଇଛି, ତାହା ଦର୍ଶାଯାଇଛି। କେଉଁମାନେ ମୃତ, ଅନ୍ୟ ରାଜ୍ୟକୁ ପଳାଇଛନ୍ତି କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ସେମାନଙ୍କର ନାମ ରହିଛି, ତାହା ଏହି ତାଲିକାରେ ଦର୍ଶାଯାଇଛି। ଏସଂକ୍ରାନ୍ତ ନୋଟିସ ସମ୍ବାଦପତ୍ର ଓ ଟିଭିରେ ପ୍ରକାଶ ଓ ପ୍ରସାର କରିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ଏସ୍‌ଆଇଆର୍...

କରିବାକୁ ନେଇ ବିଜେଡି ଗୁରୁତର ଅଭିଯୋଗ କରିଥିଲା। ଏ ସମ୍ପର୍କରେ ଜାତୀୟ ନିର୍ବାଚନ କମିଶନ ଏଯାବତ୍ କୌଣସି ଉତ୍ତର ଦେଇ ନ ଥିବା ବିଜେଡି ଅଭିଯୋଗ କରି ଆସିଥିବାବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ଏପିକ ନମ୍ବରକୁ ନେଇ ଅଣାଯାଇଥିବା ଅଭିଯୋଗ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଓଡ଼ିଶାର ୭ ହଜାର ଏପିକ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି। ଏଥିରୁ କେବଳ ୫ ହଜାର ଏପିକ ନମ୍ବର ବାଙ୍କୀରେ ଥିଲା। ଏହା ଗୁଜରାଟର ଭୋଟରଙ୍କ ସହିତ ମିଶୁଥିଲା। ତେଣୁ ଏହାକୁ ବଦଳାଯାଇ ଆଉଥରେ କାର୍ଡ ବଣ୍ଟନ କରାଯାଇଛି। ବାକି ୨ହଜାର ଏପିକ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ ନମ୍ବର କେବଳ ଭୋଟ ପରିଚୟ ପତ୍ର ଚିହ୍ନଟ ପାଇଁ ଦିଆଯାଇଛି। ଏହି ଏପିକ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ ନମ୍ବର ନିର୍ବଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ । ସେହିପରି ବିଭିନ୍ନ ଅଞ୍ଚଳରେ ଭୋଟର ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ହେଁ ଲୋକସଭା ପ୍ରାର୍ଥୀଙ୍କୁ ଭୋଟଦେଇନାହାନ୍ତି। ଯେଉଁଥିପାଇଁ ଲୋକସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାର ଥିବା ତଫାତ ଏକ ସ୍ୱାଭାବିକ ପ୍ରସଙ୍ଗ ଓ ଭୋଟ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ ହାର ଦିଆଯାଏ। ତାହା ଫୋନ ମାଧ୍ୟମରେ ସଂଗ୍ରହ କରାଯାଇ ଦିଆଯାଇଥାଏ। ଭୋଟ ଗ୍ରହଣ ପର ଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ, ତାହା ସଠିକ ଭୋଟ ହାର । ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳର ଏଜେଣ୍ଟଙ୍କୁ ୧୭-ସି ଫର୍ମ ଦିଆଯାଇଥାଏ। ତେଣୁ ରାଜନୈତିକ ଦଳମାନେ ସେମାନଙ୍କ ଏଜେଣ୍ଟଙ୍କ ଠାରୁ ୧୭-ସି ଫର୍ମ ସଂଗ୍ରହ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଦାଗୀ ସଂସ୍ଥାକୁ...

କେଟିପିଏଲର ଚୁକ୍ତିକୁ ସ୍ଥଗିତ ରଖିଛନ୍ତି। ଏପରିସ୍ଥଳେ ଓଏସ୍‌ଏମ୍‌ସିଏଲ୍‌ର ଚୁକ୍ତି ଅବଧିକୁ କେଉଁ ଆଧାରରେ ବୃଦ୍ଧି କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ କେଟିପିଏଲ୍ ୫ବର୍ଷ ତଳେ ଟେଣ୍ଡର ହାତେଇଥିବା ବେଳେ ତାହାର ଅବଧି ଗଲା ଡିସେମ୍ବରରେ ସରିଥିଲା। ଜାନୁଆରୀରେ ନୂଆ ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ନୂଆ ଟେଣ୍ଡର ପ୍ରକ୍ରିୟା ଆଗକୁ ନବଢ଼ାଇ କେଟିପିଏଲ୍‌ର କାର୍ଯ୍ୟ ଅବଧିକୁ ଓଏସ୍‌ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୃଦ୍ଧି କରିଥିବା ଜଣାପଡ଼ିଛି। କେଟିପିଏଲ୍ ବିରୋଧରେ ପୂର୍ବରୁ ଏନ୍‌ଏଚ୍‌ଆରସି ନିୟମ ଖିଲାପ ଅଭିଯୋଗ ରହି ଆସିଛି। ନିୟମ ଅନୁଯାୟୀ ସଂସ୍ଥା ୨ଶହରୁ ଅଧିକ ବାୟୋମେଡିକାଲ ଓ ୧ଶହ ସର୍ଭିସ ଇଞ୍ଜିନିୟର ନିୟୋଜିତ ନ କରି କମ୍ ଇଞ୍ଜିନିୟର କାମ ଚଳାଇ ଆସୁଛି। ଯାହା ଫଳରେ ଠିକ୍‌ରେ ଉପକରଣ ମରାମତି କାର୍ଯ୍ୟ ହୋଇପାରୁନି। ଏପଟେ ରାଜ୍ୟରେ ପ୍ରାୟ ୮୦ ହଜାର ବାୟୋମେଡିକାଲ ଉପକରଣ ଥିବାବେଳେ ସେଥିରୁ ଶତକଡା ୨୦ ପ୍ରତିଶତ କାମ କରୁନଥିବା ଅଭିଯୋଗ ହେଉଛି। ଏପରିକି ଏସ୍‌ସିବିରେ ଅନେକ ଉପକରଣ ଦିନ ଦିନ ଧରି ଅଚଳ ହେବା ସହ ଭେଣ୍ଟିଲେଟର ଓ ଆଇ ଆଇସିୟୁ ବି ଅଚଳ ହୋଇ ରହୁଛି। କିନ୍ତୁ ଏଭଳି ସ୍ଥିତିରେ କେଟିପିଏଲର କାର୍ଯ୍ୟ ଅବଧି ସରିବା ପରେ ବି ତାହାକୁ ବୃଦ୍ଧି କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜରାସ୍ତାରେ ଚାଷୀଙ୍କ...

ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କୁ ସିଏମ କିଷାନ ଯୋଜନାରେ ସାମିଲ, ସ୍ୱାମୀନାଥନ କମିଟି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବିହନ ଓ ସାରର ଅଭାବୀ ବିକ୍ରି ବନ୍ଦ କରିବା, ଆନୁଷଙ୍ଗିକ କୃଷି ଓ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶୀଘ୍ର ଏହି ସମସ୍ୟାର ସମାଧାନ କରାନଗଲେ, ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଉଗ୍ରରୂପ ନେବ ବୋଲି ବିଜେଡି ପକ୍ଷରୁ ଚେତାଇ ଦିଆଯାଇଥିଲା। ଆଜିର ଏହି ସମାବେଶ ଯୋଗୁଁ ବରଗଡ଼ ସହରରେ ଅଦିନିଆ ଧନୁଯାତ୍ରା ପରି ଭିଡ଼ ପରିଲକ୍ଷିତ ହୋଇଥିଲା। ବିଜେଡିର ଚାଷୀ ସମାବେଶ ଡାକରାକୁ ଚାଷୀଙ୍କ ପକ୍ଷରୁ ଅଭୂତପୂର୍ବ ସମର୍ଥନ ଦେଖିବାକୁ ମିଳିଥିଲା। ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷର ପ୍ରତିଫଳନ ଏହି ସମାବେଶରେ ବେଶ୍ ପ୍ରତିଫଳିତ ହୋଇଥିଲା। ମାତ୍ର ସମାବେଶକୁ ଭଣ୍ଡୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ୟମ କରାଯାଇଥିଲା। ସମାବେଶରେ ଯୋଗ ଦେବାକୁ ଆସୁଥିବା ଚାଷୀଙ୍କ ଗାଡ଼ିଗୁଡିକୁ ବିଭିନ୍ନ ସ୍ଥାନରେ ପୁଲିସ୍ ଅଟକାଇଥିଲା। ଏହି ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପ୍ରତାପ ଜେନା, ଟୁକୁନି ସାହୁ, ବିଧାୟକ ନଳିନୀ ପ୍ରଧାନ, ନିରଞ୍ଜନ ପୂଜାରୀ, ସୁଦର୍ଶନ ହରିପାଲ, ଦିବ୍ୟଶଙ୍କର ମିଶ୍ର, ବର୍ଷା ସିଂ ବରିହା, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୋହିତ ଯୋଶେଫ ତିର୍କୀ, ଯୋଗେଶ ସିଂ, ପ୍ରଦୀପ ଦିସାରୀ ଏବଂ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆୟୁବ ଖାନ୍, କିଶୋର ନାଏକ, ରାଜେନ୍ଦ୍ର ଛତ୍ରିଆ, ସରୋଜ ମେହେର, ଦୁଷ୍ମନ୍ତ ନାଏକ, ରୋହିତ ପୂଜାରୀ, ନୀହାର ବେହେରା, ଆକାଶ ମିଶ୍ର, ଗିରିରାଜ ସିଂ, ନାରାୟଣ ଲୁହା, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ମାନିନୀ ଭୋଇ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ମୀନାକ୍ଷୀ ମିଶ୍ର, ପ୍ରଫୁଲ୍ଲ ନାଏକ, ଉମେଶ ପଣ୍ଡା, ଗୌରହରି ମିଶ୍ର, ବିକ୍ରମ ସିଂ ଦେଓ, ଦେବାନନ୍ଦ ଗଡତିଆ, ନାରଦ ବରିହା, ଲମ୍ବୋଦର ନିଆଲ, ସିଦ୍ଧାର୍ଥ ଦାଶ, ମନୋଜ ମହାପାତ୍ର, ହୀରାଲାଲ ବେହେରା, କୁମୁଦିନୀ ନାଏକ କିଶୋର ମିଶ୍ର, ସୁନିଲ କିଶାନ, ଦୁର୍ଗା ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।


**RAISUAN HIGHER SECONDARY SCHOOL**
**AT/PO-RAISUAN, DIST-KEONJHAR**
**WALK IN INTERVIEW**

A walk-in-interview will be held in the college premises for engagement of **Guest Faculty in Sanskrit on 25.08.2025 (Monday).** The interested candidates having more than 55% in the Master Degree may attend the same with all relevant testimonials. Preference will be given to M. Phil., Ph.D. & teaching experience holders.

Sd/- Principal
Raisuan Higher Secondary School,
Raisuan

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ସରଫେଶୀ ଆକ୍ଟ ଅଧୀନରେ ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ପଇଠ ହୋଇଥିବା ରାଶି (ଯଦି କିଛି ଥାଏ) ଆଦାୟ / ସେଟେଲମେଣ୍ଟ ସମୟରେ ଦେୟ ରାଶି ନିର୍ଦ୍ଧାରଣ ପାଇଁ ଗଣନା କରାଯିବ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସୁଲୋଚନା ବିଶ୍ୱାଳ, ସ୍ୱାମୀ: ସନ୍ତୋଷ ବିଶ୍ୱାଳ, ମାର୍ଫତ: କେ. ଜ୍ୟୋତିବାଳା ପାତ୍ର, ପ୍ଲଟ୍ ନଂ. ୩୮/୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩ | ଟ.୪୨,୦୮,୨୫୬.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୪.୦୬.୨୦୨୫ / ୧୮.୦୮.୨୦୨୫ | ଶ୍ରୀମତୀ ସୁଲୋଚନା ବିଶ୍ୱାଳଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୮୮/୨୬୮, ପ୍ଲଟ୍ ନଂ.: ୧୪୭୦/୨୯୭୧/୫୪୦୩, କ୍ଷେତ୍ର: |

ଏକର୦.୦୨୧ଡିସିମିଲି, କିସମ: ଘରବାରି, ମୌଜା: ନୟାପଲ୍ଲୀ, ଥାନା: ନିଉ କ୍ୟାପିଟାଲ, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉପାର୍ଶ୍ୱରେ- ଉତ୍ତର: ମନୋଜ କୁମାର ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୨୨୦୧, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୩୬୧୬

ତାରିଖ: ୧୮.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE PRINCIPAL**
**SIDDHARTHA HIGHER SECONDARY SCHOOL, BINKA**
**DIST- SUBARNAPUR, PIN-767019**
email: siddharthacollegebinka@gmail.com

**WALK-IN-INTERVIEW**

A walk-in interview will be held on **Dt.26.08.2025 (Tuesday)** at **11.00 AM** in the College premises for the post of **Lecturer in Physics (Management Post).** Candidates must possess a Master's degree having at least 55% marks in the concerned subject and may attend the interview with their complete Bio-Data and all testimonials (Original & Xerox copies).

The undersigned reserves the right to cancel the Walk-in interview without assigning any reason thereof.

Sd/- Principal-cum-secretary
Siddhartha Higher Secondary School,
Binka

## ମହାବିଦ୍ୟାଳୟରେ ନାରୀ ସୁରକ୍ଷା ସଚେତନତା

ହାଟଡ଼ିହୀ,୧୮।୮(ସମିସ): ନାରୀ ସୁରକ୍ଷାକୁ ନେଇ ନନ୍ଦିପଦା ପୁଲିସ ପକ୍ଷରୁ ହାଟଡ଼ିହୀ ଓ ସଡଙ୍ଗ କଲେଜରେ ନାରୀ ସୁରକ୍ଷା ସମ୍ପର୍କରେ ପୃଥକ ଭାବେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନନ୍ଦିପଦା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସଆଇ ବିନୀତା ଲାକ୍ରା ଓ ଅନୁପ କର ପ୍ରମୁଖ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ହାଟଡ଼ିହୀ କଲେଜର ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ସମେତ ସ୍ୱାଗତିକା ନାୟକ, ରୁମକିରାଣୀ ନାୟକ, ଜ୍ୟୋତିର୍ମୟୀ ମଲ୍ଲିକ, ଲିପ୍ସା ପ୍ରିୟଦର୍ଶିନୀ ବେହେରା, ମିନତୀ ବେହୁରିଆ, ମହେଶ୍ୱତା ଶର୍ମା, ଶିବପ୍ରିୟା ଧଳ ପ୍ରମୁଖ ଯୋଗ ଦେଇଥିଲେ। ସଡଙ୍ଗ କଲେଜରେ ନନ୍ଦିପଦା ପୁଲିସ ଅଧିକାରୀଙ୍କ ସହ ଅଧ୍ୟକ୍ଷ ସୁବ୍ରତ ନାୟକ ଏବଂ ଅଧ୍ୟାପକ ଦୁର୍ଯୋଧନ ସାହୁ, ଅନାଥ ଚରଣ ସେଠୀ, ଅଧ୍ୟାପିକା ପୁଷ୍ମିତା ପହି ପ୍ରମୁଖ ଯୋଗ ଦେଇଥିଲେ। ଯଦି କୌଣସି ଛାତ୍ରୀ ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ, କଲେଜରେ ଗଠିତ କମିଟିକୁ ଜଣାଇବା ସହ ତୁରନ୍ତ ପୁଲିସ ସହ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଅଧ୍ୟାପକ ଅତୁଲ ଜେନା, ଆଲୋକ ଭୋଇ, ଅଧ୍ୟାପିକା ସ୍ୱାଗତିକା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ କର୍ମଚାରୀ ବିଷ୍ଣୁଚରଣ ମହାରଣା, ତ୍ରିଲୋଚନ ରାଉଳ, ରାଧାଶ୍ୟାମ ସା ଓ ରବିନାରାୟଣ ବଳ ପ୍ରମୁଖ ସହଯୋଗ କରିଥିଲେ।

## ଚାଇଲ୍ଡ ହେଲ୍ପଲାଇନ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୧୮।୮ (ସମିସ): ସୋମବାର ଝୁମ୍ପୁରା ବ୍ଲକର ନିଶ୍ଚିନ୍ତପୁର ହାଇସ୍କୁଲଠାରେ ଚାଇଲ୍ଡ ହେଲ୍ପଲାଇନ ୧୦୯୮, ଡିସିପିୟୁ କେନ୍ଦୁଝର ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସମେତ ଚାଇଲ୍ଡ ହେଲପ୍ ଲାଇନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁପରଭାଇଜର ରୋହିତ ମହାନ୍ତ ଏବଂ କୃଷ୍ଣଚନ୍ଦ୍ର ମହାକୁଡ ପରିଚାଳନା କରିଥିବାବେଳେ ଲିଲିମା ଲୋହାର ଉପସ୍ଥାପନା କାର୍ଯ୍ୟଭାର ତୁଲାଇଥିଲେ। ଡିପିସି ଉଷାମଣୀ ମହାନ୍ତ ସଭାପତିତ୍ୱ କରିଥିଲେ। ଚାଇଲ୍ଡ ଲାଇନ୍ ଭୂମିକା ଓ ଗୁରୁତ୍ୱପୂର୍ଣ୍ଣ ବିଷୟରେ କୃଷ୍ଣଚନ୍ଦ୍ର ମହାକୁଡ ଅବଗତ କରାଇଥିଲେ। ସୁପରଭାଇଜର ରୋହିତ ମହାନ୍ତ ଶିଶୁ ଶ୍ରମିକ, ବାଲ୍ୟବିବାହ, ଶିଶୁ ଚାଲାଣ ବିଷୟରେ ସଚେତନ କରାଇଥିଲେ। ଡିପିସି ଉଷାମଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆହତ ଷଣ୍ଢର ଚିକିତ୍ସା କଲେ ଯୁବଗୋଷ୍ଠୀ




ରାମଚନ୍ଦ୍ରପୁର, ୧୮।୮(ସମିସ): ଓଡ଼ପଡ଼ା ଗାଁରେ ଏକ ଷଣ୍ଢ ଆହତ ହୋଇ ପୋକ ସାଲୁବାଲୁ ହୋଇ ଦୀର୍ଘ ଦିନ ପଡ଼ି ରହିଥିଲା ବେଳେ ଉକ୍ତ ଗ୍ରାମର ଯୁବ ସମାଜସେବୀ ପ୍ରଶାନ୍ତ ନାୟକଙ୍କ ଉଦ୍ୟମରେ ଚିକିତ୍ସା କରାଯାଇଛି। ଓଡ଼ପଡ଼ା ଗ୍ରାମର ମାଧବାନନ୍ଦ ଭଞ୍ଜ, ମଳୟ ପଣ୍ଡା, ଗୋଲକ ନାଏକ, ତାପସ କର, ଚଗୁଲୁ ମହାରଣା, ସପନ ସ୍ୱାଇଁ, ସୁଦାମ ପଣ୍ଡା, ରଞ୍ଜନ ନାଏକ, ତପନ ସ୍ୱାଇଁ, ଅଭିନାଶ ସେଠୀ, କାଧୁରା ମହାରଣା, ନରେନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ମହାରଣା, ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସହଯୋଗରେ ଗୁରୁତର ଷଣ୍ଢଟିର ପ୍ରାଥମିକ ଚିକିତ୍ସା କରାଯାଇ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

## ମଙ୍ଗଳପୁରରେ ଜନ୍ମାଷ୍ଟମୀ ଉତ୍ସବ



ଚମ୍ପୁଆ, ୧୮।୮(ସମିସ): ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ଜନ୍ମାଷ୍ଟମୀ ପୂଜା କମିଟି ତରଫରୁ ଏକ ସ୍ୱତନ୍ତ୍ର ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ ତ୍ରିପାଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଭଣ୍ଡା ମଣ୍ଡଳ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ବେହେରା, ଦିବାକର ମହାନ୍ତ, ଧ୍ରୁବଚରଣ ମହାନ୍ତ, ବଳରାମ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବହୁ ଗ୍ରାମବାସୀ ସହଯୋଗ କରିଥିଲେ।

## ଶ୍ରୀଝାଡ଼େଶ୍ୱର ପୀଠରେ ଅଧାଗଢ଼ା ମୂର୍ତ୍ତି



ଆନନ୍ଦପୁର,୧୮।୮ (ସମିସ): ପ୍ରମୁଖ ପ୍ରାଚୀନ ଶୈବପୀଠ ଶ୍ରୀଝାଡ଼େଶ୍ୱରଙ୍କ ପୀଠ ନିକଟ ବୈତରଣୀ କୂଳରେ ଅଧାଗଢ଼ା ଶିବମୂର୍ତ୍ତିକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇବର୍ଷ ହେଲା ନିର୍ମାଣ ବନ୍ଦ ରହିଥିବାରୁ ଏହା କେବେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ତତ୍କାଳୀନ ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ସମୟରେ ଏହି ଶିବ ମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିଲା। ତାଙ୍କ ବଦଳି ପରେ କାମ ଅଧାରେ ଅଟକି ରହିଛି। ପ୍ରତିଦିନ ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ଅଧାଗଢ଼ା ମୂର୍ତ୍ତି ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ଘସିପୁରାର ସୌମିତ୍ର ସାହୁ ମୂର୍ତ୍ତି ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଦ୍ୟାବଧି ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ମୂର୍ତ୍ତି ନିର୍ମାଣ ଦାୟିତ୍ୱ କାହାର ସେନେଇ କୌଣସି ତଥ୍ୟ ନାହିଁ ବୋଲି ମନ୍ଦିରର କୋଠ ତହସିଲଦାର ସୁଶାନ୍ତ ସାମଲ କହିଛନ୍ତି। ଭକ୍ତଙ୍କ ସହଯୋଗରେ ଖୁବଶୀଘ୍ର ମୂର୍ତ୍ତି ନିର୍ମାଣ ସମ୍ପୂର୍ଣ୍ଣ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

## ଜନସ୍ୱାସ୍ଥ୍ୟ ବିଭାଗର ମନମୁଖୀ
# ପାଣି ଟୋପାଏ ପାଇଁ ଡହଳବିକଳ ବସ୍ତିବାସିନ୍ଦା



ଯୋଡ଼ା, ୧୮।୮ (ସମିସ)


କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡ ଝୁମ୍ପୁଡି ହାଟିଙ୍ଗରେ ଆଜିକୁ ମାସେରୁ ଅଧିକ ହେବ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ବସ୍ତିବାସିନ୍ଦା ନିକଟରେ ଥିବା ସୁନା ନଦୀର ଗୋଳିଆ କାଦୁଅ ପାଣି ଉପରେ ନିର୍ଭର କରି ଚଳୁଥିବା କହିଛନ୍ତି। ଗତ ଜୁଲାଇ ୧୬ରୁ ୪ ନମ୍ବର ୱାର୍ଡ ଝୁମ୍ପୁଡି ହାଟିଙ୍ଗକୁ ପାନୀୟଜଳ ଆସିବା ବନ୍ଦ ହୋଇଯାଇଛି। ଯୋଡ଼ା ପିଏଚଡି ଅଫିସ ଆଜି ପର୍ଯ୍ୟନ୍ତ ପାନୀୟଜଳ ବ୍ୟବସ୍ଥା କରିପାରି ନାହିଁ। ବସ୍ତିବାସିନ୍ଦା ସୁନା ନଦୀର ଜଳକୁ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ଅସୁବିଧାରେ ପଡୁଛନ୍ତି। ଲଗାତାର ବର୍ଷା ହେତୁ ନଦୀର ଜଳ ଦୂଷିତ ହୋଇଯାଇଛି ତଥାପି ବାଧ୍ୟ ହୋଇ ଗାଧୋଇବା, ଶୌଚ ହେବା, କପଡ଼ା ଧୋଇବା ପରି କାର୍ଯ୍ୟ କରି ଚର୍ମ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ଅସୁବିଧା ବିଷୟରେ ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ବସ୍ତି ଲୋକ ହତାଶ ହୋଇ ରହିଥିବା ଏନେଇ ସଫିକ, ମହେଶ୍ୱର ମୁଣ୍ଡା, ନିର୍ମଳ ନାଏକ, କୁଞ୍ଜ ମହାକୁଡ଼, ବାପ ନାଏକ, ଗୁରୁଦେବ ପାତ୍ର ଜଣାଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ଟୁଡୁ କହନ୍ତି, ବାଁଶପାଣିଠାରେ ପାଇପ ଫାଟିଛି। ଟ୍ୟାଙ୍କର ନ ଥିବା ହେତୁ ପାନୀୟ ଜଳ ଯୋଗାଇବା ସମ୍ଭବ ନାହିଁ। ସୂଚନାଯୋଗ୍ୟ, ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ ମଧ୍ୟ ୪ ନମ୍ବର ୱାର୍ଡରେ ରହୁଥିବା ବେଳେ ସେ ମଧ୍ୟ ସମସ୍ୟା ବିଷୟରେ ଜାଣି ଜନସ୍ୱାସ୍ଥ୍ୟ ବିଭାଗକୁ ତାଗିଦ କରିଥିବା ବେଳେ ପଦକ୍ଷେପ ନିଆଯାଉନାହିଁ। ଜିଲ୍ଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଉପଜିଲ୍ଲାପାଳଙ୍କ ତାଗିଦ



ଆନନ୍ଦପୁର, ୧୮।୮(ସମିସ): କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୨୦ନମ୍ବର ଜାତୀୟ ରାଜପଥର ଶାଳପଡ଼ା ନିକଟରେ ଅଧପନ୍ତରିଆ କାମ ଏବେ ଜିଲ୍ଲାବାସୀଙ୍କ ଦୁଃଖ ପାଲଟିଛି। ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ନିର୍ମାଣ କାର୍ଯ୍ୟ ଅବଧି ୨୦୨୪ରେ ଥିବା ବେଳେ ଇତିମଧ୍ୟରେ କାର୍ଯ୍ୟ ଶେଷ ହୋଇନାହିଁ। ପ୍ରତିମୁହୂର୍ତ୍ତରେ ଟ୍ରାଫିକ ଯାମ ଯୋଗୁଁ ସାଧାରଣ ଲୋକଙ୍କ ଅଭିଯୋଗ ଅସମ୍ଭାଳ ହୋଇପଡିଲାଣି। ତୁରନ୍ତ ନିର୍ମାଣ କାରି ଠିକାସଂସ୍ଥାକୁ କାର୍ଯ୍ୟ ଶେଷ କରିବାକୁ ଉପଜିଲ୍ଲାପାଳ ନୀଳମାଧବ ସୁନା ତାଗିଦ କରିଥିବା ଜଣାଯାଇଛି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିବା ବେଳେ ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁଲାଇ ମାସ ଶେଷ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଅଗଷ୍ଟ ମାସ ଶେଷ ହେବାକୁ ବସିଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଗତ ୭ ବର୍ଷ ହେଲା ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ରିପୋର୍ଟ ଦେଉଥିବାବେଳେ ସ୍ଥାନୀୟ ଶାଳପଡ଼ାର ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ ସରୁନାହିଁ। ଗତ ୮ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦ କରି ସର୍ଭିସ୍ ରୋଡ୍‌ରେ ସମସ୍ତ ଗାଡ଼ି ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ହଜାରହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ପାଇଁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡ଼ି ଅଟକି ରହୁଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି।

## ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନା ବାଟବଣା




ରାମଚନ୍ଦ୍ରପୁର,୧୮।୮(ସମିସ): ସରକାରୀ ଡାକ୍ତରଖାନାରେ ସମସ୍ତ ରୋଗୀଙ୍କୁ ନିରାମୟ ଯୋଜନାରେ ମାଗଣାରେ ଔଷଧ ଯୋଗାଇ ଦେବାକୁ ବ୍ୟବସ୍ଥା ଅଛି। କେନ୍ଦୁଝର ଜିଲ୍ଲା ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଡାକ୍ତରମାନଙ୍କ ଅନିଚ୍ଛା କାରଣ ଯୋଗୁଁ ରୋଗୀମାନେ ମାଗଣାରେ ସରକାରୀ ଔଷଧ ପାଇବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହେଉଛି। ଯାହାଫଳରେ ରୋଗୀମାନଙ୍କୁ ବିଭିନ୍ନ ସମୟରେ ବାହାର ଔଷଧ ଦୋକାନ ଉପରେ ନିର୍ଭର କରିବାକୁ ପଡୁଛି। ଏଠାରେ କାର୍ଯ୍ୟରତ ଡାକ୍ତରମାନେ ବହିର୍ବିଭାଗ ଚିଠା ବ୍ୟତୀତ ଛୋଟ କାଗଜରେ ବାହାର ଔଷଧ ଲେଖୁଛନ୍ତି। ଅନେକ ଔଷଧ କମ୍ପାନୀର ପ୍ରତିନିଧି ଡାକ୍ତରଖାନା ପରିସରରେ ପଶି ଡାକ୍ତରଙ୍କୁ ହାତବାରିସି କରୁଥିବା ଅଭିଯୋଗ ହେଉଛି। ଗରିବ ଓ ଅନଗ୍ରସର ପରିବାରର ଲୋକେ କୌଣସି ରୋଗରେ ପଡିଲେ ସେମାନଙ୍କ ପାଖରେ ଔଷଧ କିଣିବା ପାଇଁ ସେତିକି ସମ୍ବଳ ନଥିବାରୁ ବାଧହୋଇ ଧାରକରଜ କରି ବାହରୁ ଔଷଧ କିଣି ଚିକିତ୍ସିତ ହେଉଛନ୍ତି। ନିରାମୟ ଯୋଜନା ଏକପ୍ରକାର ପ୍ରହସନରେ ପରିଣତ ହୋଇଛି। ସେଥିପ୍ରତି ଦୃଷ୍ଟି ଦେବା ପାଇଁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ କୌଣସି ସୁଫଳ ମିଳି ନଥିବା ଦେଖାଦେଇଛି। ରୋଗୀ ନିରାମୟ ଯୋଜନାରେ ମିଳୁଥିବା ଔଷଧକୁ ଆଗ୍ରହ ପ୍ରକାଶ କରୁ ନଥିବାରୁ ବାଧ୍ୟ ହୋଇ ବାହାର ଔଷଧ ଲେଖୁଛୁ ବୋଲି ଜଣେ ଡାକ୍ତର କହିଛନ୍ତି।

## ଅମଲା ସଂଘ ଆନ୍ଦୋଳନ ଅଷ୍ଟମ ଦିନରେ ଜାରି



ଆନନ୍ଦପୁର, ୧୮।୮ (ସମିସ): ଓଡିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି ଅନୁସାରେ ଆନନ୍ଦପୁରରେ ରାଜସ୍ୱ ଅମଲା ପକ୍ଷରୁ ହୋଇଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ପୂର୍ବତନ ମନ୍ତ୍ରୀ ତଥା ଆନନ୍ଦପୁରର ପୂର୍ବ ବିଧାୟକ ଜୟଦେବ ଜେନା ଧାରଣାସ୍ଥଳରେ ଉପସ୍ଥିତ ହୋଇ ଅମଲାଙ୍କୁ ସମବେଦନା ଜଣାଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରାଙ୍ଗ ଜେନା ଓ ପ୍ରସନ୍ନ ରାମ ଶ୍ରୀ ଜେନାଙ୍କୁ ନିଜର ୧୦ ଦଫା ଦାବି ପୂରଣ ହେବା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିବେଦନ କରିଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା-୨୦୧୭ ନିୟମ ଅନୁଯାୟୀ, ଲେବେଲ- ୯ କୁ ବୃଦ୍ଧି କରାଯିବା ସହ ନୂତନ ପଦ ସୃଷ୍ଟି ଓ ପଦ ପୁନର୍ଗଠନ କରାଯାଉ ବୋଲି ଦାବି ରହିଛି। ଆନନ୍ଦପୁର ଘସିପୁରା ହାଟଡିହି ବ୍ଲକ ତହସିଲ ଶିଶୁବିକାଶ ବିଭାଗ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାମିଲ ହୋଇଥିବାରୁ ସରକାରୀ କାର୍ଯ୍ୟରେ ଘୋର ବାଧା ସୃଷ୍ଟି ହୋଇଛି। ସାଧାରଣ ଲୋକେ ବିଭିନ୍ନ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନରେ ପଦ୍ମାଳୟା ସ୍ୱାଇଁ, ସୁବ୍ରତ ପଟ୍ଟନାୟକ, କ୍ଷୀରୋଦ ରାଉତ, ଶୁଭେନ୍ଦୁ ସାହୁ, ରମେଶ ସାହୁ, ଶୁଭସ୍ମିତା ଜେନା, ଅଶୋକ ଷେଣ୍ଡେ, ଅଞ୍ଜଳି ସାହୁ, ମାନସ ଦାସ, ଅମିୟ ସାହୁ, ଭାଗ୍ୟଶ୍ରୀ ସେଠୀ, ଜଳି ଜେନା ପ୍ରମୁଖଙ୍କ ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅମଲା ସାମିଲ ହୋଇଛନ୍ତି।

ଖାତାଦେଖା ପାଉଣା ଦାବି

## ପ୍ରଶାସନର ଦ୍ୱାରସ୍ଥ ଅବସରପ୍ରାପ୍ତ ପ୍ରାଧ୍ୟାପକ

ଚମ୍ପୁଆ,୧୮।୮(ସମିସ): ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଚଳିତବର୍ଷ ଜୁଲାଇ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଯୁଜି ୩ୟ ସେମିଷ୍ଟାର ପରୀକ୍ଷା ଖାତା ମୂଲ୍ୟାୟନ କରିଥିବା ପ୍ରାଧ୍ୟାପକ ୧୮ ଦିନ ପରେ ବି ଖାତା ଦେଖା ଅର୍ଥ ନପାଇବାରୁ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଉକ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସ୍ୱାଧୀନ କୁମାର ସିଂହ ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷାଖାତା ମୂଲ୍ୟାୟନ ପାଇଁ ଅନୁମତି ପାଇବା ପରେ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଖାତା ମୂଲ୍ୟାୟନ କରିଥିଲେ। ଏନେଇ ସେ ବିଲ୍ ମଧ୍ୟ ଦାଖଲ କରିଥିଲେ। ମାତ୍ର ଜୋନ ସୁପରଭାଇଜର ତଥା ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କର ବର୍ତ୍ତମାନ ସୁଦ୍ଧା ଏହି ଖାତା ମୂଲ୍ୟାୟନ ଅର୍ଥ ତାଙ୍କୁ ପ୍ରଦାନ କରି ନଥିବା ସେ ଅଭିଯୋଗ କରିଛନ୍ତି। ଏ ସମସ୍ୟା ବାବଦରେ ଅବଗତ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେନେଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ଘଟଣାର ତଦନ୍ତ କରାଯିବ ବୋଲି ଉପଜିଲ୍ଲାପାଳ ଉମାକାନ୍ତ ପରିଡା ସୂଚନା ଦେଇଛନ୍ତି।

## ସିପିଆଇର କେନ୍ଦୁଝର ଜିଲ୍ଲା ସମ୍ମିଳନୀ




ଚମ୍ପୁଆ,୧୮।୮(ସମିସ): ଧରଣୀଧର ନଗର ଭବନଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ୧୯ତମ କେନ୍ଦୁଝର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ଜିଲ୍ଲା ସମ୍ପାଦକ ବିଦ୍ୟାଧର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ହାଇକୋର୍ଟର ବରିଷ୍ଠ ଓକିଲ ପ୍ରଶାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମଣୀ ରଂଜନ ରାଉତରାଏ, ବିଭିନ୍ନ ଜୋନ ପ୍ରମୁଖ ଅର୍ଜୁନ ମହାନ୍ତ, ମାଲ୍ୟ ଗିରି, ବାଗିରା ଚାତାର, ଦାଶମା ମୁଣ୍ଡା, କ୍ଷୀରୋଦ ମୁଣ୍ଡା ଓ ପ୍ରଦୀପ ମୁଣ୍ଡା ଯୋଗ ଦେଇଥିଲେ। ସ୍ଥାନୀୟ ନେହରୁ ଷ୍ଟାଡିୟମଠାରୁ ପ୍ରାୟ ୮ ଶହ ସିପିଆଇ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶୋଷଣ, ଅତ୍ୟାଚାର କବଳରୁ ମୁକ୍ତି ତଥା ସମାଜବାଦୀ ସମାଜ ଗଠନ ପାଇଁ ଉଦ୍ଦେଶ୍ୟରେ ସହର ପରିକ୍ରମା କରିବା ପରେ ଧରଣୀଧର ନଗର ଭବନଠାରେ ଅନୁଷ୍ଠିତ ସଭା କାର୍ଯ୍ୟରେ ଯୋଗ ଦେଇଥିଲେ। ନିଷ୍ପାପର ସଂଘର୍ଷର ତ୍ୟାଗ ଓ ଆତ୍ମ ବଳିଦାନର ୧୦୦ ବର୍ଷ ପୂର୍ତ୍ତିକୁ ନେଇ ଅତିଥିମାନେ ଅଭିଭାଷଣ ପ୍ରଦାନ କରିବା ସହିତ ଯୁବ ଶିକ୍ଷକଙ୍କୁ ନିଯୁକ୍ତି ନଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା, ନିୟନ୍ତ୍ରଣ ବାହାରେ ଦରଦାମ, ବଢୁ ନଥିବା ସର୍ବନିମ୍ନ ମଜୁରୀ, ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବ, କୃଷକର କୃଷି ଉତ୍ପାଦ କ୍ଷେତ୍ରରେ ଉପଯୁକ୍ତ ମୂଲ୍ୟ ମିଳୁ ନଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ପଦକ୍ଷେପ ନେଉ ନଥିବା ଅଭିଯୋଗ କରିଥିଲେ। ଏପରିକି ନିଯୁକ୍ତି ବ୍ୟବସ୍ଥା ସ୍ଥାଣୁ ପାଲଟିଥିବା, ଦୀର୍ଘଦିନ ଧରି ରହୁଥିବା ଲୋକଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ ଦାବି ଉପରେ ଅଭିଭାଷଣ ରଖିଥିଲେ।

## ରସାୟନ ବିଭାଗରେ ଦ୍ୱିଦିବସୀୟ ଆଲୋଚନାଚକ୍ର



କେନ୍ଦୁଝର, ୧୮।୮(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୂଲ୍ୟରେ 'ଶକ୍ତି ଓ ପରିବେଶ' ବିଷୟବସ୍ତୁକୁ ଆଧାରକରି ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଆଇଏମଏମଟି ନିର୍ଦ୍ଦେଶକ ଡ଼କ୍ଟର ରାମାନୁଜ ନାରାୟଣ। ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ଭିଏସଏସୟୁଟି ବୁର୍ଲାର ପ୍ରଫେସର ଶରତ ସ୍ୱାଇଁ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷ ଅଧ୍ୟକ୍ଷ ଡ଼କ୍ଟର ପ୍ରଭୁପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ଡ଼କ୍ଟର ଶ୍ରୀଧର ସନ୍ୟାସୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଡ଼କ୍ଟର ଯୋଶବନ୍ତ ନାରାୟଣ ସିଂ ବାବୁ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ଡି ଗ୍ରହାଚାର୍ଯ୍ୟ। ଧନ୍ୟବାଦ ଅର୍ପଣ କରିଥିଲେ ଡ଼କ୍ଟର ଅନୁପମା ଦାସ। ହାଇବ୍ରିଡ ମୋଡରେ ଏହି ଆଲୋଚନା ହୋଇଥିଲା। ତିନୋଟି ଅଧିବେଶନରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ପରିଚାଳନା କରିଥିଲେ ଡ଼କ୍ଟର ପ୍ରକାଶ ପଲ୍, ରୋନିତା ନାୟକ ତଥା ବିଭାଗୀୟ କର୍ମଚାରୀ।



ଆନନ୍ଦପୁର: ବୈତରଣୀରେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଝାଡ଼େଶ୍ୱର ଘାଟରୁ ଅଗ୍ନିଶମ ବିଭାଗ ପକ୍ଷରୁ ଆଗ୍ନିକଙ୍କ ପ୍ରସ୍ତୁତି-ପ୍ରଶିକ୍ଷଣ କାର୍ଯ୍ୟକ୍ରମ


କୃଷ୍ଣପୁର ଡାଇରିଆ ଘଟଣା

## ଗାଁରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା



ରାମଚନ୍ଦ୍ରପୁର,୧୮।୮(ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ କୃଷ୍ଣପୁର ଗାଁରେ ଗତ ଦୁଇ ଦିନ ଧରି ଡ଼ାଇରିଆ ବ୍ୟାପିବା ପରେ ୩୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇ ସାଇଁକୁଳ ଏବଂ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହାପରେ ଗାଁରେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ ପାନୀୟଜଳ ପରୀକ୍ଷଣ ନିମନ୍ତେ ନମୁନା ସଂଗ୍ରହ କରିବା ସହିତ ପାନୀୟଜଳ ଉତ୍ସଗୁଡିକୁ ସଫା କରିଛି। ଗାଁଲୋକେ ପାଣି ଫୁଟାଇ ପିଇବା ସହ ଆବଶ୍ୟକସ୍ଥଳେ ହେଲୋଜେନ୍ ବଟିକା ପକାଇ ପାଣି ପିଇବାକୁ ଡାକ୍ତରି ଟିମ୍ ପରାମର୍ଶ ଦେବା ସହ ଖୋଲା ସ୍ଥାନରେ ମଳତ୍ୟାଗ ନକରିବାକୁ ବାରଣ କରାଯାଇଛି। ଡ୍ରେନକୁ ସଫାସୁତୁରା କରାଯାଇ ବ୍ଲିଚିଙ୍ଗ ପକାଇବାକୁ ସ୍ୱେଚ୍ଛାସେବୀ ଏବଂ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଘଟଣା ସମ୍ପର୍କରେ ବିଜେଡି ନେତା ଦେବାଶିଷ ପାତ୍ର ଏବଂ ବିଜେପି ନେତା ଡ. ଶମ୍ଭୁନାଥ ରାଉତ, ସାଇଁକୁଳ ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ରାଜେନ୍ଦ୍ର ମୁର୍ମୁ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ରାପିଡ୍ ଟିମ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିଥିଲେ। ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବାକୁ ଗାଁରେ ଆଜିଠାରୁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ଡାକ୍ତରୀ ଟିମ୍ ସୁପାରିସ୍ କରିଥିଲେ। ଆଶା, ଅଙ୍ଗନୱାଡି କର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ଓଆରଏସ, ହେଲୋଜିନ୍ ବଟିକା ବାଣ୍ଟିବା ସହ ଖାଇବା ପୂର୍ବରୁ ଭଲଭାବେ ହାତ ଧୋଇବାକୁ ପରାମର୍ଶ ଦେଉଛନ୍ତି।

## ଡିଏମ୍‌ଏଫ୍ କନିଷ୍ଠ ଯନ୍ତ୍ରୀ ସମ୍ବର୍ଦ୍ଧିତ



ହାଟଡ଼ିହୀ,୧୮।୮(ସମିସ): ହାଟଡ଼ିହୀ ବ୍ଲକରେ କାର୍ଯ୍ୟରତ କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ କନିଷ୍ଠ ପ୍ରକଳ୍ପ ଯନ୍ତ୍ରୀ ଶାଶ୍ୱତ ରଞ୍ଜନ ଦାସଙ୍କୁ ହାଟଡ଼ିହୀ ପଞ୍ଚାୟତସମିତି ଅଧୀନସ୍ଥ ବଞ୍ଜୋ ଗ୍ରାମପଞ୍ଚାୟତ ପକ୍ଷରୁ ଭାରତର ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସାଂସଦଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର ଏବଂ ସ୍ଥାନୀୟ ବହୁ ନିର୍ବାଚିତ ଜନପ୍ରତିନିଧିଙ୍କ ମଧ୍ୟରେ ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଇଂ ଦାସ ନିଜର ଖୁସି ବ୍ୟକ୍ତ କରିବା ସହ ଏହି ସମ୍ମାନ ତାଙ୍କୁ ଅଧିକରୁ ଅଧିକ କର୍ତ୍ତବ୍ୟନିଷ୍ଠ ହୋଇ ଜନସାଧାରଣଙ୍କ ସେବାରେ ନିୟୋଜିତ ହେବାକୁ ପ୍ରେରଣା ଦେବ ବୋଲି ପ୍ରତିକ୍ରିୟାରେ କହିଥିଲେ।

## ଭଣ୍ଡାରିଡିହା ଭଗବତୀ ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବେଲବାହାଲି,୧୮।୮(ସମିସ): ଘସିପୁରା ବ୍ଲକ ଭଣ୍ଡାରିଡିହା ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁଙ୍କ ସଭାପତିତ୍ୱରେ ପ୍ରଧାନଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ପବିତ୍ର ମୋହନ ରାଉତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କୁ ଅଗଷ୍ଟ ୧୫ରେ ଉପଖଣ୍ଡ ସ୍ତରରେ ଉପଜିଲ୍ଲାପାଳଙ୍କ ଦ୍ୱାରା ଶ୍ରେଷ୍ଠ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷକ ସନାତନ ଦାସ, ସୌମ୍ୟରଞ୍ଜନ ନାୟକ, ଜୟରାମ ରାଉଳ, ମାନସ ଦାସ, ସତ୍ୟାନନ୍ଦ ବେହେରା, ଟିଟୁ ପାତ୍ର, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବିଶ୍ୱାଳ, ବିମଳାରାଣୀ ମହୁରୀ, ଅନିଲ ମହାରଣା, ପ୍ରଦ୍ୟୁମ୍ନ ଦାଶ, ମାନସ ପରିଡ଼ା ସହଯୋଗ କରିଥିଲେ।

**ପ୍ରକଳ୍ପ ଅନୁଦାନ ପାଣ୍ଠି ବିନିଯୋଗର ପାତରଅନ୍ତରର ପ୍ରତିବାଦ**

# ବ୍ଲକ୍ ଫାଟକରେ ତାଲା ପକାଇଲେ ଜନପ୍ରତିନିଧି

ରାଇରଙ୍ଗପୁର,୧୮।୮ (ସମିସ):



ମୟୂରଭଞ୍ଜ ଜିଲ୍ଲା ଜାମଦା ବିଡ଼ିଓ ଦେବାଶିଷ ପଣ୍ଡା ସରକାରଙ୍କ ଗାଇଡ ଲାଇନକୁ ଉଲ୍ଲଙ୍ଘନ କରି ଜନପ୍ରତିନିଧିଙ୍କୁ ଅଣଦେଖା କରିବା ପ୍ରତିବାଦରେ ସୋମବାର ବ୍ଲକ ଅଧକ୍ଷ ଡୁମକା ହେମ୍ବ୍ରମଙ୍କ ନେତୃତ୍ୱରେ ବ୍ଲକ ଫାଟକରେ ତାଲା ପକାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜାମଦା ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଆସିଛି। ସରକାରଙ୍କ ଗାଇଡ ଲାଇନ ଅନୁସାରେ ଜନପ୍ରତିନିଧିଙ୍କ ଭାଗ ଷାଠିଏ ଏବଂ ବିଧାୟକଙ୍କ ଭାଗ ଚାଳିଶ; କିନ୍ତୁ ବିଡ଼ିଓ ସରକାରଙ୍କ ଚାପରେ ପଡି ବିଧାୟକ ଭାଗ ଷାଠିଏ ଏବଂ ପ୍ରତିନିଧିଙ୍କ ଭାଗ ଚାଳିଶ କରୁଥିବାର ବଣ୍ଟନ ନେଇ ୪ ମାସ ହେଲା ଅଙ୍କ ଛିଡୁନି। ଏ ନେଇ ଜନ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦାନାବାନ୍ଧିଛି। ଅପରପକ୍ଷରେ ପଞ୍ଚାୟତ ସମିତି ବିଜେଡି ହାତରେ ଥିବାବେଳେ ବିଧାୟକ ଶାସକ ଦଳର। ତେଣୁ ଛକାପଞ୍ଝା ରାଜନୀତିରେ ବିଡ଼ିଓ ପେଶି ହେଉଛନ୍ତି। ଧାରଣାରେ ବସିଥିବା ଜନପ୍ରତିନିଧି ବିଡ଼ିଓ ବିକଶିତ ଗ୍ରାମ ଓ ବିକଶିତ ଓଡ଼ିଶାର କାମ ବଣ୍ଟନରେ ପାତର ଅନ୍ତର କରୁଛନ୍ତି। ବିଡ଼ିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ନିୟମିତ ଅଫିସ ଆସୁ ନାହାନ୍ତି। ସମିତି ବୈଠକକୁ ବିଡ଼ିଓ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନ କରି ତାଙ୍କ ଅଫିସ କାର୍ଯ୍ୟାଳୟରେ କରୁଛନ୍ତି। କାର୍ଯ୍ୟାଦେଶ ଗୁଡିକ ମାସ ମାସ ଧରି ଫାଇଲ ଖୋଲା ଯାଉନାହିଁ। ବିଡ଼ିଓ ଅଧକ୍ଷଙ୍କ ସମେତ ସମସ୍ତ ଜନପ୍ରତିନିଧିଙ୍କୁ ଅଣଦେଖା କରୁଛନ୍ତି। ଏହାକୁ ନେଇ ବ୍ଲକ ଅଧକ୍ଷ ଓ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ତଦନ୍ତ କରାଯାଇ ଠିକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଘଟଣାସ୍ଥଳରେ ଚାପା ଉତ୍ତେଜନା ରହିଥିଲା। ଧାରଣାକାରୀଙ୍କ ସହିତ ବିଡ଼ିଓ ଦେବାଶିଷ ପଣ୍ଡା ଏବଂ ଜାମଦା ଥାନା ଅଧିକାରୀଣୀ ଆଲୋଚନା କରିବା ସତ୍ତ୍ୱେ କୌଣସି ସାମଧାନ ହୋଇପାରିନାହିଁ। ବ୍ଲକରେ ବିଧାୟକଙ୍କ ଅଯଥା ହସ୍ତକ୍ଷେପକୁ ବରଦାସ୍ତ କରାଯିବନାହିଁ ବୋଲି ଧାରଣାରେ ବସିଥିବା ଜନପ୍ରତିନିଧି ପ୍ରକାଶ କରିଛନ୍ତି। ଆସନ୍ତାକାଲି ମଧ୍ୟ ଧାରଣା ଜାରି ରହିବ ବୋଲି ଜନପ୍ରତିନିଧିମାନେ କହିଛନ୍ତି।

## ଧାନକ୍ଷେତ ନଷ୍ଟ କଲେ ହାତୀପଲ



ମହୁଲଡିହା,୧୮।୮ (ସମିସ): କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନାଞ୍ଚଳ ସାତକୋଶିଆ ଗ୍ରାମର ନାକଝରୀଠାରେ ୫୩ ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଚାଷଜମିରେ ହାତୀପଲର ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୭ ତାରିଖ ରାତିରେ ଏକ ୧୦ ଟିକିଆ ହାତୀପଲ ଧାତିକିଡିହା ପଟୁ ଆସି ନାକଝରୀ ନାଳ ପାଖ ଚାଷଜମିରେ ପଶି ଧାନ ଫସଲ ଖାଇବା ସହିତ ଦଳି ମକଚି ନଷ୍ଟ କରିଦେଇଛନ୍ତି। ସାତକୋଶିଆ ଗ୍ରାମର ନିଧିଆ ନାୟକ, ସାରଙ୍ଗ ନାୟକ, କୈବଲ୍ୟ ନାୟକ, କୀର୍ତ୍ତନ ନାୟକ ଓ ମଙ୍ଗୁଲୁ ନାୟକଙ୍କ ଏକର ଏକର ଜମିରେ ଧାନ ଖାଇବା ସହିତଦଳି ଚକଟି ଦେଇଛନ୍ତି। ଆଜି ସକାଳେ ଖବରପାଇ ସାତକୋଶିଆ ବନପାଳ ବିଜୟ କୁମାର ମହାନ୍ତ ନାକଝରୀ ଯାଇ କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି।

## ଜନଶୁଣାଣି ଶିବିରରେ ୮୯ ଅଭିଯୋଗ ଆଗତ



କରଞ୍ଜିଆ,୧୮।୮ (ସମିସ): କରଞ୍ଜିଆରେ ମାସର ତୃତୀୟ ସୋମବାରରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସପି ବରୁଣ ଗୁଣ୍ଟୁପାଲ୍ଲି ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରେ ମୋଟ ୮୯ଟି ଅଭିଯୋଗ ଆଗତ ହୋଇଥିଲା। ସେଥିରୁ ୬୮ଟି ବ୍ୟକ୍ତିଗତ ଥିବାବେଳେ ୨୧ଟି ଗୋଷ୍ଠୀଗତ ଥିଲା। ଜିଲ୍ଲାପାଳ ଜଣଙ୍କୁ ରେଡକ୍ରସ ଫଣ୍ଡରୁ ୬ ହଜାର ଟଙ୍କା ଚିକିତ୍ସା ନିମନ୍ତେ ପ୍ରଦାନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏ ଆଇଟିଡିଏ ଚିତ୍ତରଂଜନ ମହାନ୍ତ, ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅନିତା ସିଂ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଆକ୍ରମଣ ମାମଲାରେ ୨ ଗିରଫ

ରାମଚନ୍ଦ୍ରପୁର, ୧୮।୮ (ସମିସ): ଚାଷ ଜମିରେ ଧାନତଳି ରୁଆ ଘଟଣାକୁ ନେଇ ଘସିପୁରା ବ୍ଲକ୍ ଅଳତି ଏବଂ ବେଲସୁନ୍ଦରୀ ଗ୍ରାମର ଦୁଇ ଯୁବଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳକୁ ନେଇ ରୁଜୁ ହୋଇଥିବା ମାମଲାରେ ରାମଚନ୍ଦ୍ରପୁର ଥାନା ପୁଲିସ ବେଲସୁନ୍ଦରୀ ଗ୍ରାମର ଅଶ୍ୱିନୀ ମଲ୍ଲିକ(୨୦) ଏବଂ ହରିହର ମଲ୍ଲିକ(୩୫)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଅଳତି ଗ୍ରାମର ଦଳିତ ଯୁବକ ସନ୍ଦିପ ନାୟକ ଏହି ଘଟଣାରେ ଗୁରୁତର ଆହାତ ହୋଇ କଟକ ସ୍ଥାନାନ୍ତର ହୋଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିଲା।

## ଏନ୍ଏସି ଘୋଷଣା ଦାବିରେ ଯଶିପୁର ବନ୍ଦ


କରଞ୍ଜିଆ, ୧୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ପଞ୍ଚାୟତ ଓ ଜାମଦାସାହି ପଞ୍ଚାୟତକୁ ନେଇ ଏନଏସି ଗଠନ ଅପରିହାର୍ଯ୍ୟ ହୋଇପଡିଛି। ଏ ସମ୍ପର୍କରେ ଜନସାଧାରଣ ପ୍ରଶାସନକୁ ଅବଗତ କରିବା ସହ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଯଶିପୁର ବିଧାୟକ ତଥା ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ମଧ୍ୟ ଲିଖିତଭାବେ ନିବେଦନ କରିଥିଲେ। ଜାମଦାସାହି ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ନାଏକ ଯଶିପୁରକୁ ଏନ୍ଏସି ମାନ୍ୟତା ଦିଆଯାଉ ବୋଲି ପଞ୍ଚାୟତରେ ଏକ ପ୍ରସ୍ତାବ ପାରିତ କରି ବିଡ଼ିଓଙ୍କୁ ଜଣାଇଥିଲେ; ହେଲେ ଯଶିପୁର ପଞ୍ଚାୟତ ସରପଞ୍ଚ ପ୍ରଦୀପ ମାଟିଆ କେତେକ କୁଚକ୍ରୀ ଗୋଷ୍ଠୀଙ୍କ କଥାରେ ପଡି ନିଜ ସ୍ୱାସ୍ଥ୍ୟ ହାସଲ ପାଇଁ ତାଙ୍କ ଯଶିପୁର ପଞ୍ଚାୟତରେ ପ୍ରସ୍ତାବ ଆଗତ ହୋଇପାରି ନଥିଲା। ଏଥିପାଇଁ ଯଶିପୁର ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହି କାରଣରୁ ନିକଟରେ ସରକାର ଘୋଷଣା କରିଥିବା ଏନ୍ଏସି ତାଲିକାରୁ ଯଶିପୁର ବାଦ ପଡିଛି। ଫଳ ସ୍ୱରୂପ ଯଶିପୁରବାସୀଙ୍କ ମଧ୍ୟରେ ଏ ନେଇ ଆନ୍ଦୋଳନର ରୂପ ନେଇଥିଲା। ଫଳରେ ସୋମବାର ୧୨ ଘଣ୍ଟିଆ ଯଶିପୁର ବନ୍ଦ ପାଇଁ ବୈଠକ ଡାକାଯାଇଥିଲା। ବୈଠକରେ ସରପଞ୍ଚ ଏବଂ ୱାର୍ଡସଭ୍ୟମାନେ ଯଶିପୁରକୁ ଏନ୍ଏସିରେ ଅନ୍ତର୍ଭୁକ୍ତ କରିବା ପାଇଁ ସର୍ବସମ୍ମତିକ୍ରମେ ସିଦ୍ଧାନ୍ତ ଗ୍ରହଣ କଲେ।




ଯଶିପୁର ବିକାଶ ମଞ୍ଚ ଡ଼ାକରା ଦେଇଥିଲା। ଯଶିପୁର ତହସିଲଦାର ତଥା ଭାରପ୍ରାପ୍ତ ବିଡ଼ିଓ ମୋହିନୀ କୁମାର ନାଏକ, ଯଶିପୁର ଥାନା ଆଇଆଇସି ସଞ୍ଜୁକ୍ତା ମାହାଲିକ ସ୍ଥାନୀୟ ଜନସାଧାରଣ ଓ ଯଶିପୁର ସରପଞ୍ଚଙ୍କୁ ଡକାଇ ପରିସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ପରେ ତତ୍କାଳୀନ ଯଶିପୁର ପଞ୍ଚାୟତ ଅଫିସ୍‌ରେ ଏନ୍ଏସି ପ୍ରସ୍ତାବ ସମ୍ପର୍କିତ ଏକ ସ୍ୱତନ୍ତ୍ର ପରେ ଏକ ଦସ୍ତଖତ ସମ୍ବଳିତ ପତ୍ରକୁ ଯଶିପୁର ପଞ୍ଚାୟତ ପିଇଓଙ୍କ ମାଧ୍ୟମରେ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ସୋମବାର ସକାଳେ ବନ୍ଦ ହେବା ମାତ୍ରେ ଖବର ପାଇ ବିଡ଼ିଓ ମୋହିନୀ କୁମାର ନାଏକ, କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାଏକ, ଥାନା ଆଇଆଇସି ସଞ୍ଜୁକ୍ତା ମାହାଲିକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପରେ ପାଳନରୁ ଲୋକେ ଓହରି ଯାଇଥିଲେ।

## ଚମ୍ପୁଆ ରେଞ୍ଜକୁ ଲେଉଟିଲେ ହାତୀପଲ

ତୁରୁମୁଙ୍ଗା, ୧୮।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜକୁ ସୋମବାର ସକାଳୁ ଧସେଇ ପଶିଲେ ୩୦ ଟିକିଆ ହାତୀପଲ।



ହାତୀପଲ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ରେଞ୍ଜରୁ ଆସି ପଦ୍ମପୁର ନିକଟରେ ବୈତରଣୀ ନଦୀ ପାରି ହୋଇ ଚମ୍ପୁଆ ରେଞ୍ଜକୁ ଧସେଇ ପଶିଛନ୍ତି। ଆସିବା ବାଟରେ ହାତୀପଲ ଏକର ଏକର ଧାନ ଚାଷକୁ ପାଦରେ ମାଡି ଦଳି ନଷ୍ଟ କରିଛନ୍ତି। ଏବେ ଝାଲିଆବେଡା ଜଙ୍ଗଲରେ ହାତୀପଲ ଡେରା ପକାଇଛନ୍ତି। ଗାଁ ନିକଟରେ ହାତୀପଲ ରହିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି।

## ମହିଷକୁଦର ବିଦ୍ୟାଳୟରେ ଚାରାରୋପଣ



ବାରିପଦା,୧୮।୮ (ସମିସ): ଜାମଦା ବ୍ଲକ ମହିଷକୁଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁଏସ୍ଆଇ ସଂଗଠନ ପକ୍ଷରୁ ଚାରାରୋପଣ କରାଯାଇଛି। ଦୀର୍ଘ ବର୍ଷ ଧରି ରାଜ୍ୟରେ ବିଭିନ୍ନ ସ୍ଥାନରେ ସଂଗଠନ ବିଭିନ୍ନ ସାମାଜିକ କାର୍ଯ୍ୟ ସହ ବୃକ୍ଷରୋପଣ କାର୍ଯ୍ୟ କରିଆସୁଛି। ସାରା ରାଜ୍ୟରେ ଏ ପର୍ଯ୍ୟନ୍ତ ୫୭ ପ୍ରକାରର ବୃକ୍ଷ ସହ ୩୩ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରି ସାରିଛି ସଂଗଠନ। "ଗଛ ବଞ୍ଚିଲେ ଆମେ ବଞ୍ଚିବା', "ଆଗ ଗଛ ଆଉ ସବୁ ପଛ' ଏହି ଦୁଇ ଉକ୍ତିକୁ ଗୁରୁତ୍ୱ ଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରାରୋପଣକୁ ଅଗ୍ରାଧିକାର ଦେଇଛି ସଂଗଠନ। ଏହି କାର୍ଯ୍ୟକ୍ରମରେ ୟୁଏସଆଇ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ରଶ୍ମୀରେଖା ସାହୁ, ବନୋଜ ତ୍ରିପାଠୀ, ପ୍ରତିକ୍ଷା ମିଶ୍ର, ଅତୁଲବାଳା ଦାସ ସହଯୋଗ କରିଥିଲେ।

## ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ

ଶୁଳିଆପଦା,୧୮।୮ (ସମିସ): ଶୁଳିଆପଦା ବ୍ଲକ ଦେଉଳିସ୍ଥିତ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରର ୩୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ଉପ ସଭାପତି ମନୋଜ କୁମାର ବେହେରା ଯୋଗଦେଇ ଗାଁଗହଳିର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ୧୯୯୪ ମସିହା ଜନ୍ମାଷ୍ଟମୀ ତିଥିରେ ଏହି ଅନୁଷ୍ଠାନର ଶୁଭାରମ୍ଭ କରିଥିଲେ। ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆଜି ଏହି ଅନୁଷ୍ଠାନ ବିରାଟ ବଟ ବୃକ୍ଷରେ ପରିଣତ ହୋଇଛି। ଏହି ଅନୁଷ୍ଠାନ ଜିଲ୍ଲାର ଏକ ଅଗ୍ରଣୀ ନାଚ, ଗୀତ ଓ ବାଦ୍ୟଯନ୍ତ୍ର ଶିକ୍ଷାର ଅନୁଷ୍ଠାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି। ଚାନ୍ଦୁଆ ଥାନାର ପୂର୍ବତନ ଥାନା ଅଧିକାରୀ ମଧୁସୂଦନ ଦତ୍ତ, ଶୁଳିଆପଦା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ କିଶୋର କୁମାର ଗିରି, ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ କୁମାର ନାଏକ୍, ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ, ଶୁଳିଆପଦା ଥାନା ଏଏସଆଇ ସନ୍ତୋଷ କୁମାର ନାୟକ, ରବୀନ୍ଦ୍ର ସାହୁ, ମନୋଜ କୁମାର ଦାଁ, ସାମ୍ବାଦିକ ଗୌରାଙ୍ଗ ଚରଣ ଗିରି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସମ୍ବଲପୁରୀ/ଝୁମର, ଆଧୁନିକ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। ଓମ୍ ଶିଶୁ ଶିକ୍ଷା କେନ୍ଦ୍ରର ଅଧକ୍ଷା ଚନ୍ଦ୍ରିକା ପୁଥାଳ ବାର୍ଷିକ ବିବରଣୀ ପାଠ କରିଥିଲେ।

## ମୁଣ୍ଡାରୀ ମାଧ୍ୟମିକ ଶିକ୍ଷାବୋର୍ଡର ପରୀକ୍ଷା ଫଳ ପ୍ରକାଶିତ

ବାରିପଦା, ୧୮।୮ (ସମିସ): ଭାରତ ମୁଣ୍ଡା ସମାଜ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷା ବୋର୍ଡ ଆନୁକୂଲ୍ୟରେ ୨୦୨୪-୨୫ ବର୍ଷ ପାଇଁ ଗତ ଜୁନ ୧ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ମୁଣ୍ଡାରୀ ବାନୀ (ଲିପି) ପରୀକ୍ଷା ଫଳାଫଳ ସୋମବାର ପ୍ରକାଶ ପାଇଛି। ଓଡିଶା, ପଶ୍ଚିମବଙ୍ଗ ଓ ଝାରଖଣ୍ଡ ରାଜ୍ୟର ୧୦୫୦ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡର ଚେୟାରମ୍ୟାନ ରବୀନ୍ଦ୍ରନାଥ ସିଂ, ପରୀକ୍ଷା ନିୟନ୍ତ୍ରକ ଗୋବର୍ଦ୍ଧନ ସିଂ, ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ସଂଘର ଓଡ଼ିଶା ରାଜ୍ୟ ଉପଦେଷ୍ଟା ମନୋଜ ମୁଣ୍ଡା, ଉପସଭାପତି ସୁନାରାମ ସିଂ, ଅଫିସ ସମ୍ପାଦକ ବାଇଧର ସିଂ, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂ, ସମ୍ପାଦକ ଜୟରାମ ସି, ଯୁବ କମିଟି ସଭାପତି ସବରନ ସି', ସଭ୍ୟ ରଘୁନାଥ ସି, ଲଦୋର ସି'ଙ୍କ ଉପସ୍ଥିତିରେ ଫଳାଫଳ ଘୋଷଣା କରାଯାଇଥିଲା।



## ଗୋଷ୍ଠୀ ସଙ୍ଘର୍ଷ ମାମଲାରେ ୯ ଗିରଫ

ତୁରୁମୁଙ୍ଗା, ୧୮।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କଣ୍ଟିଆପଡା ଗ୍ରାମରେ ଗତ ୧୫ ତାରିଖ ସନ୍ଧ୍ୟାରେ ଦୁଇ ସାହି ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଉଭୟ ପକ୍ଷରୁ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତୁରୁମୁଙ୍ଗା ପୁଲିସ। ପୁର୍ବ ଶତ୍ରୁତା ସହ ଖେଳ ପଡ଼ିଆରେ ଖେଳ ଓ ଅପେରା ପକାଇବାକୁ ନେଇ ଗ୍ରାମର ନାଏକସାହି ଏବଂ ବେହେରାସାହି ମଧ୍ୟରେ ଠେଙ୍ଗା, କାଠଫାଳିଆରେ ମରାମରି ହୋଇଥିଲା। ଉଭୟ ପକ୍ଷରୁ ୭ ଜଣ ଗୁରୁତର ହୋଇଥିଲେ। ତୁରୁମୁଙ୍ଗା ଥାନାରେ ୨ଟି ପୃଥକ ମାମଲା ଅନ୍ତର୍ଗତ ପୁଲିସ କଣ୍ଟିଆପଡା ଗ୍ରାମର ଚନ୍ଦ୍ରମୋହନ ବେହେରା, ଶରତ ବେହେରା, କୁନା ବେହେରା, ରଞ୍ଜନ ବେହେରା, ଅର୍ଜୁନ ବେହେରା, ଈଶ୍ୱରଚନ୍ଦ୍ର ନାଏକ, ଯଶୋବନ୍ତ ନାଏକ, କ୍ଷୀରୋଦ ମହାକୁଡ଼, ସୁଶାନ୍ତ ମହାକୁଡ଼କୁ ଗିରଫ କରିଛି। ଆଗକୁ ଗିରଫ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ତୁରୁମୁଙ୍ଗା ଥାନା ଓପିଏସ୍ ସୌରଭ ପ୍ରଧାନ କହିଛନ୍ତି।

## ବନାଞ୍ଚଳସ୍ତରୀୟ ବନ ସୁରକ୍ଷା ସମିତି ବୈଠକ




ତେଲକୋଇ, ୧୮।୮ (ସମିସ): କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ତେଲକୋଇ ବନାଞ୍ଚଳରେ ମାସିକିଆ ବନ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ ଯୋଗ ଦେଇଥିଲେ। ଜଗମୋହନପୁର ସରପଞ୍ଚ ଗୋବିନ୍ଦ ପଧାନ, ତେଲକୋଇ ସରପଞ୍ଚ ରଶ୍ମିତା ନାୟକ, ବିଜେପି ନେତା ସତ୍ୟନାରାୟଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏହି ବୈଠକରେ ୪୨ଟି ବନ ସୁରକ୍ଷା ସମିତିରୁ ସଭାପତି, ସମ୍ପାଦକମାନେ ଅଂଶଗ୍ରହଣ କରିଥିଲେ। ବନପାଳ ମଳୟ ଜେନା, ପୁଷ୍ପଲତା ମହାନ୍ତ, ପ୍ରମୋଦ ବେହେରା, ମଧୁସ୍ମିତା ଡୋରା, ବନରକ୍ଷୀ ପ୍ରଭାତୀ ଦାସ, ଅଜିତ ଦାସ, ପୁତୁଲୁ ନାୟକ, ଯୋଗେଶ୍ୱର ମାଝୀ ଓ ଦୀପକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବନ ସଂଯୋଜକ ସୌମ୍ୟରଞ୍ଜନ ଜେନା ପରିଚାଳନା କରିଥିବା ବେଳେ ଆମ ଜଙ୍ଗଲର ଡିଓ ଘନଶ୍ୟାମ ମହାନ୍ତ, ରମଣ ପରେବ, ରାହାସ ମହାନ୍ତ ସମେତ ସମସ୍ତ ବନ କର୍ମଚାରୀ ସହଯୋଗ କରିଥିଲେ।

## ଜଣ୍ଡିସ ଆକ୍ରାନ୍ତରେ ନାବାଳିକା ମୃତ

ରାଇରଙ୍ଗପୁର,୧୮।୮ (ସମିସ): ଜାମଦା ବ୍ଲକ ଦିଘିଆବେଡା ଗ୍ରାମର ଜଣେ ନାବାଳିକା ଜଣ୍ଡିସରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ସେ ହେଉଛନ୍ତି ଗଙ୍ଗାମଣି ବିରୁଆ (୯)। ତାଙ୍କୁ ପରିବାର ଲୋକେ ଆଜି ସୋମବାର ରାଇଙ୍ଗପୁର ହସପିଟାଲକୁ ଆଣିଥିଲେ; ହେଲେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

## ଜାରକା ନାଳ ଷଡ଼ଙ୍ଗୀ ଏକାଦଶ ଚାମ୍ପିଅନ

ସାତକୋଶିଆରେ ୨୬ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଠାକୁରମୁଣ୍ଡା,୧୮।୮ (ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ୨୬ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ଟିମ୍ ଅଂଶଗ୍ରହଣ କରିଥିଲାବେଳେ ଫାଇନାଲ ମ୍ୟାଚ ଜାରକା ନାଳ ଷଡ଼ଙ୍ଗୀ ଓ ଧବଣୀ ଏକାଦଶ ମଧ୍ୟରେ ଖେଳ ହୋଇଥିଲା। ଜାରକାନାଳ ଷଡ଼ଙ୍ଗୀ ଫୁଟବଲ ଟିମ୍ ୧-୦ ଗୋଲରେ ବିଜୟ ହୋଇ ଚମ୍ପିଆନ ହୋଇଛି। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଖେଳ ୧୫ ତାରିଖରେ ଉଦ୍‌ଯାପିତ ହୋଇଥିଲା। ଉଦଯାପନୀ ଉତ୍ସବରେ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରଣାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ବିଜୟ ଟିମ୍‌କୁ କପ୍ ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ବସନ୍ତ କୁମାର ପୈବର୍ତ୍ତି, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା କଲେଜ ଖେଳ ଶିକ୍ଷକ କାନ୍ଦୁରୁ ପାତ୍ର, ସାତକୋଶିଆ ବନାଞ୍ଚଳ ଅଧିକାରୀ ରବିନ୍ଦ୍ର ମହାନ୍ତ, ପୂର୍ବତନ ସମିତି ସଭ୍ୟ ରଞ୍ଜନ କୁମାର ମହାନ୍ତ, ଏଏସ୍ଆଇ ସଞ୍ଜୟ କୁମାର ନାଏକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପୁରୁଷ ବିଭାଗ ଫାଇନାଲ ମ୍ୟାଚରେ ଜାରକା ନାଳ ଏକାଦଶ (କେନ୍ଦୁଝର) ଗୋଲରେ ଧବଣୀ ଏକାଦଶକୁ ଓ ମହିଳା ଗ୍ରୁପରେ କଳିଙ୍ଗ ନଗର ଏକାଦଶ (ଯାଜପୁର) ୧-୦ ଗୋଲରେ ସାତକୋଶିଆ ଏକାଦଶ ମଧ୍ୟରେ ମ୍ୟାଚ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ସଂଯୋଜକ ପ୍ରକାଶ ଚନ୍ଦ୍ର ନାୟକ, ଫୁଟବଲ ଆସୋସିଏସନ୍‌ର ସଭାପତି କାଳିଆ ନାୟକ, ସମ୍ପାଦକ ହରି ନାୟକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତାରେ ଧାନତଳି ରୋଇଲେ ଗ୍ରାମବାସୀ

କପ୍ତିପଦା,୧୮।୮ (ସମିସ): ଗାଁ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ କାଦୁଅ। ଯିବା ଆସିବା ଅସମ୍ଭବ। ଯାହାକୁ ନେଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ଏଭଳି ଚିତ୍ର ଆସିଛି କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ଭାଲୁହୁରୁଡ଼ା ଗ୍ରାମରୁ। ଏହି ଗ୍ରାମକୁ ଯିବାକୁ ହେଲେ ବହୁବାର ଚିନ୍ତା କରିବାକୁ ପଡିବ। ଭାଲୁହୁରୁଡ଼ା ଗ୍ରାମ ସହିତ ଠାକୁରାସାହି, ଛଣକଟା, ତତାସାହି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ କାଦୁଅ ଭର୍ତ୍ତି। ଯାହାକୁ ନେଇ ଆଜି ତାତିଛନ୍ତି ଲୋକେ। ଉକ୍ତ ରାସ୍ତାରେ ଧାନ ତଳି ରୋଇ ଛନ୍ତି ଗ୍ରାମବାସୀ। ଗ୍ରାମ ରାସ୍ତା ଖରାପ ଥିବା ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିବା ବେଳେ କେବଳ ମାଟି ଏବଂ ମୋରମ ମୁଠାଏ ପକାଇ ଦେଇ ପ୍ରଶାସନିକ ଅଧିକାରୀ କାମ ସାରି ଦେଇଛନ୍ତି। ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ। ରାସ୍ତାରେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ କି ଗ୍ରାମକୁ ଆସି ପାରୁ ନାହିଁ ଆମ୍ବୁଲାନ୍ସ। ଯେଉଁଥି ପାଇଁ ଏଭଳି ଅଭିନବ ପ୍ରୟାସ କରିଛନ୍ତି ଗ୍ରାମବାସୀ।



# ରକ୍ତଦାନ ଶିବିର



ଆନନ୍ଦପୁର, ୧୮।୮ (ସମିସ): ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରଠାରେ ଯୁବ ସ୍ୱାଭିମାନ ଦିବସ ଅବସରରେ ସାମ୍ବାଦିକ ବିଭୁ ଚକ୍ର ଓ ରାଜକିଶୋର ସାହୁଙ୍କ ସଂଯୋଜନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମନ୍ମଥ ରାଉତ, ପଦ୍ମଲୋଚନ ମହାନ୍ତ, ମଣ୍ଟୁ ପୁହାଣ, ପ୍ରଶାନ୍ତ ନାୟକ, ଜିତେନ୍ଦ୍ର ସାହୁ, ଦୈତାରୀ ମହାକୁଡ଼, ଟିକନ ମାଝୀ, ସନାତନ ମାଝି, ଜିତେନ୍ଦ୍ର ଶଙ୍ଖୁଆ, ବିପିନ ମାଝୀ ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ମୋଟ ୧୫ଟି ରକ୍ତ ୟୁନିଟ ସଂଗୃହୀତ ହୋଇଛି।

# ଅଙ୍ଗନବାଡ଼ି ତାଲା ଖୋଲିବାକୁ ଯାଇ ସିଡିପିଓ ହଟହଟା

ଆନନ୍ଦପୁର, ୧୮।୮ (ସମିସ):


ଆନନ୍ଦପୁର ପୌର ପରିଷଦର ଫକୀରପୁର ୯ ନଂ ୱାର୍ଡ ଅଙ୍ଗନବାଡି କେନ୍ଦ୍ରରେ ପଡ଼ିଥିବା ତାଲା ଖୋଲିବାକୁ ଯାଇଥିବା ବେଳେ ସମ୍ପୃକ୍ତ ସିଡିପିଓଙ୍କୁ ଅଞ୍ଚଳବାସୀ ଘେରଉ କରିଛନ୍ତି। ଏହି ଘଟଣା ଏକ ନୂଆ ମୋଡ଼ ନେଇଛି। ତେବେ, ଏନେଇ ଅଞ୍ଚଳରେ ଉତ୍ତେଜନା ଜାରି ରହିଛି। ସୂଚନା ଅନୁସାରେ, ଗତ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ ନହେବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ୯ ନଂ ୱାର୍ଡ଼ କାଉନସିଲର ସନତ କର ଓ ୮ ନଂର ସୁରେନ୍ଦ୍ର ଦାସ ଉତ୍ତ୍ୟକ୍ତ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। କେତେକ ଅଭିଭାବକ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଆଜି ସାକ୍ଷାତ କରି ଉକ୍ତ ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ ଅଭିଯୋଗ କରିବା ସହ କମିଟି ସଦସ୍ୟଙ୍କୁ ନେଇ ବୈଠକ ହେଉ ନଥିବା ଅଭିଯୋଗ କରିଥିଲେ। କେନ୍ଦ୍ରକୁ ଅଙ୍ଗନବାଡ଼ି କର୍ମୀ ଯଥେଷ୍ଟ ବିଳମ୍ବରେ ଆସିବା, ଖାଦ୍ୟ ବଣ୍ଟନରେ ଅନିୟମିତତା, ଏପରିକି ସରକାରଙ୍କ ଅନ୍ୟାନ୍ୟ ସେବାସୁବିଧା ଏଠାରେ ଉପଲବ୍ଧ କରାଯାଉ ନଥିବା ନେଇ ଅଭିଭାବକ ସମୂହ ଅଭିଯୋଗ କରିଥିଲେ। ଏହି ବିବାଦୀୟ ପରିସ୍ଥିତି ଲାଗି ରହିଥିବା ବେଳେ ସୁପର ଭାଇଜର ଛବିରାଣୀ ଜେନା ଉଚ୍ଚ କର୍ତ୍ତୃପକ୍ଷଙ୍କ ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରିଥିବା ପ୍ରକାଶ କରିଛନ୍ତି।








# ଚୀନ୍ ବିଦେଶ ମନ୍ତ୍ରୀଙ୍କୁ ଭେଟିଲେ ଜୟଶଙ୍କର



ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ୱାଙ୍ଗ ଭାରତ ଗସ୍ତରେ ଆସିଛନ୍ତି। ଦୁଇଜଣ ସୀମା ବିବାଦ, ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ନେଇ ଚର୍ଚ୍ଚା କରିଥିଲେ। ଦୁଇଦେଶ ମଧ୍ୟରେ ସମ୍ପର୍କ ଖରାପ ରହିଥିଲା। କିନ୍ତୁ ଏବେ ଭାରତ ଓ ଚୀନ୍ ଆଗକୁ ବଢ଼ିବାକୁ ଚାହୁଁଛନ୍ତି। ସେହିପରି ସୀମାବର୍ତ୍ତୀ ଅଞ୍ଚଳରେ ଆମେ ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବାକୁ ଚାହୁଁଛୁ ବୋଲି ୱାଙ୍ଗ କହିଛନ୍ତି। ୱାଙ୍ଗ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାତୀୟ ସୁରକ୍ଷା ପରାମର୍ଶ ଦାତା (ଏନ୍ଏସ୍ଏ)କୁ ମଧ୍ୟ ଭେଟିବେ। ସବୁ ପ୍ରକାର ଆତଙ୍କବାଦ୍ ବିରୋଧରେ ଲଢ଼େଇକୁ ପ୍ରଥମିକତା ଦିଆଯିବା ବୋଲି ଜୟଶଙ୍କର କହିଥିଲେ। ଦୁଇ ଦେଶର ବିଦେଶ ମନ୍ତ୍ରୀଙ୍କ ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି। କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଛି ବୋଲି ୱାଙ୍ଗ କହିଛନ୍ତି। ଏବେ ଭାରତ ସହିତ ସାଥି ହୋଇ କାମ କରିବାକୁ ଚୀନ ଇଚ୍ଛା ପ୍ରକାଶ କରିଛି। ଚୀନ୍‌ରେ ଆୟୋଜନ ହେବାକୁ ଯାଉଥିବା ଏସ୍‌ସିଓ ସମ୍ମଳନୀ ପୂର୍ବରୁ ଏହି ବୈଠକକୁ ବେଶ୍ ଗୁରୁତ୍ୱ ଦିଆଯାଉଛି।

## ସୁରତରେ ୨୫ କୋଟିର ହୀରା ଚୋରି

ସୁରତ, ୧୮ ।୮ (ଏଜେନ୍ସି): ଗୁଜରାଟର ସୁରତର କାପୋଦରା ଅଞ୍ଚଳରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ପାଖାପାଖି ୨୫ କୋଟି ଟଙ୍କାର ହୀରା ଚୋରି ହୋଇଛି। ସୂଚନା ମିଳିବା ପରେ ସ୍ଥାନୀୟ ପୁଲିସ ଓ କ୍ରାଇମ ବ୍ରାଞ୍ଚ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟରରେ ତିଜୋରୀ କାଟି ଲୁଟେରାମାନେ ହୀରା ଓ ନଗଦ ଟଙ୍କା ଲୁଟି ପଳାଇଯାଇଥିଲେ। ଲୁଟେରାମାନେ ଚୋରି କରିବା ସହ ସବୁ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଏହିକ୍ରମରେ ଚୋରମାନେ ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଡିଭିଆର ମଧ୍ୟ ନେଇଯାଇଥିଲେ। ପୁଲିସ ନିକଟସ୍ଥ ଅନ୍ୟ ଦୋକାନରେ ଥିବା ଅନ୍ୟ ସିସିଟିଭିର ଫୁଟେଜକୁ ନେଇ ଯାଞ୍ଚ କରୁଛି। ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ପରେ ରବିବାର ଥିଲା। ଫଳରେ ବଜାର ୩ ଦିନ ବନ୍ଦ ଥିଲା। ଲୁଟେରାମାନେ ଏହାର ଫାଇଦା ଉଠାଇଥିଲେ ଓ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀକୁ ଟାର୍ଗେଟ କରିଥିଲେ। ଲୁଟେରା ମାନେ ଗ୍ୟାସ କଟରରେ ତିଜୋରି କାଟିଥିଲେ। ପାଖାପାଖି ୩୦ କୋଟି ଟଙ୍କାର ଜିନିଷ ଥିଲା ବୋଲି ଡାଇମଣ୍ଡ କମ୍ପାନୀର ମାଲିକ ଦେବେନ୍ଦ୍ର ଚୌଧୁରୀ କହିଛନ୍ତି।

## ଦିଲ୍ଲୀରେ ୩ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଦିଲ୍ଲୀର ୩ଟି ସ୍କୁଲକୁ ସୋମବାର ବୋମା ବିସ୍ଫୋରଣ କରିବାର ଧମକ ମିଳିଥିଲା। ଫଳରେ ସତର୍କତା ଦୃଷ୍ଟିରୁ ସ୍କୁଲକୁ ଖାଲି କରାଯାଇଥିଲା। ଏହି ୩ଟି ସ୍କୁଲ ହେଲା ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱାରକା, ମର୍ଡନ କନଭେଣ୍ଟ ଓ ଶ୍ରୀରାମ ସ୍କୁଲ। ସୋମବାର ସକାଳେ ୭ଟାରେ ସ୍କୁଲରେ ଏକ ବିସ୍ଫୋରକ ପଦାର୍ଥ ଥିବାର ସୂଚନା ମିଳିଥିଲା ବୋଲି ଦମକଳ ବିଭାଗ ଅଧିକାରୀମାନେ କହିଛନ୍ତି। ଏହାପରେ ଦିଲ୍ଲୀ ପୁଲିସ, ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡର କେତୋଟି ଦଳ ସେଠାରେ ପହଞ୍ଚିଥିଲେ। ଏହାପରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ କୌଣସ ବିସ୍ଫୋଟକ ପଦାର୍ଥ ମିଳି ନଥିଲା। ଉଲ୍ଲେଖଥାଉ କି, ଗତ ଜୁଲାଇରେ ଦିଲ୍ଲୀ ସମେତ ମୁମ୍ବଇ ଓ ବେଙ୍ଗାଲୁରୁର କେତୋଟି ସ୍କୁଲ୍‌କୁ ଧମକ ଭରା ଇମେଲ ମିଳିଥିଲା। କିନ୍ତୁ ଏହି ଇମେଲଗୁଡ଼ିକ ମିଛ ଥିଲା ଓ ସୁରକ୍ଷା ଏଜେନ୍ସିଗୁଡ଼ିକୁ କିଛି ମିଳି ନଥିଲା।

## ମାସକରେ ଆସାମରେ ସପ୍ତମ ଭୂକମ୍ପ

ଗୌହାଟୀ, ୧୮ ।୮ (ଏଜେନ୍ସି): ଆସାମର ନାଗାଓଁରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ଏଥିସହ ଆସାମରେ ଚଳିତ ମାସ ସପ୍ତମ ଓ ନାଗାଓଁ ଜିଲ୍ଲାରେ ତୃତୀୟ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ବୋଲି ଜିଲ୍ଲା ପ୍ରଶାସନ ତରଫରୁ କୁହାଯାଇଛି। ରିଚର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୪.୩ ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜ ତରଫରୁ କୁହାଯାଇଛି। ଅପରାହ୍ନ ୧୨.୦୯ରେ ୩୫ କିମି ଗଭୀରରେ ଏହା ରେକର୍ଡ ହୋଇଥିଲା। ନାଓଗାଁ ସମେତ ଆଖପାଖ ଅଞ୍ଚଳରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା ବୋଲି ଜିଲ୍ଲାରେ ଜଣେ ଅଧିକାରୀ କହିଛନ୍ତି। ଏହି ଜିଲ୍ଲାରେ ପୂର୍ବରୁ ଅଗଷ୍ଟ ୭ରେ ୩.୮ ଓ ୮ ତାରିଖରେ ୨.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଚଳିତ ମାସ ଆସାମରେ ଅନୁଭୂତ ହୋଇଥିବା ୭ଟି ଯାକ ଭୂକମ୍ପର ତୀବ୍ରତା ୨.୮ରୁ ୪.୩ ଥିଲା। ଉତ୍ତରପୂର୍ବାଞ୍ଚଳରେ ଅବସ୍ଥିତ ଆସାମ ହାଇ ସେସ୍‌ମିକ ଜୋନ୍‌ରେ ରହୁଛି।

## ଟୋଲ୍ ପ୍ଲାଜାରେ ସେନା ଯବାନଙ୍କୁ ମାଡ଼

ମିରଟ, ୧୮ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ମିରଟ୍‌ରେ ମିରଟ- କର୍ଣ୍ଣାଲ ରାଜପଥରେ ଥିବା ଭୁନି ଟୋଲ ପ୍ଲାଜାରେ ରବିବାର ରାତିରେ ଜଣେ ସେନା ଯବାନଙ୍କୁ ମାଡ ହେବା ପରେ ସ୍ଥାନୀୟ ଗାଁ ଲୋକେ ଉତ୍ୟକ୍ତ ହୋଇ ସେଠାରେ ଭଙ୍ଗାରୁଜା କରିଛନ୍ତି। ଏହି ଯବାନ ହେଉଛନ୍ତି କପିଲ କଭଦ। ସେ ଜମ୍ମୁ-କଶ୍ମୀରରେ ନିୟୋଜିତ ଅଛନ୍ତି। ସେ ନିଜ ସମ୍ପର୍କୀୟ ଭାଇଙ୍କ ସହ ଦିଲ୍ଲୀ ବିମାନ ବନ୍ଦର ଯାଉଥିବାବେଳେ ଟୋଲ ଫି ଓ ସେଠାରେ ହେଉଥିବା ଜାମ୍ ନେଇ ଟୋଲ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଫଳରେ ଟୋଲ କର୍ମଚାରୀମାନେ ତାଙ୍କୁ ଗୋଇଠା, ବିଧା, ଚାପୁଡା ମାରିବା ସହ ଗାଳିଗୁଲଜ କରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ଭିଡିଓକୁ ଦେଖି କପିଲଙ୍କୁ ସମର୍ଥନ କରୁଥିବା ଲୋକ ସେଠାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ।

# ଏନ୍ଏଚ୍ଏଆଇକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ୧୨ ଘଣ୍ଟା ରାସ୍ତା ଜାମ୍ ହେଲେ ଟୋଲ୍ କାହିଁକି ଦିଆଯିବ



ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍ଏଚ୍ଏଆଇ)କୁ ତୀବ୍ର ସମାଲୋଚନା କରିଛନ୍ତି। ଜାତୀୟ ରାଜପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହୁଥିବା ଜାମ୍‌କୁ ନେଇ ପ୍ରଶ୍ନବାଣ ମାରିଛନ୍ତି। ଘଣ୍ଟାଏ ବାଟ ଯିବା ପାଇଁ ୧୨ ଘଣ୍ଟା ଲାଗିଲେ ଲୋକେ କାହିଁକି ଟୋଲ୍ ଦେବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ବିନୋଦ ଚନ୍ଦ୍ରନ ଏବଂ ଏନ ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏନ୍ଏଚଆଇକୁ ପଚାରିଛନ୍ତି। କେରଳ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଥ୍ରିଶୁର ଜିଲ୍ଲା ପାଲିୟେକାରାରେ ଥିବା ଟୋଲ୍ ଗେଟ୍‌ରୁ ଦେୟଆଦାୟ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାରଣ ଏନ୍ଏଚ୍-୫୪୪ରେ ପଡୁଥିବା ଏହି ମାନୁଥି-ଏଡାପଲ୍ଲି ରାସ୍ତା ଅତି ଖରାପ ଥିଲା ଏବଂ ଗହଳି ଲାଗି ରହୁଥିଲା।



ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଟ୍ରାଫିକ ନ ଥିବ ତେବେ ୬୫ କିମିର ଏହି ରାସ୍ତା ଅତିକ୍ରମ କରିବା ପାଇଁ ଅତିବେଶୀରେ ଘଣ୍ଟାଏ ଲାଗିଥାଏ। ଯଦି ଟ୍ରାଫିକରେ ଭିଡ଼ ରହେ ତେବେ ଅତିବେଶୀରେ ତିନି ଘଣ୍ଟା ଲାଗିବ। କିନ୍ତୁ ସହରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଯଦି ୧୨ ଘଣ୍ଟା ଲାଗିବ ତେବେ ଟୋଲ ବାବଦକୁ ୧୫୦ ଟଙ୍କା କାହିଁକି ଦିଆଯିବ? ଜାମ୍ ପାଇଁ ଘଣ୍ଟାଏ ବଦଳରେ ଲୋକଙ୍କୁ ୧୧ ଘଣ୍ଟା ଅଧିକ ଲାଗୁଛି ଏବଂ ଏଥିପାଇଁ ତାଙ୍କୁ ଟୋଲ୍ ମଧ୍ୟ ଦେବାକୁ ପଡୁଛି। ଏ ବିଷୟରେ ଜଷ୍ଟିସ ଚନ୍ଦ୍ରନ ପ୍ରଶ୍ନ କରିବାରୁ ଏନ୍ଏଚଏଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାସ୍ତାରେ ଟ୍ରକ୍ ଖସି ପଡ଼ିବା ଏହା ଈଶ୍ୱର କୃତ। ଏହା ଉପରେ ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଆପେ ଆପେ ଟ୍ରକ୍ ଖସି ପଡ଼ି ନାହିଁ। ଖାଲରେ ପଡ଼ିଯିବାରୁ ଏହା ଦୁର୍ଘଟଣାର ଶିକାର ହୋଇଥିଲା। ଜବାବରେ ଏସ୍‌ଜି କହିଥିଲେ ଯେ ମୌସୁମୀ ବର୍ଷା ଯୋଗୁଁ ଅଣ୍ଡର ପାସ୍ ନିର୍ମାଣ କାର୍ଯ୍ୟ ଉପରେ ପ୍ରଭାବ ପଡ଼ିଛି। ସେ ହଟାଇବା ପରିବର୍ତ୍ତେ ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି।

# ହ୍ୱାଇଟ୍ ହାଉସ ଉପରେ ବିଶ୍ୱର ନଜର

## ଟ୍ରମ୍ପଙ୍କୁ ଭେଟିବେ ଜେଲେନ୍‌ସ୍କି, ୟୁରୋପୀୟ ନେତା

ୱାସିଂଟନ , ୧୮ ।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କୁ ଭେଟିବେ। ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ହିଁ ଏହି ବୈଠକର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ଏହି ବୈଠକରେ ଜେଲେନ୍‌ସ୍କିଙ୍କୁ ବାଦ୍ ଦେଲେ ୟୁରୋପିଆନ ୟୁନିୟନ ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର ଲେୟେନ, ନାଟୋ ମହାସଚିବ ମାର୍କ ରୁଟ୍, ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର, ଜର୍ମାନୀ ଚାନ୍ସଲର ଫ୍ରେଡେରିଚ ମେର୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଭଳି ୟୁରୋପୀୟ ନେତା ମଧ୍ୟ ଉପସ୍ଥିତ ରହିବେ। ଗତ ୭ ମାସ ମଧ୍ୟରେ ଟ୍ରମ୍ପ ଓ ଜେଲେନ୍‌ସ୍କି ତୃତୀୟଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଗତ ବୈଠକରେ ଟ୍ରମ୍ପ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ଜୋରଦାର୍ ଯୁକ୍ତିତର୍କ ହୋଇଥିଲା। ଆମେରିକାଠାରୁ ସାହାଯ୍ୟ ପାଇଥିଲେ ମଧ୍ୟ ଜେଲେନ୍‌ସ୍କି କୃତଜ୍ଞ ନୁହଁ ବୋଲି ଟ୍ରମ୍ପ କହିଥିଲେ। ଖାସ ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଖଣିଜ ପଦାର୍ଥକୁ ନେଇ କୌଣସି ଚୁକ୍ତି ହୋଇପାରି ନଥିଲା। ଏହାପରେ ଦୁହେଁ ଗତ ଏପ୍ରିଲ ୨୬ରେ ରୋମ୍‌ରେ ପୋପ୍‌ଙ୍କ ଅନ୍ତିମ ସଂସ୍କାରରେ ପରସ୍ପରକୁ ଭେଟିଥିଲେ। ଏଥର ବୈଠକରେ ଏଭଳି ସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି। ବୈଠକରେ ଯୋଗ ଦେବାକୁ ଜେଲେନ୍‌ସ୍କି ଇତିମଧ୍ୟରେ ୱାଶିଂଟନରେ ପହଞ୍ଚି ସାରିଛନ୍ତି। ଉଲ୍ଲେଖଥାଉ କି, ୩ ଦିନ ତଳେ ୟୁକ୍ରେନ ଯୁଦ୍ଧକୁ ନେଇ ପୁତିନ ଓ ଟ୍ରମ୍ପ ଆଲସ୍କାରେ ଏକ ହାଇପ୍ରୋଫାଇଲ ବୈଠକରେ

### ନାଟୋରେ ସାମିଲ ହେବନି ୟୁକ୍ରେନ, କ୍ରିମିଆ ବି ମିଳିବ ନାହିଁ: ଟ୍ରମ୍ପ

ମିଳିତ ହୋଇଥିଲେ। ୩ ଘଣ୍ଟାର ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନଥିଲା। ଯୁଦ୍ଧ ଅବସରରେ ରୁଷିଆ ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳ ଅର୍ଥାତ ପାଖାପାଖି ୧ ଲକ୍ଷ ୪୦ ହଜାର ୫୦୦ ବର୍ଗ କିମି ଅଞ୍ଚଳ ଦଖଲକୁ ଆଣିଛି ଓ ଏହାକୁ ଛାଡିବାକୁ ମନା କରିଛି। ବିନା କୌଣସି ସର୍ତ୍ତରେ ଅସ୍ତ୍ରବିରତି ହେଉ ବୋଲି ଜେଲେନ୍‌ସ୍କି କହିଛନ୍ତି। ଏବେ ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି।

ୟୁକ୍ରେନ୍‌କୁ ସୈନ୍ୟ ସଂଗଠନ ନାଟୋରେ ସାମିଲ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। କେବଳ ସେତିକି ନୁହଁ ୨୦୧୪ରୁ ରୁଷିଆ ଅକ୍ତିଆର କରିଥିବା କ୍ରିମିଆ ଅଞ୍ଚଳ ମଧ୍ୟ ୟୁକ୍ରେନ୍‌କୁ ମିଳିବ ନାହିଁ ବୋଲି ସେ କହିଛନ୍ତି। ଏବେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ଉପରେ ସବୁକିଛି ନିର୍ଭର କରୁଛି। ସେ ଚାହିଁଲେ



ରୁଷିଆ ବିପକ୍ଷରେ ଯୁଦ୍ଧକୁ ରୋକି ପାରିବେ। ସେ ଯୁଦ୍ଧ ଜାରି ରଖିବେ ନା ଶାନ୍ତି ପାଇଁ ରାସ୍ତା ଖୋଜିବେ ସବୁକିଛି ଜେଲେନ୍‌ସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ୧୨ ବର୍ଷ ପୂର୍ବେ ସେତେବେଳର ଆମେରିକାର ରାଷ୍ଟ୍ରପତି ବାରାକା ଓବାମାଙ୍କ ଗସ୍ତ ବେଳେ ବିନା ଗୁଳି ଚାଳନାରେ ରୁଷିଆକୁ କ୍ରିମିଆ ଦିଆଯାଇଥିଲା ଓ ୟୁକ୍ରେନ ବି ନାଟୋରେ ସାମିଲ ହୋଇ ନଥିଲା। ତେଣୁ କେତୋଟି ଜିନିଷ କେବେବି ବଦଳିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି।

ଅନ୍ୟପଟେ ରୁଷିଆ ରାଷ୍ଟ୍ରପତି ପୁତିନ ୟୁକ୍ରେନକୁ ସୁରକ୍ଷା ପ୍ରତିଶ୍ରୁତି ଦେବେ ବୋଲି ଟ୍ରମ୍ପଙ୍କର ଜଣେ ବିଶେଷ ଦୂତ ଷ୍ଟିଭ ୱିଟ୍‌କଫ କହିଛନ୍ତି। ରୁଷିଆ ୟୁକ୍ରେନକୁ ନାଟୋ ଭଳି ସୁରକ୍ଷା ଦେବାକୁ ରାଜି। ଏ ନେଇ ଟ୍ରମ୍ପ ଓ ପୁତିନ ଆଲାସ୍କା ବୈଠକରେ ସହମତି ପ୍ରକାଶ କରିଥିଲେ। ତେବେ ୟୁକ୍ରେନ୍‌କୁ ନାଟୋର ସଦସ୍ୟତା ଦେବା ନେଇ ରୁଷିଆ କେବେ ରାଜି ହେବ ନାହିଁ ବୋଲି ପୁତିନ ସ୍ପଷ୍ଟ କରିଥିଲେ। ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନ୍‌କୁ ନାଟୋର ଧାରା-୫ ଭଳି ସୁରକ୍ଷା ବ୍ୟବସ୍ଥା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଓ ପ୍ରସ୍ତାବିତ ଚୁକ୍ତିରେ ଏହା ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉ କି, ନାଟୋର ଧାରା- ୫ ଅନୁସାରେ କୌଣସି ଗୋଟିଏ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ତାହା ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ଧରି ନିଆଯିବ। ସେହିପରି ଆମେରିକା ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେଇଥିବାରୁ ଜେଲେନ୍‌ସ୍କି କୃତଜ୍ଞତା ଜଣାଇଛନ୍ତି। ଏହା ଏକ ଐତିହାସିକ ନିଷ୍ପତ୍ତି ସେ କହିଛନ୍ତି। ତେବେ ଏହା କେବଳ କାଗଜ କଲମରେ ନୁହେଁ ବାସ୍ତବରେ ହେବା ଉଚିତ ଓ ଏଥିରେ ୟୁରୋପୀୟ ରାଷ୍ଟ୍ରଗୁଡିକର ସକ୍ରିୟ ଭୂମିକା ରହିବା ନିହାତି ଜରୁରି ବୋଲି ଜେଲେନ୍‌ସ୍କି ସ୍ପଷ୍ଟ କରିଛନ୍ତି।



## ମୋଦୀଙ୍କୁ ଫୋନ୍ କଲେ ପୁତିନ, ଆଲାସ୍କା କଥା କହିଲେ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଛନ୍ତି। ଗତ ସପ୍ତାହରେ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଚର୍ଚ୍ଚାର ବିଷୟରେ ମୋଦୀଙ୍କୁ ସୂଚନା ଦେଇଛନ୍ତି। ଆଲୋଚନା ମାଧ୍ୟମରେ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୋଦୀ କହିଛନ୍ତି। ଭାରତ ଏ ସମ୍ବନ୍ଧରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଆଲାସ୍କାରେ ଟ୍ରମ୍ପଙ୍କ ସହ ବୈଠକ ବିଷୟରେ ସୂଚନା ଦେଇଥିବାରୁ ପୁତିନଙ୍କୁ ମୋଦୀ ଧନ୍ୟବାଦ ଦେଇଛନ୍ତି। ଉଭୟ ନେତା ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ମଧ୍ୟ ଚର୍ଚ୍ଚା କରିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଟ୍ରମ୍ପ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଆଲାସ୍କାରେ ସାକ୍ଷାତ ଆଲୋଚନା କରିଥିଲେ। ଉଭୟେ ତିନି ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚା କରିଥିଲେ। ତେବେ ଏହା ଫଳାଫଳ ଶୂନ୍ୟ ରହିଥିଲା। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେନ୍‌ସ୍କିଙ୍କ ଉପରେ ଶାନ୍ତି ପ୍ରକ୍ରିୟା ନିର୍ଭର କରୁଛି ବୋଲି ଟ୍ରମ୍ପ କହିଥିଲେ। ସେ ଏହି ବୈଠକ ସଫଳ ରହିଥିବା ଉଲ୍ଲେଖ କରିଥିଲେ। ସେହିପରି ଦେଶର ସୁରକ୍ଷା ସବୁଠୁ ଜରୁରୀ ବୋଲି ପୁତିନ କହିଥିଲେ। ସେ ପରବର୍ତ୍ତୀ ବୈଠକ ମସ୍କୋରେ କରାଇବାକୁ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ ଯେ ରୁଷ୍‌ଠାରୁ ତୈଳ କ୍ରୟକୁ ନେଇ ଆମେରିକା ଭାରତ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଭାରତ ଏହାକୁ ବେଆଇନ ବୋଲି କହିଛି।

# ମୁମ୍ବାଇରେ ପ୍ରବଳ ବର୍ଷା, ସ୍କୁଲ-କଲେଜ ଛୁଟି

ମୁମ୍ବଇ, ୧୮ ।୮ (ଏଜେନ୍ସି): ମୁମ୍ବଇ ଓ ଆଖପାଖ ଅଞ୍ଚଳରେ ସୋମବାର ସକାଳେ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। କେତେକ ଅଞ୍ଚଳରେ ପାଣି ଭରି ରହିଛି। ଏଥିପାଇଁ ସଡକରେ ଟ୍ରାଫିକ ଜାମ୍ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇରେ ୫୪ ମିଲିମିଟର ବର୍ଷା ହୋଇଛି ବୋଲି ସ୍ଥାନୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ବ୍ରିହାନମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ମୁମ୍ବଇର ସବୁ ସ୍କୁଲ ଓ କଲେଜ ଛୁଟି ଘୋଷଣା କରିଛନ୍ତି। ଅତିଆବଶ୍ୟକ ନ ହେଲେ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ପ୍ରଶାସନ ତରଫରୁ ମନା କରାଯାଇଛି। ଆଗାମୀ କିଛି ଘଣ୍ଟାରେ ମୁମ୍ବାଇରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କତା ଜାରି କରାଯାଇଛି। ମୁମ୍ବଇ ଭଳି ଥାନେ, ପାଲଘର ଓ ରାଇଗଡରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା କାରଣରୁ ମୁମ୍ବଇ ବିମାନ ବନ୍ଦରରେ କେତୋଟି ବିମାନ ଉଡାଣ

### ଲୋକାଲ ଟ୍ରେନ୍ ଓ ବିମାନ ବିଳମ୍ବିତ



ବିଳମ୍ବିତ ହୋଇଛି। ତେବେ କେତେ ସଂଖ୍ୟାରେ ବିମାନ ଉଡାଣ ବିଳମ୍ବିତ ହୋଇଛି ସେ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ବିମାନର ଉଡାଣ ହାରାହାରି ୫୪ ମିନିଟ୍ ବିଳମ୍ବିତ ହୋଇଛି ବୋଲି କୁହାଯାଇଛି। ସେହିପରି ଲୋକାଲ ଟ୍ରେନ୍‌ଗୁଡିକ ୧୫ରୁ ୨୦ ମିନିଟ୍ ବିଳମ୍ବରେ ଚାଲୁଛି। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀରରେ ଗତ କେତେଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଗତ ୩ ଦିନ ହେବ ହିମାଚଳରେ ବର୍ଷା ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚଣ୍ଡିଗଡ଼-ମନାଲୀ ଚାରି ଲେନ ସମେତ ୩ଟି ଜାତୀୟ ରାଜପଥ ଓ ହିମାଚଳରେ ୪୦୦ ସଡକ ବନ୍ଦ ରହିଛି। ଉତ୍ତରାଖଣ୍ଡରେ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ରାଜପଥ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି।

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ଯବାନଙ୍କ ଯତ୍ନ ନିଅ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସେନା ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ହୋଇଥିବା ଯବାନଙ୍କ ଯତ୍ନ ନେବାକୁ କହିଛନ୍ତି। ପ୍ରଶିକ୍ଷଣ ସମୟରେ ଗୁରୁତର ଆହତ କିମ୍ବା ଦିବ୍ୟାଙ୍ଗ ହୋଇଯିବା କାରଣରୁ ମେଡିକାଲ ଆଧାରରେ ବାହାର କରିଦିଆଯାଇଥିବା କ୍ୟାଡେଟ (ଯବାନ)ଙ୍କ ତଥ୍ୟ ଦେବାକୁ କେନ୍ଦ୍ର ସରକାର ଏବଂ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୁବ କ୍ୟାଡେଟଙ୍କ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଏ ଦିଗରେ ଠୋସ୍ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଏଭଳି ଯବାନ ବୀମା ଦେବାକୁ କେନ୍ଦ୍ର ସରକାରଙ୍କୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ନିଜଆଡ୍ରୁ ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ସାହସୀ ଯୁବକ ସେନାରେ ରୁହନ୍ତୁ ବୋଲି ଆମେ ଚାହୁଁଛୁ। ଆହତ କିମ୍ବା ଦିବ୍ୟାଙ୍ଗତା କୌଣସି କାରଣ ହୋଇ ନ ପାରେ। ଏହି ଯବାନମାନେ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସେନାରେ ସାମିଲ ହୋଇଥିଲେ। ଏଭଳି ଯବାନଙ୍କ ପାଇଁ ଗ୍ରୁପ ଇନସୁରାନ୍ସ ଭଳି ସୁବିଧା ଦେବାକୁ କହିଥିଲେ।

# ଏସ୍ଆଇଆର୍‌କୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ଦଳଗୁଡିକ ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍ଆଇଆର)କୁ ବିରୋଧ କରି ସୋମବାର ହଙ୍ଗାମା ଜାରି ରଖିଛନ୍ତି। ନିର୍ବାଚନ କମିଶନଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏସଆଇଆର ପ୍ରକ୍ରିୟା ରଦ୍ଦ ଏବଂ ଏହା ଉପରେ ଚର୍ଚ୍ଚା ଦାବି କରୁଛନ୍ତି। କିନ୍ତୁ ସରକାର ବିରୋଧୀଙ୍କ ଦାବି ଶୁଣୁ ନାହାନ୍ତି। ବିରୋଧୀଙ୍କ ହୋହାଲ୍ଲା ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ନିମ୍ନ ସଦନ ଲୋକସଭାରେ ବିରୋଧୀ ଶାନ୍ତ ପଡ଼ି ନ ଥିଲେ। ଗୃହର ମଧ୍ୟଭାଗରେ ଏକାଠି ହୋଇ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ସରକାର ଏବଂ ନିର୍ବାଚନ କମିଶନ ଭୋଟ ଚୋରି କରୁଥିବା ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ବାଚସ୍ପତି କହିଥିଲେ ଯେ ସରକାରୀ ସମ୍ପତ୍ତି ନଷ୍ଟ ପାଇଁ ସାଂସଦଙ୍କୁ ଲୋକେ ନିର୍ବାଚିତ କରିନାହାନ୍ତି। ଯଦି ନିୟମ ପାଳନ ନ କରିବେ ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୋତେ କଠୋର ନିଷ୍ପତ୍ତି ନେବାକୁ ପଡ଼ିବ। ଦେଶବାସୀ ମଧ୍ୟ ଆପଣଙ୍କୁ ଦେଖୁଛନ୍ତି। ତେଣୁ ସରକାରୀ ସମ୍ପତ୍ତି ନଷ୍ଟ ନ କରିବାକୁ ପୁଣିଥରେ ଚେତାବନୀ ସହିତ ଅନୁରୋଧ କରି ସଂସଦକୁ କିଛି ସମୟ ପାଇଁ ମୁଲତବୀ କରିଦେଇଥିଲେ।

ଲୋକସଭା କାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଅପରାହ୍ନ ୨ଟାରେ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଲାଙ୍କ ସଫଳ ମହାକାଶ ଯାତ୍ରା ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ସମୟରେ ବିରୋଧୀ କକ୍ଷତ୍ୟାଗ କରିଥିଲେ। ଏହାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦୁର୍ଭାଗ୍ୟ ଏବଂ ନିରାଶଜନକ କହିଥିଲେ। ମହାକାଶ ଭଳି କ୍ଷେତ୍ରକୁ ରାଜନୀତିଠାରୁ ଉର୍ଦ୍ଧ୍ୱରେ ରଖିବା ଉଚିତ ବୋଲି କହିଥିଲେ। ଏହି ଚର୍ଚ୍ଚାରେ ସାମିଲ ହୋଇ ବିରୋଧୀ ଗଠନମୂଳକ ପ୍ରସ୍ତାବ ଦେବାର ଥିଲା। ସେହିପରି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଥିଲେ ଯେ ସଫଳ ମହାକାଶ ଅଭିଯାନକୁ ନେଇ ଭାରତ ଉତ୍ସବ ମନାଉ ଥିବାବେଳେ ବିରୋଧୀ ଏବେ ବି ହଙ୍ଗାମା କରୁଛନ୍ତି। ସେ ଚର୍ଚ୍ଚା ପାଇଁ ପ୍ରସ୍ତୁତ ହେଉନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟସଭାରେ ମଧ୍ୟ ବିରୋଧୀ ହଙ୍ଗାମା କରିଥିଲେ। ଏଥିଯୋଗୁଁ ପ୍ରଥମେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। କାର୍ଯ୍ୟାରମ୍ଭ ହେବା ପରେ ଏସ୍ଆଇଆର ଉପରେ ଚର୍ଚ୍ଚା ଦାବି କରି ବିରୋଧୀ କକ୍ଷତ୍ୟାଗ କରିଥିଲେ। ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ଚର୍ଚ୍ଚା କରି ଭାରତୀୟ ବନ୍ଦର ବିଲ୍ ପାରିତ କରାଯାଇଥିଲା। ଏହା ପରେ ଗୃହକୁ ମୁଲତବୀ କରାଯାଇଥିଲା। ତେବେ ବଙ୍ଗଳା ଭାଷା ବିବାଦକୁ ନେଇ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୋଇତ୍ର ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।






# ଡାଲିଜାତୀୟ ଫସଲରେ ରୋଗ ନିୟନ୍ତ୍ରଣ

**ଆମେ ଖାଉଥିବା ଖାଦ୍ୟର ଏକ ମୁଖ୍ୟ ଅଂଶ ହେଉଛି ଡାଲି । ଡାଲିରେ ବହୁତ ପରିମାଣର ପୁଷ୍ଟିସାର ରହିଛି । ଓଡ଼ିଶାରେ ଡାଲିଜାତୀୟ ଫସଲ ମଧ୍ୟରେ ହରଡ଼, ମୁଗ ଓ ବିରି ଆଦି ଚାଷ କରାଯାଏ । ତେବେ ବର୍ଷାଯୋଗୁଁ ଜମିରେ ପାଣି ଜମି ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ଚେରପଚା ଓ କାଣ୍ଡପଚା, ପତ୍ରଚିତ୍ରା ଓ ପତ୍ରପୋଡ଼ା ରୋଗ, ବୀଜାଣୁ ଜନିତ ପତ୍ରପୋଡ଼ା, ଝାଉଁଳା ଆଦି ପ୍ରମୁଖ ରୋଗ ଦେଖାଯାଇଥାଏ । ତେଣୁ ଏହି ରୋଗର ପ୍ରାଥମିକ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରିବା ଆବଶ୍ୟକ ।**

ଅଧିକ ପାଣି ଜମି ହରଡ଼ରେ ପତ୍ର ଝାଉଁଳା ସମସ୍ୟା ଦେଖାଯାଏ । ଫଳରେ ଅମଳ ବାଧାପ୍ରାପ୍ତ ହୋଇଥାଏ । ଏଥିପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଫସଲରେ କୀଟନାଶକ ସିଞ୍ଚିବା ଜରୁରି ।

**ପତ୍ରଚିତା ଓ ପତ୍ରପୋଡ଼ା ରୋଗ:** ମୁଗ ଓ ବିରିରେ ଏହି ରୋଗ ଦେଖାଯାଇଥାଏ । ଗୋଲାକାରରୁ ଅଣ୍ଡାକୃତି ଏବଂ ଅନିୟମିତ କଳାବାଇଗଣି ରଙ୍ଗର ଚିହ୍ନ ପତ୍ରର ଉଭୟ ପାଶ୍ୱର୍ରେ ଦେଖାଯାଇଥାଏ । ଏହା କ୍ରମଶଃ ହଳଦିଆ ପଡ଼ି ଶୁଖି ଶେଷକୁ ଖସିପଡ଼େ । ତେଣୁ ଏହାର ପରିଚାଳନା ପାଇଁ କାର୍ବୋକ୍ସିନ ୩୭.୫% + ଥିରାମ ୩୭.୫% ଡିଏସ ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ ମିଶାଇ ବିହନ ବିଶୋଧନ କରାଯିବା ଆବଶ୍ୟକ । ମାନକୋଜେବ ୭୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଲେଖାଏଁ ମିଶାଇ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରାଯାଏ ।

**ଚେରପଚା ଓ କାଣ୍ଡ ପଚା ରୋଗ:** ମାଟି ଯଥେଷ୍ଟ ଓଦାଥିଲେ ଗଛର ଚେର ଅଗ୍ରଭାଗରୁ ପଚିଯାଇ ଏହି ରୋଗ ହୋଇଥାଏ । ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ, ସଢ଼ା ମୂଳଟି କଳା ଦେଖାଯାଏ । ଶେଷରେ ଗଛଟି ମରିଯାଏ । ଏଥିପାଇଁ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆବଶ୍ୟକ । ଏହାର ପରିଚାଳନା ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଫିମ୍ପିନାଶକ ଔଷଧ ଏକର ପିଛା ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ସେହିପରି ମୂଳଭାଗକୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ମେଟାଲାକ୍ସିଲ (୮%)+ ମାନକୋଜେବ (୬୪%) ଡବ୍ଲୁପି କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ (୮%) + ମାନକୋଜେବ (୬୩%) ଏକ ଲିଟର ପାଣିରେ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରିବା ଆବଶ୍ୟକ ।

ହେକ୍ଟର ପିଛା ୨୫୦ କିଗ୍ରା ନିମ୍ବ ପିଡ଼ିଆ ଶେଷ ଓଡ଼ ଚାଷ ପୂର୍ବରୁ ମାଟିରେ ପକାଇ ଚାଷ କରି ମାଟିରେ ମିଶାଇ ଦେଲେ ଏହି ରୋଗରୁ ରକ୍ଷା ମିଳିଥାଏ । ଏକ ହେକ୍ଟରକୁ ୫୦ କିଗ୍ରା ଖତସାର ସହିତ ୫ କିଗ୍ରା ଟ୍ରାଇକୋଡର୍ମା ଭିରିଡ଼ି କିମ୍ବା ଟ୍ରାଇକୋଡର୍ମା ହାର୍ଜିଆନମ୍ ମୁଖ୍ୟ ଚାଷ ଜମିରେ ପ୍ରୟୋଗ କରନ୍ତୁ ।

**ବୀଜାଣୁ ଜନିତ ପତ୍ରପୋଡା ରୋଗ:** ଏହି ରୋଗରେ ପତ୍ରରେ ହଳଦିଆ ବଳୟ ମଝିରେ ମାଟିର ଦାଗ ସହିତ ଫଳ ଓ କାଣ୍ଡରେ ନାଲି ଯାଦୁଆ ରଙ୍ଗ ଦେଖାଯାଏ । ଏହାର ପରିଚାଳନା ପାଇଁ ନିରୋଗ ବିହନ ସଂଗ୍ରହ କରି ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ କିମ୍ବା ୧୨୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ଲଗାଇବା ପୂର୍ବରୁ ମଞ୍ଜିକୁ ୪ ଘଣ୍ଟା ବତୁରାଇ ବିଶୋଧନ କରାଯାଏ ।

**ସାହେବୀ ରୋଗ:** ମୁଖ୍ୟତଃ ଏହି ରୋଗ ହେଲେ, ପତ୍ରରେ ହଳଦିଆ ସବୁଜ ଛାପା ଛାପା ଦାଗ ଦେଖାଯାଇଥାଏ । ଏହା ଏକ ଭୂତାଣୁ ଜନିତ ରୋଗ । ଧଳାମାଛି ହେଉଛି ଏହି ରୋଗର ବାହକ । ଏହି ରୋଗ ହେଲେ, ଫଳଗୁଡିକ ଛୋଟ ଓ ନଷ୍ଟ ହୋଇଥାଏ । ତେଣୁ ଆକ୍ରାନ୍ତ ଗଛକୁ ଜମିରୁ ଉପାଡ଼ି ଜମିଠୁ ଦୂରକୁ ଫିଙ୍ଗି ଦେବା ଭଲ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାର୍ବେଣ୍ଡାଜିମ୍ ତଥା ଜୈବିକ ଉପାୟରେ ବିହନ ବିଶୋଧନ କରିବା ସହିତ ଫସଲ ଚକ୍ର ଉପରେ ଧ୍ୟାନ ଦେବା ଦ୍ୱାରା ରୋଗ ନିୟନ୍ତ୍ରଣ ହୋଇଥାଏ ।



# ବାଲ୍‌କୋନି ବଗିଚା ପାଇଁ ସ୍ମାର୍ଟ ଟିପ୍‌ସ

**ଅଧିକାଂଶ ଲୋକଙ୍କର ବଗିଚା କରିବାର ସଉକ ଥାଏ । ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଗଛ ଲଗାଇବା ପାଇଁ ସ୍ଥାନାଭାବ ଦେଖାଯାଏ । ଏହାର ସମାଧାନ ସ୍ୱରୂପ ଲୋକେ ଏବେ ବାଲ୍‌କୋନି ବଗିଚା ଟ୍ରେଣ୍ଡକୁ ଆପଣାଇଛନ୍ତି । ଏଥିପାଇଁ କିଛି ସ୍ମାର୍ଟ ଟିପ୍ସ ଆପଣାଇ ପାରିବେ ।**

ବାଲ୍‌କୋନିରେ ଗୋଲାପ, ଗେଣ୍ଡୁ, ରଙ୍ଗଣୀ, ଜରବେରା, ମନ୍ଦାର, ମଲ୍ଲୀ ଆଦି ଫୁଲ ଗଛ, ପତ୍ରଯୁକ୍ତ ଗଛ, ପନିପରିବା ଲଗାଇପାରିବେ । ସପ୍ତାହକୁ ଥରେ ଗଛ ମୂଳରେ ଜୈବିକ ଖତ ପ୍ରୟୋଗ ଦ୍ୱାରା ଗଛ ବୃଦ୍ଧି ହୋଇ ଫୁଲ ଶୀଘ୍ର ଆସିଥାଏ । ସେହିପରି ସମସ୍ତ କୁଣ୍ଡକୁ କିପରି ସୂର୍ଯ୍ୟକିରଣ ପଡ଼ିପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ । କୁଣ୍ଡରେ କେବେ ବି ଅଧିକ ପାଣି ଦିଅନ୍ତୁନି, ଏହା ଦ୍ୱାରା ମୂଳ ପଚିଯାଇପାରେ । ବାଲ୍‌କୋନିର ରଙ୍ଗବେରଙ୍ଗ ଫୁଲ ବଗିଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ।

**ତୁଳସୀ ମନିପ୍ଲାଣ୍ଟ :** କାନ୍ଥ ପାଖେ ଛାଇ ତଥା କମ୍ ସୂର୍ଯ୍ୟକିରଣ ଆବଶ୍ୟକ କରୁଥିବା ଗଛ ଲଗାନ୍ତୁ । ଫର୍ଣ୍ଣ, ସ୍ପାଇଡର ପ୍ଲାଣ୍ଟ, ସ୍ନେକ ପ୍ଲାଣ୍ଟ, ହାର୍ଡି ଜେରେନିୟମ ପରି ଗଛ ଲଗାଇବା ଉପଯୁକ୍ତ । ଏହାର ଦେଖାଶୁଣା କରିବା ସହଜ ହୋଇଥାଏ । ବାଲକୋନିରେ ତୁଳସୀ, ମନିପ୍ଲାଣ୍ଟ, ଜେଡ ଜେନ୍, ଟେବୁଲ ଗୋଲାପ, ଏରେକା ପାମ ଗଛ ଲଗାଇପାରିବେ । ଲେମ୍ବୁଗଛ ଲଗାଇବା ଦ୍ୱାରା ସୁଗନ୍ଧ ପରିବେଶରେ ସକାରାତ୍ମକ ଶକ୍ତି ପ୍ରଦାନ କରେ ।

**ଓହଳା ବାସ୍କେଟ:** ବାଲ୍‌କୋନିରେ କମ୍ ସ୍ଥାନ ଥିଲେ, କାନ୍ଥରେ ଭର୍ଟିକାଲ ପ୍ଲାଣ୍ଟରରେ ଗଛ ଲଗାଇପାରିବେ । ରେଲିଂରେ ଓହଳା ବାସ୍କେଟ୍ ଟାଙ୍ଗି ସେଥିରେ ଚେରି ଟମାଟୋ, ପୁଦିନା, ଧଣିଆ ଆଦି ଗଛ ଲଗାଇବା ଭଲ । ଭାରି କୁଣ୍ଡ ବଦଳରେ ହାଲୁକା ପ୍ଲାଷ୍ଟିକ କୁଣ୍ଡ ବ୍ୟବହାର ଜରୁରି । ଟେରାକୋଟା କୁଣ୍ଡ ବା କଣ୍ଟେନର ବ୍ୟବହାର କରିପାରିବେ । ଖତ ମିଶା ମାଟିରେ ଅଳ୍ପ କୋକୋପିଟ୍ ଓ ବାଲି



ମିଶାଇ ଗଛ ଲଗାଇବା ଦ୍ୱାରା ଗଛର ବିକାଶ ଭଲ ହୁଏ ।

**ଟେବୁଲରେ ସଜାନ୍ତୁ:** ବାଲ୍‌କୋନିର ଆକାର ଛୋଟ ଥିଲେ ର୍ୟାକ୍ ବନାଇ ସେଥିରେ ଗଛ ଲଗାଇ ପାରିବେ । ନତୁବା ବାଲକୋନି ମଝିରେ ଗୋଟିଏ ଛୋଟ କଫି ଟେବୁଲ ରଖି ସେଥିରେ ଛୋଟ କୁଣ୍ଡରେ ଅଳଙ୍କାରିକ ଗଛ ଲଗାଇପାରିବେ । ଏହା ବାଲ୍‌କୋନିର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ ।

**ବୋତଲ ଓ ପାଇପ୍‌ର ଉପଯୋଗ:** ବଡ଼ ପାଇପ୍‌ର ଦୁଇ ପାର୍ଶ୍ୱରେ ରସି ବାନ୍ଧି କାନ୍ଥ କିମ୍ବା ବାଲକୋନିରେ ଓହଳାଇ ପାରିବେ । ପାଇପ୍ ମଝି ଅଂଶକୁ କାଟି ଶୁଖିଲା ଖତ ଓ ମାଟି ଦେଇ ସେଥିରେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଧାଡି ଧାଡି କରି ଲଗାଇପାରିବେ ।

**ପ୍ଲାଣ୍ଟ ସ୍କ୍ରିନ୍‌ର ସାହାଯ୍ୟ ନିଅନ୍ତୁ:** ବାଲ୍‌କୋନିକୁ ଅଧିକ ଆକର୍ଷଣୀୟ କରିବାକୁ ବାଉଁଶ ନିର୍ମିତ ସ୍କ୍ରିନ୍ କିମ୍ବା ସବୁଜ ସ୍କ୍ରିନ୍‌କୁ ବାଲକୋନିର ଏକ କୋଣକୁ ଢ଼ାଙ୍କି ପାରିବେ । ବାଲକୋନି ବଗିଚା ପାଇଁ ପରିବାଚୋପା, ଛଡ଼ାଫୁଲ, ତୁଳସୀ, ବେଲପତ୍ର ଆଦିକୁ ସଢ଼ାଇ ସେଥିରେ ଗୋବର, ଗୋମୂତ୍ର ସୋରିଷପିଡିଆ ଆଦି ମିଶାଇ ଖତ କରିପାରିବେ ।

# ଚାଷୀଙ୍କ ଶ୍ରମ ଲାଘବ କରିବ କୃଷିବଟ୍

**ଫସଲରେ ରୋଗ ପୋକ ନିୟନ୍ତ୍ରଣ କରିବାକୁ ଚାଷୀ ବିଭିନ୍ନ ଉପାୟ ଆପଣାନ୍ତି । କୀଟନାଶକ ସିଞ୍ଚନ କରିବାକୁ ଚାଷୀ କୀଟନାଶକ ଯନ୍ତ୍ରକୁ ବୋହି ବୋହି ଅଧିକ ଯନ୍ତ୍ରଣା ସହିଥାନ୍ତି । ଏଥିପାଇଁ ସମୟ ଓ ଖର୍ଚ୍ଚ ମଧ୍ୟ ବଢ଼ିଯାଏ । ତେଣୁ ନିଜ ଦାଦାଙ୍କୁ ଅଙ୍ଗୁର ଚାଷରେ ଏପରି କାମ କରି ଥକି ପଡୁଥିବା ଦେଖି ମହାରାଷ୍ଟ୍ର, ନାସିକ ଜିଲ୍ଲା, ୱାନ୍‌ଖେଡେର ୧୭ ବର୍ଷୀୟ ଆଦିତ୍ୟ ପିଙ୍ଗଲେ କୃଷିବଟ୍ ନାମକ ଏକ ମୋବାଇଲ ନିୟନ୍ତ୍ରିତ ରୋବଟ୍ ବିକଶିତ କରିଛନ୍ତି ।**

କୀଟନାଶକ ସିଞ୍ଚନରୁ ହେଉଥିବା ଚାଷୀଙ୍କ ଶାରୀରିକ ଶ୍ରମ କମ୍ କରିବା ଏହି ରୋବଟ୍‌ର ମୁଖ୍ୟ ଉଦ୍ଦେଶ୍ୟ । ବେକାର ତଥା ବର୍ଜ୍ୟ ସାମଗ୍ରୀ ଯଥା- ପୁରୁଣା ଟାୟାର, ୧୨ ଭୋଲ୍ଟ ଖେଳନା ଗାଡିରୁ ବାହାରିଥିବା ବ୍ୟାଟେରୀରୁ କୃଷିବଟ୍ ତିଆରି କରାଯାଇଛି । ଏହି ରୋବଟ୍‌ଟି ମୋବାଇଲ୍ - ନିୟନ୍ତ୍ରିତ ତଥା ୧୨ ଭୋଲ୍ଟ ରିଚାର୍ଜେବୁଲ ବ୍ୟାଟେରୀ ଚାଳିତ । ୱାଇ-ଫାଇ ସକ୍ଷମ ମାଇକ୍ରୋକଣ୍ଟ୍ରୋଲର ଥିବାରୁ ଏହା ମୋବାଇଲ୍ ଫୋନ୍ ସହିତ ଜଡିତ ହୋଇଥାଏ । ଯାହାକୁ ସହଜରେ ନିୟନ୍ତ୍ରଣ କରାଯାଇଥାଏ । ତେଣୁ ଚାଷୀଙ୍କୁ ଆଉ ଭାରି ଉପକରଣ ନେଇ କ୍ଷେତକୁ ଯିବାକୁ ପଡ଼େନାହିଁ । ଏଥିପାଇଁ ଆଦିତ୍ୟ ନବମ ଶ୍ରେଣୀରେ ପଢ଼ିବା ବେଳେ ମୋବାଇଲ ମରାମତି କାର୍ଯ୍ୟର ଏକ କୋର୍ସ ଶେଷ କରିଥିଲେ । ଏଥିପାଇଁ ତାଙ୍କୁ ସଲାମ ବମ୍ବେର ସହଯୋଗ ମିଳିଥିଲା । ବନ୍ଧୁ ପରାଶରାମ ପିଙ୍ଗଲ ଏବଂ ଅଭିଜିତ ପାୱାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଏହି କୃଷିବଟକୁ ଫୋନ୍ ଜରିଆରେ ଯେକୌଣସି ଦିଗକୁ ବୁଲାଇ ହୁଏ । ସ୍ପ୍ରେୟରକୁ ନିୟନ୍ତ୍ରିତ କରାଯାଇପାରେ । ଗୋଟିଏ ସ୍ଥାନରେ ବସି ବସି କମ୍ ସମୟରେ ଜମିରେ କୀଟନାଶକ ସିଞ୍ଚନ କରିବାରେ ସାହାଯ୍ୟ କରିଥାଏ । ଏହି ରୋବଟ୍‌ରେ ୩୬୦ ଡିଗ୍ରୀର



ଏକ କ୍ୟାମେରା ମଧ୍ୟ ଲଗାଯାଇଛି । ଯାହାଦ୍ୱାରା ଚାଷୀଙ୍କୁ ଚାଷ ଜମିର ବାସ୍ତବ ଦୃଶ୍ୟ ଦେଖିବାକୁ ସୁଯୋଗ ମିଳିପାରିବ । ଏହି ଉପକରଣରେ ନଟ୍ ଭୋଲ୍ଟ ଯନ୍ତ୍ର ଲଗାଇଥିବାରୁ ଫସଲର ଉଚ୍ଚତା ଆଧାରରେ ଏହି ସିଞ୍ଚନକୁ ଉପର ତଳ କରାଯାଇପାରିବ । ଏଥିପାଇଁ ସେ ପ୍ରଥମେ ଅଙ୍ଗୁର ଏବଂ ପୁଦିନା ଜମିରେ ଏହି ଉପକରଣର ପରୀକ୍ଷଣ କରିଥିଲେ । ଏଥିରେ ସଫଳ ହୋଇଥିଲେ । ଏହି ଉପକରଣରେ ସିଞ୍ଚନ କରିବାରେ ଅଧିକ ସମୟ ଲାଗି ନ ଥାଏ । ଶାରୀରିକ ପରିଶ୍ରମ କମ୍ କରିବା ସହ ଖର୍ଚ୍ଚ ମଧ୍ୟ କମ୍ କରିଥାଏ । ଏହା ହାଲୁକା, କମ୍ପାକ୍ଟ ହୋଇଥିବାରୁ ଯେକୌଣସି ସ୍ଥାନକୁ ଅତି ସହଜରେ ନେଇ ହୁଏ । ଆଗାମୀ ଦିନରେ ଆଦିତ୍ୟ ଏପରି ଏକ ରୋବଟ ବନାଇବାକୁ ଚାହୁଁଛନ୍ତି ଯାହା ଫସଲରେ କୀଟ ନିୟନ୍ତ୍ରଣ କରିବା ସହ ଘାସ କାଟିବା ସହିତ ପୁରା ଜମିର ଦେଖାଶୁଣା କରିପାରିବ ।

# ବର୍ଷାଦିନେ କୁକୁଡ଼ାଙ୍କ ଯତ୍ନ

**ବାଡ଼ି ଅଗଣାରେ କୁକୁଡ଼ା ଚାଷ କରି ଆମ ରାଜ୍ୟର ଚାଷୀଭାଇମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ତେବେ ବର୍ଷାଦିନରେ ଅଗଣା, ବାଡ଼ି ଓଦା ଓ କାଦୁଅ ହୋଇଥାଏ । ଓଦା ପରିବେଶରେ ପୋକ, ମାଛି, ଫିମ୍ପି ବୃଦ୍ଧି ପାଉଥିବାବେଳେ ସେଠାରେ କୁକୁଡ଼ା ଚରିବା ଦ୍ୱାରା ସେମାନଙ୍କଠାରେ ଅନେକ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ବସନ୍ତ, ପତଳାଝାଡ଼ା, କୃମିଜନିତ ସମସ୍ୟା, ଘୁମା ରୋଗ ଦେଖାଦେଇଥାଏ । ତେଣୁ ଏହି ଦିନେ କିପରି କୁକୁଡ଼ାଙ୍କ ଯତ୍ନ ନେବେ ଜାଣି ରଖନ୍ତୁ ।**

ଏହି ଦିନେ ସେମାନଙ୍କ ରହିବା ସ୍ଥାନକୁ ସଫା ଓ ଶୁଖିଲା ରଖିବା ଜରୁରି । ପାଣି ଜମିବାକୁ ଦିଅନ୍ତୁନି । ବର୍ଷାଦିନେ ସେମାନଙ୍କ ଶରୀରର ଶକ୍ତି ବୃଦ୍ଧି ପାଇଁ ପୌଷ୍ଟିକ ଖାଦ୍ୟ ଦେବା ଆବଶ୍ୟକ । ସଫା ପାଣି ପିଇବାକୁ ବନ୍ଦୋବସ୍ତ କରିବା ସହ ଶୁଖିଲା ଦାନା ଖାଇବାକୁ ଦେବା ଆବଶ୍ୟକ । ସାଧାରଣତଃ ବର୍ଷାଦିନେ ବସନ୍ତ ରୋଗ ହେବା ଦ୍ୱାରା କୁକୁଡ଼ାଙ୍କ ଆଖି ମୁହଁରେ ଫୋଟକା ସୃଷ୍ଟି ହୋଇଥାଏ । ଏଥିଯୋଗୁଁ କୁକୁଡା ଭଲ ଭାବେ ଦେଖିପାରନ୍ତିନି । ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଫାଉଲପକ୍ସ ନାମକ ବସନ୍ତ ଟିକା କୁକୁଡ଼ାକୁ ଦେବା ଜରୁରି । ମଛାମାଛିରୁ ସୁରକ୍ଷା ଦେବାକୁ ଫାର୍ମରେ ଜାଲି ଲଗାଇପାରିବେ । ଆଖପାଖରେ ପାଣି ଜମିବାକୁ ଦିଅନ୍ତୁନି । ନିମ୍ବ ଧୂଆଁ କିମ୍ବା ହର୍ବାଲ ସିଞ୍ଚନ କରିପାରିବେ । ଫାର୍ମରେ ଲାଇଟ୍ ଲଗାଇବା ଭଲ ବିକଳ୍ପ । ସେହିପରି ଓଦା ଦାନା, କାଠିକୁଟା, କୀଟ ଖାଇବା



ଦ୍ୱାରା କୁକୁଡ଼ାଙ୍କୁ ପତଳାଝାଡ଼ା ହୋଇପାରେ । ଏହି ଲକ୍ଷଣ ଦେଖିଲେ ଆଲବେଣ୍ଡାଜଳ ସିରାପକୁ ଗୋଟିଏ ଠିପା ଆଖିରେ ପକାଇପାରିବେ । କୁକୁଡ଼ାଙ୍କ ମୁଣ୍ଡବୁଲାଇବା ସମସ୍ୟା ତଥା ଘୁମାରୋଗ ଯୋଗୁଁ କୁକୁଡ଼ା ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏନେଇ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ । ସେହିପରି କୁକୁଡ଼ାଙ୍କ କୃମିଜନିତ ସମସ୍ୟା ଲାଗି ବର୍ଷକୁ ୪ଥର କୃମିନାଶକ ବଟିକା ଦିଅନ୍ତୁ ।

# ଆଖୁ ପତ୍ର କଳା ପଡୁଥିଲେ

ଆଖୁ ଏକ ଅର୍ଥକାରୀ ଫସଲ । ଚିନି ଗୁଡ଼ ପ୍ରସ୍ତୁତି ପାଇଁ ଆଖୁର ବ୍ୟବହାର କରାଯାଏ । ଆଖୁ ଚାଷୀଙ୍କ ପାଇଁ ଅଗଷ୍ଟ ମାସ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ସମୟଟି ଗଛ ବଢ଼ିବାର ସମୟ । ତା ସହିତ ଆଖୁରେ ଇଣ୍ଟରନୋଡ ତଥା ପବ ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଥାଏ । ସାଧାରଣତଃ ବର୍ଷାଦିନେ ଆଖୁ ଫସଲରେ ବିଭିନ୍ନ ପୋକ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ । ତନ୍ମଧ୍ୟରୁ ପତ୍ରଖିଆ ପୋକ, ଜଉପୋକ ଫସଲକୁ ଅଧିକ ପ୍ରଭାବିତ କରିଥାନ୍ତି । ପତ୍ରରୁ ରସ ଶୋଷି ନେଇଥାନ୍ତି । ଆଖୁ ପତ୍ରଗୁଡ଼ିକ ଧୀରେ ଧୀରେ କଳା ରଙ୍ଗ ହୋଇଯାଇଥାଏ । ଏହା ଗଛ ବୃଦ୍ଧିରେ ସମସ୍ୟା ସୃଷ୍ଟି କରିଥାଏ । ତେଣୁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ପତ୍ରରୁ ରସ ଶୋଷିନେଉଥିବା ଶୋଷକ କୀଟର ନିୟନ୍ତ୍ରଣ ପାଇଁ ୫ ଲିଟର କ୍ଲୋରୋପାଇରିଫସ୍ ୨୦% ଇସି ଘୋଳ କରି ଏକ ହେକ୍ଟରରେ ସିଞ୍ଚନ କରିପାରିବେ । ବର୍ଷା ବଦଳରେ ଲଗାତାର ଖରାଟିଆ ପାଗ ରହିଲେ ଆଖୁ ଫସଲରେ ଦହିଆ ପୋକ ଲାଗିବାର ଆଶଙ୍କା ଅଧିକ ଦେଖାଯାଏ । ଏହି ପୋକ ଲାଗିଲେ ଗଛରେ ମେଞ୍ଚା ମେଞ୍ଚା ଦହି ଛିଞ୍ଚିହେବା ପରି ଲାଗିଥାଏ । ତେଣୁ ଏହାର ନିୟନ୍ତ୍ରଣ ପାଇଁ ଅନୁମୋଦିତ ହାରରେ ଇମିଡାକ୍ଲୋପ୍ରିଡ କୀଟନାଶକ ସିଞ୍ଚନ କରିବା ଆବଶ୍ୟକ । ଯଦି ଚାହିଁବେ ଫସଲରେ ଜୈବିକ ଖତ ତଥା କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରିପାରିବେ । ବର୍ଷା ସମୟରେ କୀଟନାଶକ ପ୍ରୟୋଗ କରିବା ଅନୁଚିତ । ଔଷଧ ସିଞ୍ଚନ ପରେ ଯଦି ବର୍ଷା ହୋଇଯାଏ କିମ୍ବା ପୋକ ଫସଲରେ ପୁଣି ଦୃଶ୍ୟମାନ ହୁଅନ୍ତି, ୨୦ରୁ ୨୫ ଦିନ ଅନ୍ତରରେ ଉପରୋକ୍ତ କୌଣସି ଏକ କୀଟନାଶକ ସିଞ୍ଚନ କରିପାରିବେ ।



# ଚାକିରି ଛାଡ଼ି ପାଣିରେ ଚାଷ

**ଅଧୁନା ଲୋକମାନେ ଆଧୁନିକ କୌଶଳରେ ଚାଷ କରୁଛନ୍ତି । ଏଥିରେ ହାଇଡ୍ରୋପୋନିକ ଚାଷ ଅନ୍ତର୍ଭୁକ୍ତ । ଏହି କୌଶଳରେ ଚାଷୀମାନେ ଭଲ ଟଙ୍କା ରୋଜଗାର କରୁଛନ୍ତି । ତେଣୁ ଚାଷର ଚାହିଦା ଦେଖି ବିହାର, କଙ୍କଡବାଗ ଅଞ୍ଚଳର ମହମ୍ମଦ ଜାଭେଦ ସରକାରି ଚାକିରି ଛାଡି ହାଇଡ୍ରୋପୋନିକ କୌଶଳରେ ନର୍ସରୀ ଚଳାଉଛନ୍ତି । ଏହାସହିତ ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।**

୧୯୯୩ ମସିହାରେ ପାଟଣା କୃଷି ବିଜ୍ଞାନ କେନ୍ଦ୍ରରେ ସେ କାର୍ଯ୍ୟରତ ଥିଲେ । ପରବର୍ତ୍ତୀ ସମୟରେ ହାଇଡ୍ରୋପୋନିକ କୌଶଳ ସହିତ ଜଡିତ ଜ୍ଞାନ ତାଙ୍କୁ ପ୍ରଭାବିତ କରିଥିଲା । ତେଣୁ ସେ ବିନା ମାଟିରେ ପନିପରିବା ସହିତ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଇନଡୋର ଏବଂ ଆଉଟଡୋର ଗଛକୁ ପାଣିରେ ଲଗାଇଲେ । ୨୦୨୦ ମସିହାରେ ସେ ଘରେ ହାଇଡ୍ରୋପୋନିକ କୌଶଳରେ ଇନଡୋର ଏବଂ ଆଉଟଡୋର ଗଛର ଏକ ଦୋକାନ ମଧ୍ୟ ଖୋଲିଥିଲେ । ଏଠାରେ ୧୦୦ଟଙ୍କାରୁ ନେଇ ୧୦୦୦ଟଙ୍କାର ଗଛ ଉପଲବ୍ଧ ଥିଲା । ଅବଶ୍ୟ ଏହି କାମ ପାଇଁ ସେ ଚାରିଜଣଙ୍କୁ ରୋଜଗାର ଦେଇଥିଲେ । ହାଇଡ୍ରୋପୋନିକ କୌଶଳରେ ବ୍ୟବସାୟ ସହିତ ଘର, ଛାତ, ବାଲ୍‌କୋନି ସବୁଠି ଫଳ ପନିପରିବା ଫଳାଇଛନ୍ତି । ସମନ୍ୱିତ କୃଷି ପ୍ରଣାଳୀରେ ସେ ଘର ଛାତରେ କୁକୁଡ଼ା, ସ୍ୱତନ୍ତ୍ର ପକ୍ଷୀ, ମାଛ ପାଳନ କରୁଛନ୍ତି । ବର୍ତ୍ତମାନ ତାଙ୍କ ପାଖେ ୩୦୦ରୁ ଅଧିକ ଗଛ ରହିଛି । ତନ୍ମଧ୍ୟରୁ ବାଇଗଣ, ଜହ୍ନି, ଟମାଟୋ, ଲଙ୍କା, ଲାଉ ସହିତ ଅନେକ ପନିପରିବା, ଫଳ, ଅଳଙ୍କାରିକ ଗଛ ଆଦି ସାମିଲ ରହିଛି । ସବୁଠୁ ବଡ଼ କଥା ହେଉଛି, ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀରେ ସେ ଭୂଜଳସ୍ତର ସମନ୍ୱୟ ରଖିବାରେ ଯୋଗଦାନ ଦେଉଛନ୍ତି ।

ବିଦ୍ୟାର୍ଥୀଙ୍କୁ ସେ ଏ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ




ଦେଉଛନ୍ତି । ତାଙ୍କ କହିବାନୁସାରେ, ହାଇଡ୍ରୋପୋନିକ କୌଶଳରେ ଗଛର ମୂଳର ସଂରଚନା ସ୍ପଷ୍ଟ ରୂପେ ଦେଖାଯାଇଥାଏ । ଯାହାକି ମାଟିରେ ସମ୍ଭବ ହୁଏ ନାହିଁ । କେବଳ ପାଣି ବ୍ୟବହାର କରି ଏହି ଚାଷ କରିବା ସମ୍ଭବ । ଏନେଇ ସେ ହାଇଡ୍ରୋପୋନିକ୍ ଚାଷ ଉପରେ ୧୧ଟି ବହି ଲେଖିଛନ୍ତି । ଏଥିରେ ବିଭିନ୍ନ ପଦ୍ଧତିରେ ଗଛର ଦେଖାରଖା, ସହରରେ ଚାଷ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ଲେଖିଛନ୍ତି । ଭବିଷ୍ୟତରେ ହାଇଡ୍ରୋପୋନିକ ଚାଷର ଆଦର ବଢ଼ିବ । ଏଥିରେ କମ୍ ପାଣି ଏବଂ ଅଳ୍ପ ସମୟ ଲାଗିଥାଏ । ଏଥିରେ ମାଟିର ଆବଶ୍ୟକତା ନ ଥିବାରୁ ଘରେ ଜଳବାୟୁ ନିୟନ୍ତ୍ରଣ କରି ଚାଷ କରାଯାଏ । କେବଳ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଗଛରେ ତରଳ ସାର ପ୍ରୟୋଗ କରାଯାଏ । ବର୍ତ୍ତମାନ ସେ ପାଣି ସାହାଯ୍ୟରେ ହାଇଡ୍ରୋପୋନିକ ପଦ୍ଧତିରେ ଗହମ ଉତ୍ପାଦନ କରୁଛନ୍ତି । ଏଥିରେ ଯଦି ସଫଳ ହୁଅନ୍ତି ଭବିଷ୍ୟତରେ ଏହା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ ଦହିଆ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠାଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ ।
- ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଉଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇପାରିବ ।



# ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ ଆଜି

ମୁମ୍ବଇ, ୧୮।୮ (ଏଜେନ୍ସି): ଟେଷ୍ଟ କ୍ରିକେଟରେ ହିରୋର ପ୍ରଦର୍ଶନ। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୭୫୦ ରନ୍ ସଂଗ୍ରହ ଓ ଗତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର ନେତୃତ୍ୱ ନେଇ ୬୫୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଖେଳାଯିବ ଏସିଆ କପ୍। ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଗତ ୩ଟି ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଏସିଆ କପ୍ ଟିମ୍‌ରେ ସ୍ଥାନ ମିଳି ନ ପାରେ। ଏହା ମଧ୍ୟରେ ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହୋଇ ସୂର୍ଯ୍ୟକୁମାର ଯାଦବ ମୁମ୍ବଇରେ ପହଞ୍ଚିଛନ୍ତି। ସେ ଆସନ୍ତାକାଲି ହେବାକୁ ଥିବା ବୈଠକରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଏହାର ଅର୍ଥ ସ୍ପଷ୍ଟ ଯେ ସୂର୍ଯ୍ୟକୁମାର ଯାଦବ ପୂର୍ବପରି ଦଳର ଅଧିନାୟକ ରହିବେ। ସେ ଚାହୁଁଥିବା ଖେଳାଳିଙ୍କୁ ନିଶ୍ଚିତ ଦଳରେ ସୁଯୋଗ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍।

ଚୟନ କମିଟିର ସବୁଠାରୁ ବଡ଼ ଚିନ୍ତା ଶୁବମନ ଗିଲ୍‌ଙ୍କୁ ନେଇ। ଏବେ ଦଳରେ ସଞ୍ଜୁ

- ସେପ୍ଟେମ୍ବର ୯ ରୁ ଆରମ୍ଭ ଏସିଆ କପ୍
- ୧୪ରେ ଭାରତ-ପାକିସ୍ତାନ ମୁକାବିଲା
- ସାମିଲ ହୋଇ ନ ପାରନ୍ତି କିଛି ପ୍ରମୁଖ ଖେଳାଳି

କରିଥିବା ଖେଳାଳିମାନଙ୍କୁ ଅଣଦେଖା କରାଯାଇ ପାରିବ ନାହିଁ। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ ଯେଉଁ ଖେଳାଳିମାନେ ମ୍ୟାଚ୍ ଜିତାଇଛନ୍ତି, ସେମାନଙ୍କୁ ବାଦ୍ ଦେବାକୁ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ବିସିସିଆଇ ସିନିୟର ସିଲେକ୍ସନ କମିଟି ଆଦୌ ଚାହିଁ ନାହିଁ। ଚୟନ କମିଟି ଯଦି ତାହାର ଚିନ୍ତାଧାରାରେ ତିଷ୍ଠି ରୁହେ, ତେବେ ଫର୍ମରେ ଥିବା ଦୁଇ ଖେଳାଳି ଶୁବମନ ଗିଲ୍ ଓ ଇଂଲଣ୍ଡରେ ଧମାକାଦାର ଖେଳ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ଖେଳୁଛନ୍ତି। ଇଂଲଣ୍ଡ ବିପକ୍ଷରେ ୫୪ ବଲ୍‌ରୁ ୧୫୫ ରନ୍ ସଂଗ୍ରହ କରିବା ପରେ ଅଭିଷେକ ବିଶ୍ୱର ନଂ-୧ କିମ୍ବା ୨ ନମ୍ବର ବ୍ୟାଟର ଭାବେ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଓ ବାଂଲାଦେଶ ବିପକ୍ଷରେ ଗୋଟିଏ ଶତକ ହାସଲ କରିବା ପରେ ତିଳକ ବର୍ମାଙ୍କୁ ନଂ-୩ରୁ ହଟାଇବାକୁ ଚୟନ କମିଟି ସାହସ କରିବ ନାହିଁ। ଏପରି ସ୍ଥଳେ ସାମସନ, ଶର୍ମା ଓ ବର୍ମାଙ୍କ ସ୍ଥାନ ପ୍ରଥମ ୩ଟି ପୋଜିସନରେ ସୁରକ୍ଷିତ। ଏଣୁ ଦ୍ୱିତୀୟ ଓପନର ଭାବେ ଗିଲ୍‌ଙ୍କ ପରି ବ୍ୟାଟରଙ୍କୁ ଦଳରେ ସାମିଲ କରି ନ ଖେଳାଇବା ଟିମ୍ ଉପରେ ଖରାପ ପ୍ରଭାବ ପକାଇବ। ଗିଲ୍ ଏବେ କ୍ୱାଲିଟୀ ଓ ସଫଳତା ଦୃଷ୍ଟିରୁ ବିରାଟ କୋହଲିଙ୍କ ସହ ସମକକ୍ଷ ହେଉଛନ୍ତି। ଏଣୁ ଗୌତମ ଗମ୍ଭୀରଙ୍କ ସୁପାରିସ୍ ବିନା ଗିଲ୍ ଯେ ଦଳରେ ସ୍ଥାନ ପାଇବେ ନାହିଁ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଗଲେ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ଗତ ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ଗିଲ୍‌ଙ୍କୁ ଦଳରେ ଷ୍ଟାଣ୍ଡବାଇ ଖେଳାଳିଭାବେ ନିଆଯାଇଥିଲା। ଏହା ପରେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ଅଧିନାୟକ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଏଭଳି ସ୍ଥିତିରେ ତାଙ୍କୁ ଦଳରେ ସାମିଲ କରାଗଲେ କେଉଁ ପୋଜିସନରେ ଖେଳାଇବେ ତାହାକୁ ନେଇ ଚିନ୍ତା। ଏବେ ନଂ-୪ରେ ସୂର୍ଯ୍ୟକୁମାର ଯାଦବ, ଆବଶ୍ୟକ ହେଲେ ଶ୍ରେୟସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂ ଏମାନଙ୍କ ପଛରେ ବ୍ୟାଟିଂ କରିବାକୁ ଆସିବେ। ଗିଲ୍‌ଙ୍କ ଭଳି ଆୟର ମଧ୍ୟ ଦଳରେ ସ୍ଥାନ ପାଇବାର ଆଶା କମ୍। ଏଣୁ ଦୁଇ ସଫଳ ଖେଳାଳିଙ୍କୁ କିପରି ବାଦ୍ ଦିଆଯିବ, ଏହାର ପ୍ରଭାବ ଦଳ ଓ ଖେଳାଳିଙ୍କ ଉପରେ କିପରି ପଡ଼ିବ ତାହାକୁ ନେଇ ଏବେ ଚୟନ କମିଟି ଚିନ୍ତାରେ ରହିଛି।

ୱିକେଟକିପର ଭାବେ ସଞ୍ଜୁ ସାମସନ ରହିଥିଲାବେଳେ ଦ୍ୱିତୀୟ କିପର ଭାବେ ଜିତେଶ ଶର୍ମା ସ୍ଥାନ ପାଇବେ। ସ୍ପିନର ଭାବେ ଅକ୍ଷର ପଟେଲ ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦରଙ୍କ ସ୍ଥାନ ଏକପ୍ରକାର ନିଶ୍ଚିତ। କିନ୍ତୁ କୁଲଦୀପ ଯାଦବଙ୍କୁ ଯଦି ଦଳରେ ନେବାକୁ ସ୍ଥିର କରାଯାଏ ତେବେ ଏମାନଙ୍କ ସ୍ଥାନରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏପରିକି ରବି ବିଷ୍ଣୋଇଙ୍କୁ ମଧ୍ୟ ସ୍ଥାନ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେହିପରି ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯଶପ୍ରୀତ୍ ବୁମ୍‌ରା ଫିଟ ଥିବାରୁ ସେ ନଂ-୧ ପେସ୍ ବୋଲର ଭାବେ ରହିବେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସର୍ବାଧିକ ୧୪ଟି ୱିକେଟ ନେବା ଓ ଉତ୍ସାହଜନକ ଖେଳି ଭାରତକୁ ସିରିଜ୍ ବରାବର କରାଇଥିବା ମହମ୍ମଦ୍ ସିରାଜଙ୍କୁ ଏହି ଟିମ୍‌ରେ ସ୍ଥାନ ହାସଲ କରିବାକୁ ସଂଘର୍ଷ କରିପାରନ୍ତି। ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ଯୋଡିକୁ ଅଲଗା କରାଯିବ ନାହିଁ। ପାଣ୍ଡ୍ୟା ମଧ୍ୟ ପେସ୍ ବୋଲିଂ କରିବେ। ଶିବମ ଦୁବେଙ୍କ ନା ମଧ୍ୟ ଚର୍ଚ୍ଚାରେ ରହିଛି। ଭାରତ ୪ଜଣ ଅଲରାଉଣ୍ଡରଙ୍କୁ ସାମିଲ କଲେ ପାଣ୍ଡ୍ୟା, ଦୁବେ, ସୁନ୍ଦର ଓ ଉପଅଧିନାୟକ ପଟେଲଙ୍କୁ ଦଳରେ ସ୍ଥାନ ମିଳିବ। ଏଠାରେ ସୂଚନାଯୋଗ୍ୟ ଏସିଆ କପ୍ ଲାଗି ୧୫ଜଣ ଖେଳାଳିଙ୍କୁ ସାମିଲ କରାଯିବ। ଏଣୁ ଚୟନ କମିଟି କିଛି କଡ଼ା ନିଷ୍ପତ୍ତି ନେବା ନିଶ୍ଚିତ। କାରଣ ଭଲ ଖେଳୁଥିଲେ ମଧ୍ୟ ସମସ୍ତଙ୍କୁ ୧୫ଜଣଙ୍କ ମଧ୍ୟରେ ସାମିଲ କରିବା କଷ୍ଟକର। ଆସନ୍ତାକାଲି ବା ମଙ୍ଗଳବାର ହେବାକୁ ଥିବା ବୈଠକରେ ଏହା ଚୂଡାନ୍ତ ହେବ।



## ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍‌ରଞ୍ଜନ, ଶୁଭ୍ରଜିତ୍‌ଙ୍କ ଚମକ

ଭୁବନେଶ୍ୱର, ୧୮।୮ (ସମିସ): ପେରୁରେ ଅନୁଷ୍ଠିତ ପେରୁ ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେଭଲ-୨ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଦୀପ୍‌ରଞ୍ଜନ ବିଶୋୟୀ ଓ ଶୁଭ୍ରଜିତ ମହାରଣା ପଦକ ସଫଳତା ପାଇଛନ୍ତି। ପୁରୁଷ ଡବଲ୍ସ ଏସ୍‌ଏଲସ୍ ୩- ଏସ୍‌ୟୁ ୪ କାଟାଗୋରୀରେ



ଦୀପରଞ୍ଜନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ମନୋଜ ସରକାରଙ୍କୁ ସାଥୀ କରି କୋର୍ଟକୁ ଅବତୀର୍ଣ୍ଣ ହୋଇଥିଲେ। ସେହିଭଳି ଏହି କାଟାଗୋରୀରେ ଓଡ଼ିଶାର ଶୁଭ୍ରଜିତ ଓ ତାଙ୍କ ପାର୍ଟନର ମହମ୍ମଦ ଅରୱାଜ ଅନସାରୀ ଯୋଡ଼ି ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଛନ୍ତି। ଫଳରେ ଓଡ଼ିଶା ଖେଳାଳିମାନେ ମୋଟ୍ ଉପରେ ୩ଟି ପଦକ ବିଜୟୀ ହୋଇଛନ୍ତି। ଏହି ସଫଳତା ଲାଗି ଦୀପ୍‌ରଞ୍ଜନ ଓ ଶୁଭ୍ରଜିତ୍‌ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

- ଜାତୀୟ ଜୁନିଅର ହକି ଚାମ୍ପିଅନସିପ୍

## ଅପରାଜେୟ ସହ କ୍ୱାର୍ଟରରେ ଓଡ଼ିଶା



ଭୁବନେଶ୍ୱର, ୧୮।୮ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଓଡ଼ିଶା ଖେଳିଥିବା ଏହାର ୨ୟ ପୁଲ୍ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ଏକପାଖିଆ ଭାବେ ୧୦-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ, କରଣ ଲାକ୍ରା, ଦୀପକ ପ୍ରଧାନ ଓ ବିଲକାନ ଓରାମ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ମାତ୍ ଦେଇଥିଲା। ଫଳରେ ଦୁଇଟି ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଓଡ଼ିଶା ପୁଲ୍-ଡି'ରେ ଅପରାଜେୟ ରହି କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି। ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶାର ମୁକାବିଲା ମଣିପୁର ସହ ହେବ।

- ରାଜ୍ୟ ଜୁନିଅର ଓ ସବଜୁନିଅର ପେଙ୍କାକ ସିଲାଟ

## ଝାରସୁଗୁଡ଼ା ଚାମ୍ପିଅନ



ଭୁବନେଶ୍ୱର, ୧୮।୮ (ସମିସ): ଝାରସୁଗୁଡ଼ାର ପୌର ପରିଷଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମରେ ରାଜ୍ୟ ଜୁନିଅର ଓ ସବ୍‌ଜୁନିଅର ପେଙ୍କାକ ସିଲାଟ ଚାମ୍ପିଅନସିପର ୮ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପେଙ୍କାକ ସିଲାଟ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଇଣ୍ଡୋନେସିଆ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଛି। ସେହିଭଳି ସୁନ୍ଦରଗଡ଼ ୨ୟ ଓ ଖୋର୍ଦ୍ଧା ୩ୟ ସ୍ଥାନ ହାସଲ କରିଛି। ଦୁଇଦିନିଆ ପ୍ରତିଯୋଗିତାରେ ରାଜ୍ୟର ୩୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରସାଦ ତାମାଙ୍ଗ, ବିଜୟ ବେହେରା, ବିଜୟ ଦାସ, କ୍ୟାପଟେନ ମାନସ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, କୋଷାଧ୍ୟକ୍ଷ ଭବାନୀ ସାହୁ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଭାରତୀୟ ମହାସଂଘର ଆଇଟି ଡାଇରେକ୍ଟର ଆଦିଲ ମଞ୍ଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ସାଫ୍ ଚାମ୍ପିଅନସିପ୍: ଭାରତୀୟ ଦଳରେ ରୀତୁ



କଟକ, ୧୮।୮ (ସମିସ): ଭୁଟାନରେ ଖେଳାଯିବାକୁ ଥିବା ଆଗାମୀ ସାଫ୍ ଚାମ୍ପିଅନସିପ୍ ଲାଗି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ୍ ଦଳ ଘୋଷଣା କରାଯାଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଘୋଷିତ ୨୩ ଜଣିଆ ଦଳରେ ଓଡ଼ିଶାର ରୀତୁ ବଡ଼ାଇକ ସ୍ଥାନ ପାଇଛନ୍ତି। ଅଗଷ୍ଟ ୨୦ରେ ନେପାଳ ବିପକ୍ଷରେ ଖେଳି ଭାରତ ସାଫ୍ ଚାମ୍ପିଅନସିପରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ରୀତୁଙ୍କୁ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି

ଭୁବନେଶ୍ୱର, ୧୮।୮ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ସୋମବାର ଡ. ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ




ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓସ୍‌ଜାର ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ। ସେହିଭଳି ଯୁଗ୍ମ ସମ୍ପାଦକ ସଞ୍ଜୀବ ବିଶ୍ୱାଳ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଓସ୍‌ଜାର କର୍ମକର୍ତ୍ତାଙ୍କ ମଧ୍ୟରେ ସୌଖିନ ବନ୍ଧୁକ ଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ବାହୁ କୁସ୍ତି ୨ଟି ଓଜନ ବର୍ଗରେ ହୋଇଥିଲା। ୭୫ କିଗ୍ରାରୁ କମ୍ ବର୍ଗରେ ତୁଷାର ସେନାପତି, ଶକ୍ତିପ୍ରସାଦ ନନ୍ଦ ଓ ରଞ୍ଜନ ରାୟ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ୭୫ କିଗ୍ରାରୁ ଊର୍ଦ୍ଧ୍ୱ ବିଭାଗରେ ସନ୍ଦୀପ ମିଶ୍ର, ଅନାଦି କର ଓ ସଞ୍ଜୀବ ବିଶ୍ୱାଳ କ୍ରମାନ୍ୱୟରେ ପ୍ରଥମ ୩ଟି ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଅପରପକ୍ଷରେ ସୁଟିଂ ଇଭେଣ୍ଟ ୩ଟି ବୟସ କାଟାଗୋରୀକୁ ନେଇ ଆୟୋଜିତ ହୋଇଥିଲା। ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ ସ୍ୱର୍ଣ୍ଣ, ଚକ୍ରଧର ମାଝୀ ରୌପ୍ୟ ଓ ତୁଷାର ସେନାପତି କାଂସ୍ୟ ପଦକ ପାଇଥିଲେ। ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ ଓ ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ ଓ ରଜନୀକାନ୍ତ ଶତ୍ରୁସଲ୍ୟ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ଉଭୟ ପ୍ରତିଯୋଗିତାର ମହିଳାବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ହୋଇଥିଲେ। ଓସ୍‌ଜାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୀୟୁଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଣ୍ଡା ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୮ (ସମିସ): ଓଡ଼ିଶାରୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳୁଥିବା ଦୁଇ ଭଉଣୀ ରତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଲୋକସେବା ଭବନ ପରିସରରେ ପଣ୍ଡା ଭଉଣୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଆଶୀର୍ବାଦ ଲୋଡିଥିଲେ। ଅଗଷ୍ଟ ୨୫ରୁ ୩୧ ତାରିଖଯାଏ ପ୍ୟାରିସ୍‌ରେ ୱାର୍ଲ୍ଡ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କର ସଫଳତା କାମନା କରିଥିଲେ। ସୂଚନାଯୋଗ୍ୟ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଅମଳରେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗନେଉଥିବା ଓଡ଼ିଶାର ସମସ୍ତ ପ୍ରତିଯୋଗୀଙ୍କୁ ସରକାର ସମସ୍ତପ୍ରକାର ସହାୟତା ଯୋଗାଇଦେଇ ଆସୁଛନ୍ତି।

## ବୁଚି ବାବୁ କ୍ରିକେଟ୍ — ଓଡ଼ିଶା ବିପକ୍ଷରେ ନିତ୍ୟଙ୍କ ଶତକ

କଟକ,୧୮।୮ (ସମିସ): ବେଙ୍ଗାଲୁରୁରେ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ସିପିଟି ଟର୍ଫ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମୁକାବିଲାରେ ଭ୍ରମଣକାରୀ ଓଡ଼ିଶା ଦଳ ବରୋଦାକୁ ଭେଟିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବରୋଦା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ଦଳ ୩୮୧ ରନ ସଂଗ୍ରହ କରିଛି। ତେବେ ନିୟମ ମୁତାବକ ପ୍ରତ୍ୟେକ ଦଳ ପ୍ରଥମ ଇନିଂସ୍‌ରେ ସର୍ବାଧିକ ୯୦ ଓଭର ଓ ଦ୍ୱିତୀୟ ଇନିଂସ୍‌ରେ ସର୍ବାଧିକ ୪୫ ଓଭର ଖେଳି ପାରିବେ। ଏଣୁ ତ୍ରିଦିବସୀୟ ଏହି ମ୍ୟାଚ୍‌ରେ ମଙ୍ଗଳବାର ସକାଳୁ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ ଓଡ଼ିଶା ବ୍ୟାଟିଂ ଆରମ୍ଭ କରିବ।

ବରୋଦା ଅଧିନାୟକ ଅଭିମନ୍ୟୁ ସିଂହ ରାଜପୁତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଭାଗୀଦାରିରେ ଦଳ ୭୩ ରନ ସଂଗ୍ରହ କରିଥିଲା। ଓପନର ହର୍ଷ ଦେଶାଇଙ୍କୁ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ ବାମହାତୀ ସ୍ପିନର ସୁମିତ ଶର୍ମା। ଦ୍ୱିତୀୟ ୱିକେଟରେ ଓପନର ନିତ୍ୟ ପାଣ୍ଡ୍ୟା ଏବଂ ସୁକୀର୍ତ୍ତି ପାଣ୍ଡେଙ୍କ ୧୧୪ ରନର ଭାଗୀଦାରୀ ବରୋଦାକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ନିତ୍ୟ ୧୭୫ ବଲରୁ ୧୦୨ ରନ ସଂଗ୍ରହ କରି ତରଣୀ ସ'ଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସୁକୀର୍ତ୍ତି ୮୫ ରନର ପାଳି ଖେଳିଥିଲେ। ମଧ୍ୟକ୍ରମରେ ପାର୍ଥ କୋହଲି ୪୮, ମୋହିତ ମୋଙ୍ଗିଆ ୨୨, ଅଧିନାୟକ ଅଭିମନ୍ୟୁ ଦ୍ରୁତ ୫୧ ରନ ସଂଗ୍ରହ କରିଥିଲେ। ଷ୍ଟମ୍ପ ଅପସାରଣବେଳକୁ ୱିକେଟକିପର ଅକ୍ଷୟ ମୋରେ ୨୦ ଏବଂ ପ୍ରଦୀପ ଯାଦବ ୧୪ ରନରେ ଅପରାଜିତ ଥିଲେ। ଓଡ଼ିଶା ନିମନ୍ତେ ସୁନୀଲ କୁମାର ରାଉଳ ୨ଟି ଏବଂ ତରଣୀ ସ, ସମ୍ବିତ ବରାଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

### ଦୁଲୀପ ଟ୍ରଫି: ଇଶାନଙ୍କ ସ୍ଥାନରେ ଅଭିମନ୍ୟୁ ପୂର୍ବାଞ୍ଚଳ ଅଧିନାୟକ

କୋଲକାତା,୧୮।୮ (ଏଜେନ୍ସି): ଆହତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ଇଶାନ କିସାନ ଅଗଷ୍ଟ ୨୮ରୁ ଉତ୍ତରାଞ୍ଚଳ ସହ ଖେଳାଯିବାକୁ ଥିବା ଦୁଲୀପ ଟ୍ରଫିର ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ। କିସାନ ଏବେ ସୁଦ୍ଧା ପୂରା ଫିଟ୍ ହୋଇନାହାନ୍ତି। ଏଣୁ ଏନ୍‌ସିଏରୁ ଫିଟ୍‌ନେସ ସାର୍ଟିଫିକେଟ ପାଇବା ପରେ ତାଙ୍କୁ ଦଳରେ ସାମିଲ କରାଯିବ। ସେହିପରି ଆକାଶ ଦୀପ୍‌ଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ଯାହା ଫଳରେ ତାଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ୪ଟି ମ୍ୟାଚ୍ ଖେଳିଥିଲେ। ଆଘାତ ଯୋଗୁଁ ସେ ଚତୁର୍ଥ ଟେଷ୍ଟରେ ଖେଳି ପାରି ନ ଥିଲେ। ଏହି ଦୁଇଟି ପରିବର୍ତ୍ତନ ଫଳରେ ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ସ୍ଥାନରେ ରିୟାନ ପରାଗଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଶାନଙ୍କ ସ୍ଥାନରେ ଓଡ଼ିଶାର ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ଆକାଶଦୀପଙ୍କ ସ୍ଥାନରେ ଆସାମର ପେସ୍ ବୋଲର ମୁକ୍ତାର ହୁସେନଙ୍କୁ ୧୫ଜଣିଆ ଦଳରେ ସାମିଲ କରାଯାଇଛି।

## ଦଳ କିଣିବ ମହାପାତ୍ର ୟୁନିଭର୍ସାଲ ଲିମିଟେଡ

କଟକ,୧୮।୮ (ସମିସ): ଆଗାମୀ ଦିନରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗ୍‌କୁ ପ୍ରଥମ ଫ୍ରାଞ୍ଚାଇଜ୍ ମିଳିଛି। ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ଫ୍ରାଞ୍ଚାଇଜ ଘୋଷିତ ହେବା ସହ ଏହା ଦଳ କିଣିବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ କରାଯାଇଥିଲା। ଏହି କ୍ରମରେ ସମସ୍ତ ମାନଦଣ୍ଡକୁ ପୂରଣ କରି ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ପ୍ରଥମ ଫ୍ରାଞ୍ଚାଇଜ ହୋଇପାରିଛି। ପ୍ରକାଶଯୋଗ୍ୟ, ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢ଼ାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS